

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୫ ଅକ୍ଟୋବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 15 OCTOBER 2023

Vol.No. 34 ■ No. 272■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ପ୍ରଚାର ଖର୍ଚ୍ଚ ଉପରେ ଲାଗିଲା ବ୍ରେକ୍: ଆସିଲା ପ୍ରାର୍ଥୀଙ୍କ ରେଟ୍‌ଚାର୍ଟ



ନୂଆଦିଲ୍ଲୀ,୧୪/୧୦ :ବାଜି ସାରିଛି ନିର୍ବାଚନୀ ବିଗୁଲ। ଆଗକୁ ୫ ରାଜ୍ୟରେ ହେବ ବିଧାନସଭା ନିର୍ବାଚନ। ଏଥିପାଇଁ ସବୁ ଦଳର ନେତାମାନେ ଆରମ୍ଭ କରିଦେଛନ୍ତି ଜୋରସୋରରେ ପ୍ରଚାର। ତେବେ ଏହି ପ୍ରଚାରକୁ ନେଇ ନିର୍ବାଚନ କମିଶନ ମଧ୍ୟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ପ୍ରାର୍ଥୀ ଓ ରାଜନୈତିକ ଦଳଗୁଡିକ ପାଇଁ ନିର୍ବାଚନ କମିଶନ ନେଇଛନ୍ତି ଏକ ବଡ଼ ନିଷ୍ପତ୍ତି। ଏଣିକି ଦେଖି ଚାହିଁ ଖର୍ଚ୍ଚ କରିବେ ପ୍ରାର୍ଥୀ। ଆଉ ଉଡ଼ାଇ ପାରିବେନି ପୁଳାପୁଳା ଟଙ୍କା। ନିର୍ବାଚନ ପ୍ରଚାର ବେଳେ ଯିଏ ଯେତେ ଟଙ୍କା ଉଡାଇବ ସେ ସବୁ ପ୍ରାର୍ଥୀଙ୍କ ପକେଟରୁ କାଟ୍ କରାଯିବ। ଚଳିତ ଥର ନିର୍ବାଚନ ଆୟୋଗ ପ୍ରାର୍ଥୀଙ୍କ ଦ୍ୱାରା କରାଯାଉଥିବା ଖର୍ଚ୍ଚକୁ ନେଇ ତିଆରି କରିଛନ୍ତି ରେଟ୍ ଚାର୍ଟ। ଏହି ତାଲିକାରେ ନିର୍ବାଚନ ପ୍ରଚାର ସମୟରେ ଚା', କଫି, ସମୋସା, ରସଗୋଲା, ଆଇସକ୍ରିମ ସମେତ ପ୍ରତ୍ୟେକଟି ଜିନିଷର ଦାମ୍ ନିର୍ଦ୍ଧାରିତ କରାଯାଇଛି। ପ୍ରଚାରରେ ହୋଇଥିବା ସବୁ ଖର୍ଚ୍ଚ ପ୍ରାର୍ଥୀଙ୍କ ଖାତାରୁ କଟା ଯିବ। ନିର୍ବାଚନ ଆୟୋଗ ପ୍ରଚାର ସମାଗ୍ରୀ ଓ ସଭାରେ କାମରେ ଲାଗୁଥିବା ଜିନିଷକୁ ନେଇ ମଧ୍ୟ ଦାମ୍ ନିର୍ଦ୍ଧାରିତ କରିଛନ୍ତି। କମିଶନ ନିଜ ରେଟ୍ ତାଲିକା ଅନୁସାରେ ବୈଠକରେ ବ୍ୟବହୃତ ହେଉଥିବା ଜିନିଷ ଓ ପ୍ରଚାର ସାମଗ୍ରୀର ମୂଲ୍ୟ ସ୍ଥିର କରିଛନ୍ତି। ଆୟୋଗ ଏହାର ତାଲିକା ଅନୁଯାୟୀ ପ୍ରାର୍ଥୀଙ୍କ ଖର୍ଚ୍ଚ ଆକଳନ କରିବେ। ବାସ୍ତବରେ ପ୍ରାର୍ଥୀମାନେ ନିର୍ବାଚନ ସମୟରେ କୋଟି କୋଟି ଟଙ୍କା ଖର୍ଚ୍ଚ କରନ୍ତି। କିନ୍ତୁ ଆଉ ତାହା ସମ୍ଭବ ହୋଇପାରିବ ନାହିଁ। କାରଣ ପ୍ରାର୍ଥୀଙ୍କ ପ୍ରତ୍ୟେକ ଖର୍ଚ୍ଚ ନିର୍ବାଚନ ଆୟୋଗ ଦ୍ୱାରା ତଦାରଖ କରାଯିବ। ଜିଲ୍ଲା ନିର୍ବାଚନ ଅଧିକାରୀ ପ୍ରତ୍ୟେକ ପ୍ରାର୍ଥୀଙ୍କ ଖର୍ଚ୍ଚ ମନିଟରିଂ କରିବେ। ଜାରି ହୋଇଥିବା ରେଟ୍‌ଚାର୍ଟ ଅନୁସାରେ ପ୍ଲାଷ୍ଟିକ୍ ଚୌକିର ଦାମ୍ ୫ ଟଙ୍କା, ଭିଆଇପି ଚୌକିର ଦାମ ୧୦୫, କାଠ ଟେବୁଲ ୫୪, ଟ୍ୟୁବଲାଇଟ୍ ୧୦, ୫୦୦ ୱାଟ୍ ହାଲୋଜିନ ଲାଇଟ ୪୨, ୧୦୦୦ ୱାଟ୍‌ର ୭୪ଟଙ୍କା, ଭିଆଇପି ସୋଫା ୬୩୦ ଟଙ୍କା ଭାବେ ପ୍ରାର୍ଥୀଙ୍କ ଖାତାରେ ଯୋଡା ଯିବ। ସେହିପରି ଖାଦ୍ୟ ପ୍ରତି ପ୍ଲେଟ୍ ୭୧ ଟଙ୍କା, ୫ ସିଟର କାର ଭଡ଼ା ଦିନକୁ ୨୬୨୫, ୨୦ ସିଟର ମିନିବସ୍ ୬୩୦୦, ୩୫ ସିଟର ବସ୍ ▶▶ପୃଷ୍ଠା ୭

## ଚଳନ୍ତା ଗାଡ଼ିରେ ଲାଗିଲା ନିଆଁ: ଅଳ୍ପକେ ବର୍ତ୍ତିଲେ ୬ ଯାତ୍ରୀ

କୋରାପୁଟ, ୧୪/୧୦ (ନି.ପ୍ର): କୋରାପୁଟ ସହର ଉପକଣ୍ଠସ୍ଥ ନିଉ କଲୋନୀ ନିକଟରେ ଆଜି ସନ୍ଧ୍ୟାରେ ଏକ ଚଳନ୍ତା ବୋଲେରୋ ଗାଡ଼ିରେ ନିଆଁ ଲାଗିଯାଇଥିଲା। ସୂଚନା ପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଘଟଣା ଯୋଗୁଁ ୨୬ ଜାତୀୟ ରାଜପଥରେ କିଛି ସମୟ ପାଇଁ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ପରେ ସ୍ଥାନୀୟ ପୁଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲା ଓ ଗାଡ଼ି ମୋଟର ଚଳାଚଳ ସ୍ୱାଭାବିକ ହୋଇଥିଲା। ବୋଲେରୋଟିରେ ଦୁଇ ଜଣ ମହିଳା ଓ ଚାରି ଜଣ ପୁରୁଷ ଥିଲେ।

## ଆଠଗଡ଼ରେ ବିଜେପିର ସଂକଳ୍ପ ସମାବେଶରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ଆଠଗଡ ୧୪।୧୦: କଟକ ଜିଲ୍ଲା ଆଠଗଡରେ ରଣହୁଙ୍କାର ଦେଇଛି ଭାରତୀୟ ଜନତା ପାର୍ଟି । ସ୍ଥାନୀୟ ମହୋତ୍ସବ ପଡିଆରେ ସଂକଳ୍ପ ସମାବେଶ ଜରିଆରେ ସ୍ୱଚ୍ଛ ଓ ଦୁର୍ନୀତି ମୁକ୍ତ ତଥା ସ୍ୱାଭିମାନ ଆଠଗଡ ଗଠନ ପାଇଁ ଦଳ ପକ୍ଷରୁ ଏକ ସଂକଳ୍ପ କରାଯାଇଛି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଏହି ସମାବେଶରେ ବିଜେପି ସିଧାସଳଖ ଆଠଗଡ ବିଧାୟକ ତଥା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ଟାର୍ଗେଟ କରିଛି । ବିଶେଷ କରି ସାଧାରଣ ନିର୍ବାଚନ ଆଡକୁ ସମୟ ଯେତିକି ଯେତିକି ଅଗ୍ରସର ହେଉଛି ସେତିକି ଚଳଚଞ୍ଚଳ ହେଉଛି ରାଜ୍ୟ ରାଜନୀତି । ଏହାରି ଭିତରେ କଟକ ଜିଲ୍ଲାରେ ▶▶ପୃଷ୍ଠା ୭

## ଖୋଲିଲା ଶିମିଳିପାଳ ଅଭୟାରଣ୍ୟ



### ପ୍ରଥମ ଦିନରେ ବୁଲିଲେ ୧୭୬ ପର୍ଯ୍ୟଟକ

ବାରିପଦା, ୧୪/୧୦ (ନି.ପ୍ର): ପ୍ରାକୃତିକ ସମ୍ପଦରେ ଭରପୁର ଶିମିଳିପାଳ ଜାତୀୟ ଉଦ୍ୟାନ। ଆଜିଠାରୁ ଉଦ୍ୟାନ ପର୍ଯ୍ୟଟକଙ୍କ ପାଇଁ ଖୋଲିଛି। ପ୍ରଥମ ଦିନରେ ୧୭୬ ପର୍ଯ୍ୟଟକ ଶିମିଳିପାଳର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିଛନ୍ତି। ବନ ବିଭାଗ ପକ୍ଷରୁ ଗୋଲାପ ଫୁଲ ଦେଇ ପର୍ଯ୍ୟଟକଙ୍କୁ ସ୍ୱାଗତ କରାଯାଇଥିଲା। ପ୍ରତିବର୍ଷ ନଭେମ୍ବର ୧ ତାରିଖରେ ପର୍ଯ୍ୟଟକଙ୍କ ପାଇଁ ଖୋଲିଥାଏ ଶିମିଳିପାଳ ଜାତୀୟ ଉଦ୍ୟାନ। ହେଲେ ଚଳିତବର୍ଷ ୧୫ ଦିନ ପୂର୍ବରୁ ଶିମିଳିପାଳ ଅଭୟାରଣ୍ୟ ଖୋଲିଛି। ଚଳିତବର୍ଷ ପାଗ ଭଲ ଥିବାରୁ ଶୀଘ୍ର ଅଭୟାରଣ୍ୟ ଖୋଲିଛି। ସେଥିପାଇଁ ଆଜି ସକାଳୁ ସକାଳୁ ଶିମିଳିପାଳର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ଲାଗିଥିଲା ପ୍ରବଳ ଭିଡ଼। ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡର ପର୍ଯ୍ୟଟକମାନେ ଶିମିଳିପାଳ ତନଖି ଫାଟକରେ ଭିଡ଼ ଲଗାଇଥିଲେ। ଆଜି ପ୍ରଥମ ଦିନରେ ବାରିପଦା ପୀଠବଟା ଗେଟ୍? ଓ ଯଶିପୁରର କାଳିଆମି ଗେଟ୍ ପାର୍ଶ୍ୱରୁ ବନବିଭାଗ ପକ୍ଷରୁ ପର୍ଯ୍ୟଟକଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରାଯାଇଥିଲା। ପର୍ଯ୍ୟଟକମାନଙ୍କ ସ୍ୱାଗତ ଜଣାଇବା ପାଇଁ ସ୍ଥାନୀୟ ଅଧିବାସୀମାନେ ମାଦଳ ବଜାଇ ନାଚ ଗୀତରେ ସ୍ୱାଗତ କରିଥିଲେ। ଆଜି ବାରିପଦା ପାର୍ଶ୍ୱରୁ ୨୫ଟି ଗାଡି ଓ ଯଶିପୁର ପଟୁ ୩୫ଟି ଗାଡ଼ି ଶିମିଳିପାଳ ଅଭୟାରଣ୍ୟକୁ ପ୍ରବେଶ ଅନୁମତି ମିଳିଛି। ୧୭୬ ପର୍ଯ୍ୟଟକ ପ୍ରଥମ ଦିନରେ ଶିମିଳିପାର ପ୍ରାକୃତିକ ମନୋରମ ଦୃଶ୍ୟକୁ ଉପଭୋଗ କରିଛନ୍ତି। ଶିମିଳିପାଳ ଅଭୟାରଣ୍ୟ ଭିତରକୁ ଯିବା ପାଇଁ ସକାଳ ୬ଟାରୁ ସକାଳ ୯ଟା ଯାଏଁ ପ୍ରବେଶ ଅନୁମତି ରହିଛି। ଶିମିଳିପାଳରେ ରାତ୍ର ଯାପନ ପାଇଁ ପର୍ଯ୍ୟଟକମାନେ ▶▶ପୃଷ୍ଠା ୭

## ମାହାଙ୍ଗା ଡବଲ୍ ମର୍ଡର: ବିଧାୟକ ପ୍ରତାପ ଜେନାଙ୍କୁ କୋର୍ଟଙ୍କ ସମନ ହସ୍ତାନ୍ତର

ମାହାଙ୍ଗା, ୧୪/୧୦ (ନି.ପ୍ର): ମାହାଙ୍ଗା ଡବଲ୍ ମର୍ଡର ମାମଲାରେ ବିଧାୟକ ପ୍ରତାପ ଜେନାଙ୍କୁ କୋର୍ଟଙ୍କ ସମନ ହସ୍ତାନ୍ତର କରାଯାଇଛି। ତାଙ୍କ ଭୁବନେଶ୍ୱର ସ୍ଥିତ ବାସଭବନରେ ପହଞ୍ଚି ସମନ ହସ୍ତାନ୍ତର କରିଛନ୍ତି ସ୍ପେଶାଲ ମେସେଞ୍ଜର। ଅକ୍ଟୋବର ୩୧ ତାରିଖରେ ପ୍ରତାପ ଜେନାଙ୍କୁ ହାଜର ହେବାକୁ ସମନରେ ନିର୍ଦ୍ଦେଶ ହୋଇଛି। ସାଲେପୁର ଔଗରଉ କୋର୍ଟ ପକ୍ଷରୁ ପ୍ରତାପଙ୍କୁ ଏହି ସମନ କରାଯାଇଛି। କୋର୍ଟଙ୍କ ପକ୍ଷରୁ ସ୍ପେଶାଲ ମେସେଞ୍ଜରଙ୍କ ହାତରେ ସମନ ପଠାଯାଇଥିଲା।ସ୍ପେଶାଲ ମେସେଞ୍ଜର ଆଜି ଭୁବନେଶ୍ୱର ଆସି ପ୍ରତାପ ଜେନାଙ୍କୁ ସମନ ହସ୍ତାନ୍ତର କରିଥିଲେ। ଶ୍ରୀ ଜେନା ଦସ୍ତଖତ କରି ସମନ ଗ୍ରହଣ କରିଥିଲେ। ମାହାଙ୍ଗା ଡବଲ୍ ମର୍ଡର ଘଟଣାରେ ବିଧାୟକ ପ୍ରତାପ ଜେନାଙ୍କ ବିରୋଧରେ ହତ୍ୟା, ହତ୍ୟା ଷଡ଼ଯନ୍ତ୍ର ଓ ଧମକ ଭଳି ଦଫାରେ ମାମଲା ଚାଲୁ ରଖିବାକୁ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ ସାଲେପୁର ଔଗରଉ କୋର୍ଟ। ୨୦୨୧ ଜାନୁଆରୀ ୨ ତାରିଖ ସନ୍ଧ୍ୟାରେ ମାହାଙ୍ଗାର ବରିଷ୍ଠ ବିଜେପି ନେତା କୁଳମଣି ବରାଳ (୭୫) ଓ ତାଙ୍କ ସଂପର୍କୀୟ ଦିବ୍ୟ ସିଂହ ବରାଳ (୮୨)ଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଏହି ମାମଲାରେ ୧୩ ଜଣଙ୍କ ନାଁରେ ଥାନାରେ ଅଭିଯୋଗ ହୋଇଥିଲା । ବିଧାୟକ ପ୍ରତାପ ଜେନାଙ୍କ ବିରୋଧରେ ମଧ୍ୟ ହୋଇଥିଲା ମାମଲା । ତେବେ ପୁଲିସ ଚାର୍ଜସିଟ୍ ଦାଖଲ ବେଳେ ମନ୍ତ୍ରୀଙ୍କ ନାଁକୁ କାଟି ଦେଇଥିଲା।



## ଟିଉସନରୁ ଫେରୁଥିଲେ ୩ ଛାତ୍ର: ପିଟିଦେଲା ପିକ୍‌ଅପ୍ ଭ୍ୟାନ୍

ବାଙ୍କୀ, ୧୪/୧୦ (ନି.ପ୍ର): ଟିଉସନ ସାରି ହସଖୁସିରେ ଘରକୁ ଫେରୁଥିଲେ। ମାତ୍ର ଖୁସି ସହିଲାନି ଦଇବ । ଘରେ ପହଞ୍ଚିବା ପୂର୍ବରୁ ହିଁ ବାଟରେ ଜଗିଥିଲା ଯମ । ଫଳରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଦଶମ ଶ୍ରେଣୀର ୩ ଛାତ୍ରଙ୍କ ମୃତ୍ୟୁ ହୋଇଛି। ଏପରି ଏକ ଦୁଃଖଦ ଘଟଣା ଆଜି ସକାଳେ କଟକ ଜିଲ୍ଲା ବାଙ୍କୀ ଥାନା ଅନ୍ତର୍ଗତ ରଣ ଶଙ୍ଖଠାରେ ଘଟିଛି । ମୃତ ଛାତ୍ରମାନେ ଦଶମ ଶ୍ରେଣୀରେ ପଢୁଥିବା ବେଳେ ସେମାନଙ୍କ ନାଁ ଜଣାପଡ଼ିନି। ସେମାନଙ୍କ ଘର ହରିଦାସପୁର ଓ ଶୁଖୁଆଖଳାରେ ବୋଲି ଜଣାଯାଇଛି। ତିନି ଛାତ୍ର ଆଜି ଚକୁଳେଶ୍ୱର ଗ୍ରାମରୁ ଟିଉସନ ସାରି ଏକ ବାଇକ୍ ଯୋଗେ ନିଜ ଘରକୁ ଫେରୁଥିଲେ। ମାତ୍ର ରଣ ଶଙ୍ଖ ଠାରେ ଏକ ପିକ୍‌ଅପ୍ ଭ୍ୟାନ୍ ସେମାନଙ୍କୁ ପଛରୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିଲା। ଆଉ ଜଣେ ଗୁରୁତର ଛାତ୍ରଙ୍କୁ ପ୍ରଥମେ ବାଙ୍କି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସେ ଆଖି ବୁଜି ଦେଇଥିଲେ । ଖବର ପାଇ ଘଟଣାସ୍ଥଳରେ ବହୁ ସଂଖ୍ୟାରେ ଲୋକ ରୁଣ୍ଡ ହୋଇଥିବା ବେଳେ ଉତ୍ତେଜନା ପ୍ରକାଶ ପାଇଛି। ଦୁଇ ମୃତ ଛାତ୍ରଙ୍କୁ ବାଙ୍କି ମେଡିକାଲରେ ରଖାଯାଇଥିବା ବେଳେ କାନ୍ଦି ବୋବାଳିରେ ଫାଟି ପଡୁଛି ମେଡିକାଲ ପରିସର। ପୁଲିସ୍ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

## ପାକିସ୍ତାନ ବିରୋଧରେ ଭାରତର ବିଶାଳ ବିଜୟ

### ଭାରତୀୟ ଟିମକୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୧୪/୧୦ : ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଧୂଳି ଚାଟିଛି ପାକିସ୍ତାନ। ବିଶ୍ୱକପରେ ପାକିସ୍ତାନରେ ମୁଣ୍ଡରେ ଲାଗିଥିବା କଳଙ୍କ ୮-୦ ବି ହୋଇଯାଇଛି। ପୂର୍ବରୁ ବିଶ୍ୱକପରେ ଭାରତ ୭ ଥର ପାକିସ୍ତାନ ଠାରୁ ଜିତିଥିଲା। ଆଜିର ବିଜୟ ପରେ ଏହି ସଂଖ୍ୟା ୮-୦ ହୋଇ ଯାଇଛି। ବିଶ୍ୱର ସର୍ବବୃହତ୍ତ ଷ୍ଟାଡିୟମରେ ଭାରତୀୟ ବୋଲରଙ୍କ ପରାକ୍ରମ ପରେ ଅଧିନାୟକ ରୋହିତ ଶର୍ମାଙ୍କ ବିସ୍ଫୋରଣ ଦେଖିବାକୁ ମିଳିଛି। ବିଶ୍ୱକପର ଏହି ମହାମୁକାବିଲାରେ ଆରମ୍ଭରୁ ଶେଷ ଯାଏ କେବଳ ଭାରତୀୟ ବ୍ୟାଟର ଓ ବୋଲରଙ୍କ ଦବଦବା ଦେଖିବାକୁ ମିଳିଛି। ବ୍ୟାଟିଂରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ପାକିସ୍ତାନ ବୋଲିଂରେ ମଧ୍ୟ ବିଶେଷ କିଛି କରି କରିପାରିନାହିଁ। ନରେନ୍ଦ୍ର ମୋଦି ଷ୍ଟାଡିୟମରେ ସୃଷ୍ଟି ହୋଇଥିବା ଦର୍ଶକଙ୍କ ନୀଳ ସମୁଦ୍ର ଭିତରେ ରୋହିତ ଆଣ୍ଡ କୋ ତ୍ରିରଙ୍ଗା ଉଡ଼ାଇଛନ୍ତି। ସାରା ବିଶ୍ୱର ନଜର ଏହି ମ୍ୟାଚ ଉପରେ ଥିବା ବେଳେ ଷ୍ଟାଡିୟମରେ ୧.୨ ଲକ୍ଷରୁ ଅଧିକ ଲୋକ ଉପସ୍ଥିତ ଥିଲେ। ସମସ୍ତଙ୍କ ସାମ୍ନାରେ ଭାରତ ବିଜୟ ହାସଲ କରିଛି। ଚଳିତ ବିଶ୍ୱକପରେ ଏହା ଭାରତର ହ୍ୟାଟ୍ରିକ ବିଜୟ। ଏହି ବିଜୟ ସହ ଦଳ ପଏଣ୍ଟ ଟେବୁଲର ୧ନଂ ସ୍ଥାନରେ ମଧ ପହଞ୍ଚି ଯାଇଛି। ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ୪୨.୫ ଓଭରରେ ସମସ୍ତ ୱିକେଟ ହରାଇ କେବଳ ୧୯୧ ରନ କରିଥିଲା। ଭାରତ ପାଇଁ ମହମ୍ମଦ ସିରାଜ, ଯଶପ୍ରୀତ ବୁମ୍ରା, କୁଲଦୀପ ଯାଦବ, ରବୀନ୍ଦ୍ର ଜାଡେଜା ଓ ହାର୍ଦ୍ଦିକ ପାଣ୍ଡ୍ୟା ଦୁଇଟି ଲେଖାଏ ୱିକେଟ ନେଇଛନ୍ତି। ୧୯୨ ରନର ଛୋଟିଆ ଟାର୍ଗେଟକୁ ପିଛା କରୁଥିବା ଭାରତ ୧୨୭ ବଲ ପୂର୍ବରୁ ମାତ୍ର ୩ ୱିକେଟ ହରାଇ ଏହାକୁ ହାସଲ କରିନେଇଛି। ଭାରତକୁ ଜିତିବା ପାଇଁ ୧୨୮ ବଲରେ ୪ ରନର ଆବଶ୍ୟକ ଥିବା ବେଳେ ଶ୍ରେୟସ ଆୟର ଚୌକା ମାରି ମ୍ୟାଚ୍ ଶେଷ କରିଥିଲେ। ଭାରତ ପକ୍ଷରୁ ଅଧିନାୟ ରୋହିତ ଶର୍ମା ବିସ୍ଫୋରକ ୮୬ ରନର ଇନିଂସ ଖେଳିଛନ୍ତି। ଆଫଗାନିସ୍ତାନ ବିପକ୍ଷରେ ସେ ୧୩୧ ରନର ଇନିଂସ ଖେଳିଥିଲେ। ତେବେ ବୋଲିଂରେ ଦମ ଦେଖାଇଥିବା ବୁମ୍ରାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ମିଳିଛି। ସେ ୭ ଓଭରରେ ୧୯ ରନ ଦେଇ ଦୁଇଟି ୱିକେଟ ନେଇଥିଲେ। ଏହା ମଧରେ ▶▶ପୃଷ୍ଠା ୭

## ଲଦାଖଠୁ ନେଇ ଅରୁଣାଚଳପ୍ରଦେଶ ଯାଏଁ ୩୦ହଜାର କୋଟି ଟଙ୍କାରେ ଗାଁ, ସେନାଶିବିର, ହେଲିପ୍ୟାଡ୍, ମୋବାଇଲ ଟାୱାର, ସୁଡ଼ଙ୍ଗ ନିର୍ମାଣ କରୁଛି ଡ୍ରାଗନ

ନୂଆଦିଲ୍ଲୀ,୧୪/୧୦ :ସୁଧୁରୁନି ଚୀନ । ସାଟେଲାଇଟ ଫଟୋରେ ବାରମ୍ବାର ଧରାପଡୁଛି ଚୀନର ଚାଲ । ଏଲଏସସି ନିକଟରେ ଗାଁ ନିର୍ମାଣ କରୁଛି ଡ୍ରାଗନ । ଲଦାଖଠୁ ନେଇ ଅରୁଣାଚଳପ୍ରଦେଶ ପର୍ଯ୍ୟନ୍ତ ଚୀନ ଗାଁ ସହ ସେନା ଶିବିର ନିର୍ମାଣ କରୁଥିବା ପୁଣି ଥରେ ପ୍ରମାଣ ଦେଇଛି ସାଟେଲାଇଟ ଫଟୋ । କେବଳ ସେତିକି ନୁହେଁ ୱାଚ ଟାୱାର ସହ ମୋବାଇଲ ଟାୱାରର ନିର୍ମାଣ କାମ ଦ୍ରୁତ ଗତିରେ କରିଛି । କଂକ୍ରିଟରେ ନିର୍ମିତ ଘର ଗୁଡିକ ଏଭଳି ଢଙ୍ଗରେ ବନାଯାଇଛି ଯେ ଯେକୌଣସି ପାଣିପାଗରେ ମୁକାବିଲା କରିପାରିବ ଚୀନ ସେନା



। ଏଲଏସିଠୁ ୩ହଜାର ୪୪୮ କିଲୋମିଟ ଦୂରରେ ଥିବା ଶିୟାଓକୋଙ୍ଗା ସ୍ଥାନରେ ୬୩୮ ଗାର ନିର୍ମାଣ ସରିଛି । ଅଧିକାଂଶ ଗାଁ ଉତରାଖଣ୍ଡ, ସିକ୍କିମ ଓ ଅରୁଣାଚଳପ୍ରଦେଶ ସୀମାକୁ ଲାଗିକି ରହିଛି । ଏଥିସହ ଅସ୍ତ୍ରଶସ୍ତ୍ର ରଖିବାବୁକ ଷ୍ଟୋରେଜ ଓ ହେଲିପ୍ୟାଡ ମଧ୍ୟ ରହିଛି । ଏହା ପାଇଁ ଚୀନ ପ୍ରାୟ ୩୪ହଜାର କୋଟି ଟଙ୍କା ଖର୍ଚ୍ଚ କରିଛି । ଏଥିସହ ସବସିସଡି ମଧ୍ୟ ଲୋକଙ୍କ ଦେଇ ପ୍ରଲୋଭିତ କରୁଛି । ସେପଟେ ଚୀନକୁ ଟକ୍କର ଦେବାକୁ ଭାରତ ମଧ ଭାଇବ୍ରେଂଟ ଭିଲେଜ ନିର୍ମାଣକୁ ଜୋରଦାର କରିଛି ।

## ଭୟଙ୍କର ହେଉଛି ଇସ୍ରାଏଲ-ହମାସ ଯୁଦ୍ଧ: ଗାଜାରେ ପଶିଲା ଇସ୍ରାଏଲ ଡିଫେନ୍ସ ଫୋର୍ସ

ନୂଆଦିଲ୍ଲୀ,୧୪/୧୦ : ଇସ୍ରାଏଲ ଓ ହମାସ ଚରମପନ୍ଥୀଙ୍କ ମଧ୍ୟରେ ଲାଗି ରହିଥିବା ଯୁଦ୍ଧ ଉଗ୍ରରୂପ ନେବାରେ ଲାଗିଛି । ଗୋଟିଏ ପଟେ ହମାସ ଇସ୍ରାଏଲ ଉପରେ ଆକ୍ରମଣ କରୁଥିବା ବେଳେ ଇସ୍ରାଏଲ ମଧ୍ୟ ହମାସ ଚରମପନ୍ଥୀଙ୍କୁ ନିପାତ କରିବାକୁ ଶପଥ ନେଇଛି । ଏହି କ୍ରମରେ ଗତକାଲି ଇସ୍ରାଏଲ ସେନା ଗାଜାରେ ଥିବା ଲୋକଙ୍କୁ ୨୪ ଘଣ୍ଟା ମଧ୍ୟରେ ସ୍ଥାନ ଛାଡିବାକୁ ଚେତାବନୀ ଦେବା ପରେ ଏବେ ଲକ୍ଷ ଲକ୍ଷ ଲୋକ ଗାଜା ଛାଡି ଅନ୍ୟତ୍ର ପଳାୟନ କରୁଛନ୍ତି । ସେପଟେ ଇସ୍ରାଏଲ ସେନା ଏକ ପୂର୍ଣ୍ଣାଙ୍ଗ ରଣନୀତି ପ୍ରସ୍ତୁତ କରିଛି । ଆକାଶ ଓ ଜଳପଥରେ ଘନଘନ ଆକ୍ରମଣ ପରେ ଏବେ ସ୍ଥଳପଥରୁ ଜୋରଦାର ହେବ ଯୁଦ୍ଧ । ଅନ୍ୟପଟେ ହମାସକୁ ନିଜ ଗଡ଼ରେ ହରାଇବା ଇସ୍ରାଏଲ ପାଇଁ ସହଜ ହୋଇନପାରେ । କାରଣ ଜନବହୁଳ ଇଲାକାରରେ ହମାସ ନିର୍ମାଣ କରିଥିବା ସିକ୍ରେଟ ସୁଡ଼ଙ୍ଗ ସେନା ପାଇଁ ବଡ ଚ୍ୟାଲେଂଜ ହୋଇପାରେ । ଇସ୍ରାଏଲ ସେନା ଶୁକ୍ରବାର ଗାଜାବାସୀଙ୍କ ଘର ଛାଡି ଚାଲିଯିବାକୁ ୨୪ଘଂଟାର ସମୟ ଦେଇଥିଲା । ଅନ୍ୟପଟେ ଗାଜାବାସୀଙ୍କୁ ଅପିଲ କରି ଘର ନଛାଡିବାକୁ ଅପିଲ କରିଥିଲା ହମାସ ।



# ହବିଷ୍ୟାଳୀ ମା' ମାନଙ୍କୁ ସମସ୍ତ ସୁବିଧା ଯୋଗାଇବା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ପୁରୀ , ୧୪/୧୦ (ନି.ପ୍ର): ପୁରୀରେ କାର୍ତ୍ତିକ ମାସ ର ରାଇଦାମୋଦର ବ୍ରତ ବା ହବିଷ୍ୟାଳୀ ବ୍ରତ ଚଳିତ ମାସ ୨୯ ତାରିଖ ରୁ ଆରମ୍ଭ ହେବ। ମା ମାନେ ଏକମାସ ୫ ଗୋଟି ହବିଷ୍ୟାଳୀ ନିବାସ ରେ ରହି ବ୍ରତ ପାଳନ କରିବେ। ମା ମାନଙ୍କର ସୁବିଧା ରହଣି ସହ ଅନ୍ୟାନ୍ୟ ସମସ୍ତ ବ୍ୟବସ୍ଥା ସୁନ୍ଦର ଓ ଶୃଙ୍ଖଳିତ ଭାବେ ପରିଚାଳନା କରିବାକୁ ଜିଲ୍ଲାପାଳ ସମର୍ଥ ବର୍ମା ପରାମର୍ଶ ଦେଇଛନ୍ତି। ଏ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଶ୍ରୀ ବର୍ମା ଏଥିରେ ଅଧ୍ୟକ୍ଷତା କରିବା ସହ ରହଣି ବ୍ୟବସ୍ଥା ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ମନ୍ଦିର ଦର୍ଶନ, ମହାପ୍ରସାଦ ସେବନ,ସଂଧ୍ୟାରେ ଭଜନ ପ୍ରବଚନ ଇତ୍ୟାଦି ର ସୁବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ। ଗତବର୍ଷ ର ଅଭିଜ୍ଞତା ଆଧାର ରେ ଚଳିତ ବର୍ଷ ମଧ୍ୟ ଆହୁରି ଭଲ ଭାବେ ଏହାକୁ ପରିଚାଳନା କରିବାକୁ ସେ ମତ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ କାର୍ଯ୍ୟସୂଚୀ ଅନୁସାରେ ଆଲୋଚନା କରିବା ସହ ପ୍ରତ୍ୟେକ ବିଭାଗ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ।ପ୍ରାୟ ୩ ହଜାର ହବିଷ୍ୟାଳୀ ମା ମାନଙ୍କୁ ଚଳିତ ବର୍ଷ ବୃନ୍ଦାବତୀ ନିବାସ,ଅକ୍ଷୟ ପାତ୍ର, ବଗଲା ଧର୍ମଶାଳା, ବାଗେଡିଆ ଧର୍ମଶାଳା ଓ ମୋଚିସାହି କଲ୍ୟାଣ ମଣ୍ଡପ ରେ ରଖାଯିବାର ବ୍ୟବସ୍ଥା କରାଯାଇଛି। ସମସ୍ତ ରହଣି ସ୍ଥଳ କୁ ପ୍ରସ୍ତୁତ କରାଯାଉଛି। ସେହିପରି ସ୍ୱାସ୍ଥ୍ୟ ସେବା ପାଇଁ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା ଗ୍ରହଣ କରିବା, ଅନ୍ତେବାସୀ ମା ମାନଙ୍କୁ ପରିଚୟ ପତ୍ର ପ୍ରଦାନ, ସହାୟକ ସ୍ୱଚ୍ଛାସେବୀ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା, ଅଗ୍ନି ନିର୍ବାପକ ସ୍ନାନ ସମୟରେ ସୁରକ୍ଷା ବ୍ୟବସ୍ଥା, ପରିବହନ ବ୍ୟବସ୍ଥା,ପାନୀୟ ଜଳ, ବିଦ୍ୟୁତ ବ୍ୟବସ୍ଥା, ମହାପ୍ରସାଦ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯିବା ସହ ବିଭାଗୀୟ ଅଧିକାରୀ ମାନେ ଏହାର ସୁବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ନିତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ,ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଅତିରିକ୍ତ ଏସ ପି ଦେବବ୍ରତ ଚକ୍ର, ଉପଜିଲ୍ଲାପାଳ ଭବତାରଣ ସାହୁ, ସିଡିଏମଓ ଡା ସୁଜାତା ମିଶ୍ର, ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ମନ୍ଦିର ପରିଚାଳନା କମିଟିର ସଦସ୍ୟ ବୃନ୍ଦ, ଏନ ଆଇ ସି ର ଡିଆଇଓ ବିଶ୍ୱନାଥ ପଣ୍ଡା, ଜିଲ୍ଲା କ୍ରିଡା ଅଧିକାରୀ ଚନ୍ଦନ ସାହୁ, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଓ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବଲାଙ୍ଗିର ଜିଲ୍ଲା ଯୋଜନା କମିଟି ବୈଠକ

ବଲାଙ୍ଗିର , ୧୪/୧୦ (ନି.ପ୍ର): ଆଜି ସ୍ଥାନୀୟ ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ର ସମ୍ମିଳନୀ କକ୍ଷ ଠାରେ ବଲାଙ୍ଗିର ଜିଲ୍ଲା ଯୋଜନା କମିଟି ବୈଠକ ବଲାଙ୍ଗିର ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ତଥା ପାଟଣାଗଡ ବିଧାୟକ ଶ୍ରୀ ସରୋଜ କୁମାର ମେହେରଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜଳ ସମ୍ପଦ ,ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ , ଲୋକସଭା ସାଂସଦ ଶ୍ରୀମତୀ ସଂଗୀତା କୁମାରୀ ସିଂହଦେଓ, ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ,କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା , ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଦେବକୀ ସାହୁ, ଜିଲ୍ଲାପାଳ ଚଞ୍ଚଳ ରାଣା ,ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂଙ୍କ ସମେତ ଜିଲ୍ଲା ଯୋଜନା କମିଟି ର ସମସ୍ତ ସଦସ୍ୟ ସଦସ୍ୟା ଓ ବିଭାଗୀୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ବୈଠକରେ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରିବା ସହ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ । ବୈଠକରେ ବିଗତ ଜିଲ୍ଲା ଯୋଜନା କମିଟି ରେ ଗ୍ରହଣ କରାଯାଇଥିବା ବିଭିନ୍ନ ପ୍ରସ୍ତାବ ସମ୍ପର୍କରେ ଆଲୋଚନା କରାଯାଇ ଦୃଢିକରଣ କରାଯାଇଥିଲା । ବୈଠକରେ ଉପସ୍ଥିତ ବିଧାୟକ ଓ ଜିଲ୍ଲା ଯୋଜନା କମିଟି ର ସଦସ୍ୟ ସଦସ୍ୟା ମାନଙ୍କ ଦ୍ୱାରା ଉପସ୍ଥାପିତ ବିଭିନ୍ନ ପ୍ରସ୍ତାବ ସମ୍ପର୍କରେ ଆଲୋଚନା କରାଯାଇ ଜିଲ୍ଲାର ସମନ୍ୱିତ ବିକାଶ ଯୋଜନା ଚିଠା ପ୍ରସ୍ତୁତ କରାଯାଇ ସରକାରଙ୍କ ଅନୁମୋଦନ ସକାଶେ ପଠାଯିବା ଉପରେ ଆଲୋଚନା ହୋଇଥିଲା । ଜିଲ୍ଲାରେ ୨୦୨୨ -୨୩ ବର୍ଷ ପାଇଁ ବିଭିନ୍ନ ସେକ୍ଟର ନିମନ୍ତେ ପ୍ରସ୍ତାବିତ ୩୪୩୦୨୪.୧୩ ଟଙ୍କା ର ବାର୍ଷିକ ଯୋଜନା ବୈଠକରେ ଅନୁମୋଦନ କରାଯାଇଥିଲା । ୨୦୨୨-୨୩ ବର୍ଷରେ ବିଜୁ କେବିକେ ଯୋଜନା ଜିଲ୍ଲା ସେକ୍ଟର କାର୍ଯ୍ୟଖସଡା ସମ୍ପର୍କରେ ବୈଠକରେ ସବିଶେଷ ଆଲୋଚନା ହୋଇ ଅନୁମୋଦନ କରାଯାଇଥିଲା । ଜଳସେଚନ ,ରାସ୍ତା ସଂଯୋଗୀକରଣ , ଭିତ୍ତିଭୂମି ର ବିକାଶ ସମ୍ପର୍କରେ ଆଲୋଚନା କରାଯିବା ସହ ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପ ନିମନ୍ତେ ଆବଣ୍ଟିତ ପାଣ୍ଠି ର ବିନିଯୋଗ କରାଯାଇ ପ୍ରକଳ୍ପ କାର୍ଯ୍ୟ କୁ ତ୍ୱରାନ୍ୱିତ କରିବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ଟେକ୍ସଟାଇଲ ମିଲପାଇଁ ୩ଟି ଜାଗା ମଞ୍ଜୁର କରାଯାଇଛି ଏବଂ ଦେଓଗାଁ ଚିନି ମିଲ ପୁନରୁଦ୍ଧାର ପ୍ରସ୍ତାବ ଅନୁମୋଦନ ପାଇଁ ବିଭାଗକୁ ପଠାଯାଇଛି । ଚିନି ମିଲ କାର୍ଯ୍ୟକ୍ଷମ ନହେଲେ ଇଥାନଲ ପ୍ଲାଣ୍ଟ ବସେଇବାକୁ ଯୋଜନା ଚାଲିଛି ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ । କ୍ରିଡା ଭିତ୍ତିଭୂମି ର ବିକାଶ ପାଇଁ ପିଆର ହାଇସ୍କୁଲ ଖେଳପଡିଆ ଉନ୍ନତିକରଣ ପାଇଁ ପ୍ରସ୍ତାବ ଦିଆଯାଇଛି । କେବିକେ ଅଞ୍ଚଳରେ ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ପାଇଁ ଯେଉଁ ପ୍ରସ୍ତାବ ଯାଇଛି ତାହା ବଲାଙ୍ଗିରରେ ନିର୍ମାଣ ପାଇଁ ଏକ ପ୍ରସ୍ତାବ ଦିଆଯାଇଥିଲା । ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ, ଡାକ୍ତର ଅଭାବ ପୂରଣ, ଡ୍ରେନ ପାଇଁ ଏକ ସ୍ୱତନ୍ତ୍ର ପ୍ୟାକେଜ, ଶିଳ୍ପ ପ୍ରସ୍ତାବ ପାଇଁ ଆଲୋଚନା ହେଇଛି । ଜଳସ୍ତର ବଢାଇବାକୁ ବୈଠକରେ ଆଲୋଚନା ହେଇଥିଲା । ଲୋୟର ସୁକତେଲ ପାଣି ଆଗଲପୁର ଏବଂ ଲୋଇସିଂହାକୁ ଯୋଗାଣ ଦ୍ୱାରା ପାଣି ସମସ୍ୟା କମିବ ବୋଲି ବିଚାର କରିବାକୁ ପ୍ରସ୍ତାବ ଦିଆଯାଇଥିଲା । ଅକ୍ଟୋବର ଶେଷ ସୁଧା ୧୦୦୦ ରୁ ଅଧିକ ସିସିଟିଭି ଲାଗିବ ବୋଲି ଜିଲ୍ଲାପାଳ କହିଥିଲେ । ଜିଲ୍ଲା ପରିଷଦ ସଦସ୍ୟ /ସଦସ୍ୟା ମାନଙ୍କ ବିଭିନ୍ନ ପ୍ରସ୍ତାବ ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ସହକାରୀ ନିର୍ଦ୍ଦେଶକ ସଞ୍ଜୟ କୁମାର ଦୀପ ବୈଠକରେ ଆଲୋଚ୍ୟ ବିଷୟବସ୍ତୁ ଉପସ୍ଥାପନ କରିଥିଲେ ।

# ଅକ୍ଷୟ ମହାନ୍ତିଙ୍କ ଜୟନ୍ତୀ ପାଳିତ

କେନ୍ଦ୍ରାପଡ଼ା, ୧୪/୧୦ (ନି.ପ୍ର): କେନ୍ଦ୍ରାପଡା ବ୍ଲକ୍ ଅନ୍ତର୍ଗତ ବାରୁଅ ସ୍ଥିତ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭାବଗ୍ରାହୀ କଳା ନିକେତନ ଏବଂ ରେଡିଓ ଭାବଗ୍ରାହୀର ମିଳିତ ଆନୁକୂଲ୍ୟରେ ଓଡିଆ ସଂଗୀତ ଜଗତର ଅପ୍ରତିଦ୍ୱନ୍ଦୀ ବାଦଶାହ, ପ୍ରବାଦ ପୁରୁଷ ଚିର ସବୁଜ ସଂଗୀତଜ୍ଞ ଅକ୍ଷୟ ମହାନ୍ତିଙ୍କ ସତାଅଶୀ ତମ ଜୟନ୍ତୀ ଉତ୍ସବ ଅକ୍ଷୟଙ୍କ ଅନ୍ୟତମ ପଟ୍ଟଶିଷ୍ୟ ତଥା ସଂଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡାଙ୍କ ଅଧ୍ୟକ୍ଷତାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । କଳା ନିକେତନର ଅକ୍ଷୟ ମହାନ୍ତି କକ୍ଷରେ ଆୟୋଜିତ ଏହି ଭବ୍ୟ ଉତ୍ସବରେ ଅକ୍ଷୟ ପ୍ରେମୀ ତଥା ବିଶିଷ୍ଟ ଶିକ୍ଷାବିତ୍ ମାନସ ଭୂଷଣ ପଣ୍ଡିତ୍ ହୃଷୀକେଶ ରଥ ମୁଖ୍ୟ ଅତିଥି ଏବଂ ଅକ୍ଷୟ କଳା ପିପାସୁ କବି ଡା. ମନୋରଂଜନ ଦାଶ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି ଉତ୍ସବକୁ ଉଦ୍ଘାଟନ କରିବା ସହିତ ଅକ୍ଷୟଙ୍କ କାଳଜୟୀ ସୃଷ୍ଟି ସଂପର୍କରେ ଆଲୋଚନା କରିଥିଲେ। କଳା ନିକେତନର ସଂପାଦକ ଗୀତିକାର ବିମଳ ପରିଡା ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଅତିଥି ପରିଚୟ ଦେଇଥିଲେ ଏବଂ ଅକ୍ଷୟଙ୍କ କାଳଜୟୀ ସଂଗୀତ ଗାଇ ସମସ୍ତଙ୍କୁ ବିମୋହିତ କରିଥିଲେ। ଅକ୍ଷୟ ମହାନ୍ତି କେନ୍ଦ୍ରାପଡା ଜିଲ୍ଲାର ଚାନ୍ଦୋଳ ନିକଟସ୍ଥ ବାଙ୍କିମୁଣ୍ଡାଇ ଗ୍ରାମରେ ୧୯୩୬ ମସିହା ଅକ୍ଟୋବର ୧୨ ତାରିଖରେ ଜନ୍ମ ଗ୍ରହଣ କରି ନିଜର ନିଷ୍ଠାପର ସାଧନା ବଳରେ ଓଡିଆ ସଂଗୀତ ଓ ସାହିତ୍ୟକୁ ପରିପୁଷ୍ଟ କରିବା ସହିତ ନୂତନ ଦିଗ୍ଦର୍ଶନ ଦେଇଥିଲେ। ସେ ଥିଲେ ଏକଧାରାରେ ଗାୟକ, ଗୀତିକାର, ସଂଗୀତ ନିର୍ଦ୍ଦେଶକ, ଅଭିନେତା, ନିର୍ଦ୍ଦେଶକ, ପ୍ରଯୋଜକ, ଗାଳ୍ପିକ ଏବଂ ଔପନ୍ୟାସିକ। ତାଙ୍କର ଅମ୍ଳାନ ସ୍ମୃତିରେ ତାଙ୍କର ଅତିପ୍ରିୟ ଅନୁଷ୍ଠାନ ଭାବଗ୍ରାହୀ କଳା ନିକେତନ ପରିସରରେ ଥିବା ଅକ୍ଷୟଙ୍କ ଆବକ୍ଷ ପ୍ରତିକୃତି ସମେତ ଭଜନ ସମ୍ରାଟ୍ ଭିକାରୀ ବଳ, କବି ଭାବଗ୍ରାହୀ ପରିଡା ଏବଂ ଧର୍ମପ୍ରାଣା ସରୋଜିନୀ ପରିଡାଙ୍କ ପ୍ରତିକୃତିରେ ବରେଣ୍ୟ ଅତିଥିମାନେ ପ୍ରଥମେ ମାଲ୍ୟାର୍ପଣ କରିଥିଲେ। ରଶ୍ମୀତା ସୂତାର, ନମିତା ସ୍ୱାଇଁ, ରାଜଲକ୍ଷ୍ମୀ ପରିଡା, ଅର୍ଚ୍ଚନା ପରିଡା ସ୍ମୃତି ସଂଗୀତ ଗାଇଥିଲେ। ରଂଜନ ବରାଳ, ଅଜୟ ଜେନା ଏବଂ କୈଳାସ ପରିଡାଙ୍କ ବାଦ୍ୟଯନ୍ତ୍ର ସହଯୋଗରେ ବିମଳ ପରିଡା ପୁଣ୍ୟର ନଦୀ ତୀରେ, ହାରିଯାଇଥିବା, ଏଇ ଯେ ବନଲତା, ନଦୀ ତୋର ଦେଇଥିଲି ନାଁ, ବୟସର କୃଷ୍ଣଚୂଡା, କେଣେ ଘେନି ଯାଉଛ, ମେଘ ମାଳାକୁ, ଚାହିଁଥିଲି ଜାଁ ବାକୁ ଇତ୍ୟାଦି ଅକ୍ଷୟ ସଂଗୀତ ଗାଇ ପରିବେଶକୁ ଭାବଗମ୍ଭୀର କରିଥିଲେ। ଅକ୍ଷୟ ପ୍ରେମୀ ନିରଂଜନ ମେକାପ, ନିରଂଜନ ପରିଡା, ହରିଶ୍ଚନ୍ଦ୍ର ଜେନା, ଅମର ପ୍ରସାଦ ରାଉତ୍, ସଂଗୀତ ଗୁରୁ ପ୍ରମୋଦ ଦାସ, ନୃତ୍ୟଗୁରୁ ପ୍ରକାନ୍ତ ମହାରଣା, ପଣ୍ଡିତ ପଦ୍ମନାଭ ଦାଶ, ସୁରେନ୍ଦ୍ର ରାଉତ୍, ମାଗୁଣୀ ସାହୁ , ଡା. ରତ୍ନକର ମଲିକ, ଗ୍ରାମ୍ୟ ଉନ୍ନୟନ ସାଂସ୍କୃତିକ ଯୁବ ସଂଗଠନର ସଂପାଦକ ଚିତରଂଜନ ପ୍ରଧାନ, ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ପାଣି, ଦିଲ୍ଲୀପ ବାରିକ, ବଂଶୀଧର ମହାନ୍ତି, ସରୋଜ କାନ୍ତ ସାହୁ, ଅଂକିତା ପରିଡା, କବି ଗଗନ ବିହାରୀ ଜେନା, ମାଧବ ମଲିକ, ଦିବ୍ୟଶ୍ରୀ ବେହେରା, ଅମ୍ରିତା ଦାସ, ପ୍ରତୀକ୍ଷା ନାୟକ, ସ୍ମୃତିରେଖା ବିଶ୍ୱାଳ, ଏବଂ ରେଡିଓ ଭାବଗ୍ରାହୀ ତରଫରୁ ଧୀରାମଣି ପରିଡା, ଇଂ. ବିଶ୍ୱଜିତ୍ ପରିଡା, ଦିବ୍ୟଜ୍ୟୋତି ପରିଡା, ସୁଶ୍ରୀ ସଂଗୀତା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପ୍ରବଚକ ବିକ୍ରମ କେଶରୀ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସର ପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ପରଲୋକ

କେନ୍ଦ୍ରାପଡ଼ା, ୧୪/୧୦ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ର କଜଳା ଗ୍ରାମର ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ସବିତା ପତି (୬୮)ଙ୍କ ପରଲୋକ ହୋଇ ଯାଇଛି । ଶ୍ରୀମତୀ ପତି କେନ୍ଦ୍ରାପଡା ପୁରୁଣା ବସଷ୍ଟାଣ୍ଡ ସ୍ଥିତ ଫେଜର୍ସ ବାଳିକା ବିଦ୍ୟାଳୟର ଶିକ୍ଷୟିତ୍ରୀ ଭାବେ ଦୀର୍ଘ ବର୍ଷ ଧରି ଦକ୍ଷତାର ସହ କାର୍ଯ୍ୟ କରି ସୁନାମ ଅର୍ଜନ କରିଥିଲେ । ଅବସର ପରେ କଜଳା ସ୍ଥିତ ବାସଭବନରେ ରହୁଥିବାବେଳେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ହୋଇ ଏକ ଘରୋଇ ନର୍ସିଂହୋମରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ପରଲୋକ ଗମନ କରିଛନ୍ତି । ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ପୁରୀ ସ୍ୱର୍ଗଦ୍ୱାର ରେ ତାଙ୍କର ଅନ୍ତିମ କ୍ରିୟା କରାଯାଇ ଥିବା ଜଣାପଡିଛି ।

# ବାଲନ୍ଦାପଡାରେ ବିଶ୍ୱ ବାଳିକା ଦିବସ ପାଳନ

କନ୍ଧମାଳ, ୧୪/୧୦ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ ବାଲନ୍ଦାପଡା ଠାରେ ଜିଲ୍ଲାର ଅଗ୍ରଣୀ ସେବା ଅନୁଷ୍ଠାନ ସ୍ୱାତୀ ତରଫରୁ ବିଶ୍ୱ ବାଳିକା ଦିବସ ପାଳନ ହୋଇଯାଇଛି । ବାଲନ୍ଦାପଡାର ପଂଚାୟତ ସଭାଗୃହରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାଲନ୍ଦାପଡା, କୁଏରମାଣ୍ଡୁ, ପାହିରାଜୁ ଓ ଲୁଇସିଂ ପଂଚାୟତର ବିଭିନ୍ନ ଗାଁର ୧୦୦ରୁ ଅଧିକ ବାଳିକା, ସ୍କୁଲ୍ ଛାତ୍ରୀ, ଅଙ୍ଗନବାଡି କର୍ମୀ, ଅଶା କର୍ମୀ, ମାତୃ ଗୃହର କର୍ମୀ ଓ ବାଲନ୍ଦାପଡା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ମାନେ ଯୋଗ ଦେଇଥିଲେ । ଏହି ଅବସରରେ ବାଳିକା ମାନଙ୍କୁ ନେଇ ନାଚ, ଗୀତ ଓ ଖେଳ ଆଦି ପ୍ରତିଯୋଗୀତା ମାନ କରାଯାଇଥିଲା । ବାଲନ୍ଦାପଡା ପଂଚାୟତର ସରପଂଚ ନିରାକାର ନାୟକ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବାଲନ୍ଦାପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସାଧିକାରୀ ଗୋପାଳ ଚନ୍ଦ୍ର ଡାକୁଆ, ବାଲନ୍ଦାପଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଫୁଲବାଣୀ ଇ-ଲାଇବ୍ରେରୀର ଶିବ ପ୍ରସାଦ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ସାମ୍ପ୍ରତିକ ସମୟରେ ବାଳିକା ମାନଙ୍କର ସମାଜ ବିକାଶରେ ଭୂମିକା, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ବାଳିକା ମାନଙ୍କର କୃତିତ୍ୱ ସଂପର୍କରେ ବିଶେଷ ଆଲୋକପାତ କରିଥିଲେ । ବାଳିକା ମାନଙ୍କ ବିକାଶ ପାଇଁ ବିଭିନ୍ନ ସରକାରୀ ଯୋଜନା ଓ ବୃତି ସହାୟତା ଆଦି ବିଷୟରେ ମୁଖ୍ୟ ଅତିଥି ସୂଚନା ଦେଇଥିଲେ । ବାଳିକା ମାନଙ୍କୁ ବାଲ୍ୟ ବିବାହ, ବାଳିକା ଶିକ୍ଷା ପ୍ରତି ଥିବା ଗୁରୁତ୍ୱହୀନତା ପରି ସାମାଜିକ କୁସଂସ୍କାର ଗୁଡିକ ବିରୋଧରେ ଲଢିବା ପାଇଁ ଆହ୍ୱାନ ଦେବା ସହିତ ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବନ କୌଶଳ ଓ ଆତ୍ମନିର୍ଭରଶୀଳତା ଉପରେ ଆଲୋକପାତ କରିଥିଲେ । ସ୍ୱାତୀର କର୍ମୀ ମାନସ ରଞ୍ଜନ ଓ ବିନ୍ଧ୍ୟବାସିନୀ ବାଳିକା ମାନଙ୍କ ବିକାଶ ପାଇଁ ସ୍ୱାତୀ ତରଫରୁ ଗାଁ ଗାଁରେ ହୋଇଥିବା କିଶୋରୀ ବାଳିକା ସଂଘ, ବାଳିକା ମାନଙ୍କୁ ଜୀବନକୌଶଳ ତାଲିମ ଓ କିଶୋର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଗୁଡିକ ସଂପର୍କରେ ସୂଚନା ଦେଇଥିଲେ । ଶେଷରେ ବିଭିନ୍ନ ପ୍ରତିଯୋଗୀତାରେ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ।

## ଆରକ୍ଷୀ ଅଧିକ୍ଷକଙ୍କୁ ଭେଟିଲା ସୁକିନ୍ଦା ଟ୍ରକ ମାଲିକ ସଂଘ

କୋରେଇ, ୧୪/୧୦ (ନି.ପ୍ର): ଯାଜପୁର ଜିଲ୍ଲାର ସୁକିନ୍ଦା ମିନେରାଲ ଟ୍ରକ ମାଲିକ ସଂଘ ପକ୍ଷରୁ ଗାଡ଼ି ଲୋଡ଼ିଙ୍ଗର ବିଭିନ୍ନ ସମସ୍ୟା ନେଇ ଆଜି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଯେ ସୁକିନ୍ଦା ମିନେରାଲ ଟ୍ରକ ମାଲିକ ସଂଘ ତରଫରୁ ଗତ ୨୦୨୩ ସେପ୍ଟେମ୍ବର ୨୯ ତାରିଖ ଦିନ ଗାଡ଼ି ଲୋଡ଼ିଙ୍ଗ ଅନିୟମିତତା ସମ୍ବନ୍ଧରେ ଯାଜପୁର ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋଡ଼ ଓ ଆରକ୍ଷୀ ଅଧିକ୍ଷକ ଭିନିତ ଅଗ୍ରୱାଲଙ୍କୁ ଭେଟି ଦାବି ଜଣାଇଥିଲେ। ଏ ସଂକ୍ରାନ୍ତରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଘଟଣାସ୍ଥଳରୁ ତଦନ୍ତ କରି ସମାଧାନ କରିବା ଲାଗି ସଂଘର କର୍ମକର୍ତ୍ତାଙ୍କୁ ପ୍ରତିଶୃତି ଦେଇଥିଲେ। ମାତ୍ର ୧୫ ଦିନ ବିତିଯାଇଥିଲେ ମଧ୍ୟ ଏହାର କୌଣସି ସମାଧାନର ସୂତ୍ର ପ୍ରଶାସନ ବାହର କରିପାରିନାହାନ୍ତି । ଫଳରେ ସୁକିନ୍ଦାର ଅନେକ ପଂଚାୟତର ଟ୍ରକ ମାଲିକ ଆଜି ପର୍ଯ୍ୟନ୍ତ ଗାଡି ପରିବହନ ବର୍ଜନ କରିଛନ୍ତି । ଯାହାଦ୍ୱାରା ପୁର୍ନବାର ଟ୍ରକ ମାଲିକ ମାନେ ଆଜି ଆରକ୍ଷ ଅଧିକ୍ଷକଙ୍କୁ ଭେଟି ପରିବହନ ଅନିୟମିତତାକୁ ସମାଧାନ କରାନଗଲେ ଗଣତାନ୍ତ୍ରିକ ଉପାୟରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ଆଜି ଟ୍ରକ ମାଲିକ ସଂଘ ପକ୍ଷରୁ ବିଜୟ କୁମାର ଦାସ, ମୃତ୍ୟୁଂଜୟ ଦେଓ, ବିଜୟ ରାଜ, ଗୋଲଖ ଚନ୍ଦ୍ର ଦେଓ, ରାଜ ରଂଜନ ସ୍ୱାଇଁ,ଅରୁଣ କୁମାର ସ୍ୱାଇଁ, ସୁଦର୍ଶନ ପାତ୍ର, ଲିଟୁନା ଜେନା, ସିତାଂଶୁ ଚୌଧୁରୀ, ଅରୁଣ କୁମାର ସାହୁ, ଖଗେଶ୍ୱର ଦାସ, ଶୈଳେନ୍ଦ୍ର ପ୍ରଧାନ, ହିମାଦ୍ରୀ ସ୍ୱାଇଁ, ସୁଧାକର ନାୟକ, ପ୍ରଶାନ୍ତ ମହାରଣା, ବିଦ୍ୟାଧର ଜେନା, ଶୁଭେନ୍ଦୁ ଦେଓ ପ୍ରମୁଖ ଯାଜପୁର ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ପହଂଚି ଜିଲ୍ଲା ଆରକ୍ଷର ଅଧିକ୍ଷକଙ୍କୁ ଭେଟି ପୁନର୍ବାର ଦାବି ପ୍ରଦାନ କରିଥିଲେ।

# ଫୁଲବାଣୀରେ ରନ୍ଧନ ଗ୍ୟାସ୍ କଳା ବଜାର ଚଢାଉ ୧୪୦ଟି ସଲିଣ୍ଡର ଜବତ

କନ୍ଧମାଳ, ୧୪/୧୦ (ନି.ପ୍ର): କନ୍ଧମାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶ କ୍ରମେ, ଫୁଲବାଣୀ ସହରରେ ରନ୍ଧନ ଗ୍ୟାସ୍ କଳାବଜାରି ରୋକିବାକୁ ଗୁରୁବାର ଦିନ ଚଢାଉ କରାଯାଇଥିଲା । ସ୍ଥାନୀୟ ଅମଲାପଡା ଅଂଚଳରେ ଥିବା ଅନୀତା ବେକେରି ନିକଟରେ ଶରତଚନ୍ଦ୍ର ଦାସ ନାମକ ଜଣେ ବ୍ୟକ୍ତି ଗୋଟିଏ ଘରେ ଗଛିତ କରି ରଖିଥିବା ୧୪୦ଟି ଗ୍ୟାସ୍ ସିଲିଣ୍ଡର ଜବତ କରିଛି ଜିଲ୍ଲା ବେସାମରିକ ଖାଉଟି ବିଭଗ । ଏହି ସଂକ୍ରନ୍ତରେ ଇସି ଆଇନ୍ (୧୯୫୫) ଅନୁସାରେ ଏକ ମାମଲା ରୁଜୁ କରାଯାଇଛି ଅଭିଯୁକ୍ତ ବିରୋଧରେ । ଫୁଲବାଣୀ ସହରରେ ରନ୍ଧନ ଗ୍ୟାସ୍ ର କଳାବଜାର ବୃଦ୍ଧି ପାଉଥିବା ନେଇ ଜିଲ୍ଲା ପ୍ରଶାସନ ଖବର ପାଇବା ପରେ ଏହି ପଦକ୍ଷେପ ନେଇଛି । ଏହି ଚଢାଉ ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରୀୟ ମିଶ୍ରଙ୍କ ନେତୃତ୍ୱରେ ଅତିରିକ୍ତ ଯୋଗାଣ ଅଧିକାରୀ ସୂର୍ଯ୍ୟକୁମାର ପାଣିଗ୍ରାହୀ,ଶ୍ରୀମତୀ ପି.ଭାର୍ଗବୀ ଏବଂ ଯୋଗାଣ ନିରୀକ୍ଷକ ଶ୍ରୀମତୀ କବିତା ବେହେରାଙ୍କ ଦ୍ୱାରା ମିଳିତ ଭାବରେ କରାଯାଇଥିଲା । ତେବେ ଫୁଲବାଣୀ ସମେତ କନ୍ଧମାଳ ଜିଲ୍ଲାରେ ଖାଉଟି ମାନଙ୍କୁ ସଠିକ ଭାବରେ ରନ୍ଧନ ଗ୍ୟାସ୍ ସଠିକ ଭାବରେ ମିଳୁ ନଥିବା ତଥା ସେମାନଙ୍କୁ ଆବଶ୍ୟକ ବେଳେ ଚଢା ଦରରେ ଗ୍ୟାସ୍ ସିଲିଣ୍ଡର କିଣିବାକୁ ପଡୁଥିବାରୁ ବିଭିନ୍ନ ସ୍ତରରେ ଅଭିଯୋଗ ପରେ ଏହିଭଳି ପଦକ୍ଷେପ ନିଆଯାଉଛି ବୋଲି ଜିଲ୍ଲା ଯୋଗାଣ ଅଧିକାରୀ ସୂଚନା ଦେଇଛନ୍ତି । ତେବେ ଏହି ଚଢାଉ ଖବର ପାଇବା ପରେ ଅନ୍ୟ କଳା ବ୍ୟବସାୟୀ ମାନେ ସତର୍କ ହୋଇଯାଇଛନ୍ତି । ତେଣୁ ମଝିରେ ମଝିରେ ଏହି ଚଢାଉ ଜାରି ରହିବ ବୋଲି ସେ କହିଛନ୍ତି । ତେବେ ଫୁଲବାଣୀରେ କିଛି ଗ୍ରାସ୍ ଏଜେନ୍ସି ଗୁଡିକ ଗ୍ରାହକ ମାନଙ୍କୁ ସଠିକ ସମୟରେ ଏକ ପର୍ଯ୍ୟପ୍ତ ପରିମାଣରେ ଗ୍ୟାସ୍ ଯୋଗାଇବାରେ ସମର୍ଥ ହେଉଥିବାରୁ ଗ୍ରାହକ ମାନଙ୍କୁ ଅଧିକାଂଶ ସମୟରେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି । ଏ ନେଇ ବାରମ୍ବାର ଅଭିଯୋଗ ହେଉଛି । ଏଣୁ ଏହାର ସ୍ଥାୟୀ ପ୍ରତିକାର ଆବଶ୍ୟକ ବୋଲି ବିଭିନ୍ନ ମହଲରେ ଦାବୀ ହେଉଛି ।

# ସେଂଟ ଯୋଶେଫ ସ୍କୁଲରେ ସାଇବର ସୁରକ୍ଷା ସଚେତନତା

କେନ୍ଦ୍ରାପଡ଼ା, ୧୪/୧୦ (ନି.ପ୍ର): ଜିଲ୍ଲା ପୋଲିସ ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲାରେ ଆରମ୍ଭ ହୋଇଥିବା ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଆଜି କନ୍ଦ୍ରୋପଡା ସେ ଯୋଶେଫ ସ୍କୁଲରେ ସଚେତନତା ସୃଷ୍ଟି କରାଯାଇଛି। ଏହି ଉପଲକ୍ଷେ ସେ ଯୋଶେଫ ସ୍କୁଲର ଅଧ୍ୟକ୍ଷ ଫାଦର ନବ କିଶୋର ଡିଗଲଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଚେତନତା ସଭାରେ ଡିଏସପି ଜ୍ୟୋତିରଞ୍ଜନ ସାମନ୍ତରାୟ, ସଦର ଥାନା ଅଧିକାରୀ ସଞ୍ଜୟ କୁମାର ଜେନା ପ୍ରମୁଖ ଯୋଗଦେଇ ସାଇବର ସୁରକ୍ଷା ନିମନ୍ତେ କିଭଳି ଆବଶ୍ୟକ ସଚେତନତା ଅବଲମ୍ବନ କରାଯିବା ଉଚିତ ସେ ସମ୍ପର୍କରେ ବହୁ ମୂଲ୍ୟବାନ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିସହିତ ସାଇବର ସଚେତନତା ରଥରେ ଲାଗିଥିବା ଡିସପ୍ଲେ ମାଧ୍ୟମରେ ମଧ୍ୟ ବିଭିନ୍ନ ସଚେତନତା ମୂଳକ ତଥ୍ୟ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସବଇନିସପେକ୍ଟର ପ୍ରତାପ ରଥ, ପିଏସଆଇ ଅନସୁୟା ମଲିକ, ହାବିଲଦାର ଅର୍ଜ୍ଜୁନ ମଲିକ, କନେଷ୍ଟବଲ ସୁଚିତ୍ରା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହାବ୍ୟତିତ ଥାନାର ଚକୁଳିଆ ପଣ୍ଡା ବେଶରେ ଥିବା ଦୁଇ ହୋମଗାର୍ଡ ପ୍ରଫୁଲ୍ଲ ଓ ଗୁରୁଙ୍କ ସ୍ୱରଚିତ ତଥା ଡେରାବିଶ ଥାନାର ଜ୍ୟୋତି ପ୍ରକାଶ ପରିଡା ଗାନ କରିଥିବା ସଚେତନତା ସଂଗୀତ ପରିବେଷଣ କରାଯାଇଥିଲା। ସନ୍ଧ୍ୟାରେ ଦୁହୁରିଆ ଛକରେ ଘୋଡାନାଚ ମାଧ୍ୟମରେ ମଧ୍ୟ ସଚେତନତା କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ବାଲିଆ ମହିଳା ମହାବିଦ୍ୟାଳୟ, ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ, ହରିଅଙ୍କ, ଦାନପୁର ଗ୍ରାମପ ।ୟତ ପ୍ରଭୃତିରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ହରିଅଙ୍କ, ଦାନପୁର ଓ ଭାଗବତପୁର ପ ।ୟତର ସରପ , ସମାଜସେବୀ ତଥା ବାଲିଆ ବଜାର କମିଟି ସଭାପତି ପ୍ରମୋଦ ସାହୁ, ମହିଳା କଲେଜ ଅଧ୍ୟକ୍ଷା, ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ସମସ୍ତ ଶିକ୍ଷକ, କର୍ମଚାର. ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠିର ମହିଳା ଓ ଜନସାଧାରଣ ଉପସ୍ଥିତ ଥିଲେ।

# 'ମେରୀ ସହେଲି' ମହିଳାମାନଙ୍କ ପାଇଁ ରେଳ ଯାତ୍ରାକୁ ଅଧିକ ନିରାପଦ କରିବ

ଭୁବନେଶ୍ୱର, ୧୪/୧୦ (ନି.ପ୍ର): ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ସହିତ ରେଳ ମନ୍ତ୍ରଣାଳୟ ଭାରତୀୟ ରେଳ ନେଟୱର୍କରେ ମହିଳାମାନଙ୍କ ପାଇଁ ଯାତ୍ରା ଅଭିଜ୍ଞତା ବୃଦ୍ଧିକରିବା ପାଇଁ ବିଭିନ୍ନ ପଦକ୍ଷେପ ନେଇଛି । ଏହି ପ୍ରୟାସଗୁଡ଼ିକ ମୁଖ୍ୟତ ମହିଳା ଯାତ୍ରୀଙ୍କ ସୁରକ୍ଷା ଏବଂ ନିରାପତା ଉପରେ ଧ୍ୟାନ ଦେଉଛି। ଏହିପରି ଏକ ଉଲ୍ଲେଖନୀୟ ପଦକ୍ଷେପ ହେଉଛି 'ମେରୀ ସହେଲି', ଯାହା ରେଳ ସୁରକ୍ଷା ବଳ (ଆରପିଏଫ୍) ଦ୍ୱାରା ମହିଳାମାନଙ୍କ ପାଇଁ ନିରାପଦ ଯାତ୍ରା ସୁନିଶ୍ଚିତ କରିବାର ମୂଳ ଉଦ୍ଦେଶ୍ୟ ସହିତ ପ୍ରବର୍ତ୍ତିତ ହୋଇଛି, ବିଶେଷକରି ଯେଉଁମାନେ ଏକାକୀ ଯାତ୍ରା କରୁଛନ୍ତି କିମ୍ୱା ମନୋନୀତ ଦୂର ଦୂରଗାମୀ ଟ୍ରେନରେ ପିଲାମାନଙ୍କ ସହିତ ଅଛନ୍ତି । 'ମେରୀ ସହେଲି' ଦଳ ମହିଳା ଯାତ୍ରୀଙ୍କ ଯାତ୍ରା ସମୟରେ ଉପୁନ୍ନ ଯେ କୌଣସି ପରିସ୍ଥିତିକୁ ଶୀଘ୍ର ଜବାବ ଦେଇ ସେମାନଙ୍କର ଟ୍ରେନ୍ ଯାତ୍ରା ସମୟରେ ମହିଳା ଯାତ୍ରୀମାନଙ୍କ ସୁରକ୍ଷାକୁ ନିଶ୍ଚିତ କରନ୍ତି । ଏହି ପଦକ୍ଷେପଗୁଡିକ ବିଷୟରେ ଜନସଚେତନତା ସୃଷ୍ଟି କରିବା ଏବଂ ରେଳବାଇରେ ମହିଳାଙ୍କ ସୁରକ୍ଷା ସୁନିଶ୍ଚିତ କରିବା ସହ ଜନସାଧାରଣଙ୍କ ସମର୍ଥନ ହାସଲ କରିବା ପାଇଁ ରେଳ ସୁରକ୍ଷା ବଳ ମହା ନିର୍ଦ୍ଦେଶକ ମନୋଜ ଯାଦବଙ୍କ ନେତୃତ୍ୱରେ ୨୫ ଜଣ ଆରପିଏଫ ଅଧିକାରୀ ଏବଂ କର୍ମଚାରୀଙ୍କ ଏକ ଟିମ୍ ଦ୍ୱାରା ୧୫ ଅକ୍ଟୋବର ରେ ଦିଲ୍ଲୀ ଠାରେ ହାଫ (ଅଧା) ମାରାଥନ୍ ଆୟୋଜିତ କରାଯିବ । ସମ୍ପ୍ରତି, ମହିଳା ଆରପିଏଫ୍ କର୍ମଚାରୀଙ୍କୁ ନେଇ ୨୩୦ ରୁ ଅଧିକ ଉତ୍ସର୍ଗୀକୃତ "ମେରୀ ସହେଲି" ଦଳ ଦେଶର ବିଭିନ୍ନ ରେଳ ଷ୍ଟେସନରେ ୪୦୦ ରୁ ଅଧିକ ଟ୍ରେନ୍ ମାନଙ୍କରେ ସେମାନଙ୍କର ଅଭିଯାନ ଜାରିରଖିଛନ୍ତି ଏବଂ ପ୍ରତିଦିନ ହାରାହାରି ଚଉଦ ହଜାରରୁ ଅଧିକ ମହିଳା ଯାତ୍ରୀଙ୍କୁ ସହାୟତା ଯୋଗାଇ ଦେଇଛନ୍ତି । ଏହା ସମଗ୍ର ଭାରତରେ ମହିଳାମାନଙ୍କ ପାଇଁ ଟ୍ରେନ୍ ଯାତ୍ରାକୁ ଅଧିକ ନିରାପଦ କରିବାରେ ଏହି ପଦକ୍ଷେପର ଉତ୍ସର୍ଗୀକୃତତା ଏବଂ କାର୍ଯ୍ୟକାରିତାକୁ ସୂଚିତ କରୁଛି । ମହିଳା ଯାତ୍ରୀମାନଙ୍କୁ ସେମାନଙ୍କ ଯାତ୍ରା ସମୟରେ ନିଆଯିବାକୁ ଥିବା ସୁରକ୍ଷା ବ୍ୟବସ୍ଥା ବିଷୟରେ ଶିକ୍ଷା ଦେବାରେ ତଥା ଏହି ସମସ୍ୟାଗୁଡିକ ସହାୟତା ପାଇଁ ଉପଲବ୍ଧ ପ୍ରଣାଳୀ ଗୁଡିକ ବିଷୟରେ ସୂଚନା ପ୍ରଦାନ କରିବାରେ ଏହି ଦଳଗୁଡିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । 'ମେରୀ ସହେଲି' ଦଳଗୁଡିକ ଆଧୁନିକ ଗ୍ୟାଜେଟ୍ ଏବଂ ଟେକ୍ନୋଲୋଜି ସହିତ ସୁସଜ୍ଜିତ। ଟେକ୍ନୋଲୋଜିର ସମର୍ଥନ ସେମାନଙ୍କର ସାମର୍ଥ୍ୟକୁ ବୃଦ୍ଧି କରାଇଥାଏ ଏବଂ ସେମାନଙ୍କର କାର୍ଯ୍ୟକୁ ସହଜ, ତୀବ୍ର ଏବଂ ଅଧିକ ପ୍ରଭାବଶାଳୀ କରିଥାଏ । 'ମେରୀ ସହେଲି' ନାମକ ଏକ ଆଇଟି ପ୍ରୟୋଗ ଏହି ଟିମ୍ ସହିତ କମ୍ପ୍ୟୁଟର ଟ୍ୟାବରେ ଚିହ୍ନିତ ଟ୍ରେନରେ ଏକାକୀ ଯାତ୍ରା କରୁଥିବା ମହିଳାଙ୍କ ତଥ୍ୟକୁ ସ୍ଥାନିତ କରେ । ମଡ୍ୟୁଲ୍ ବୋର୍ଡିଂ ଏବଂ ଏନ୍-ରୁଟ୍ ଷ୍ଟେସନରେ ମହିଳା ଯାତ୍ରୀମାନଙ୍କ ସହିତ କଥାବାର୍ତ୍ତା ଉପରେ ନଜର ରଖେ। ଏହା ଗନ୍ତବ୍ୟ ସ୍ଥଳରେ ଯାତ୍ରୀମାନଙ୍କ ମତାମତ ରେକର୍ଡ କରେ ଯାହା ଏହି ପଦକ୍ଷେପକୁ ଉନ୍ନତ କରିବା ପାଇଁ ବ୍ୟବହୃତ ହୁଏ । ସମସ୍ତଙ୍କ ପାଇଁ ଏକ ନିରାପଦ ଏବଂ ଅନ୍ତର୍ଭୂକ୍ତ ରେଳ ପରିବେଶ ସୃଷ୍ଟି ଦିଗରେ 'ମେରୀ ସହେଲି' ପ୍ରଗତିର ପ୍ରତୀକ ପାଲଟିଛି । ଦୁଃଖରେ ଥିବା ମହିଳାମାନେ ପୁରୁଷଙ୍କ ଅପେକ୍ଷା ମହିଳାଙ୍କଠାରେ ବିଶ୍ୱାସ କରିବା ସହଜ ହୋଇଥାଏ । ତେଣୁ ଟ୍ରେନରେ ମହିଳାଙ୍କ ସୁରକ୍ଷା ସୁନିଶ୍ଚିତ କରିବାରେ ମହିଳା ଆରପିଏଫ୍ କର୍ମଚାରୀମାନେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି । ରେଳ ସୁରକ୍ଷା ବଳ ସମସ୍ତ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ ମଧ୍ୟରେ ସର୍ବାଧିକ ମହିଳା (୯%) ପାଇଥିବାରୁ ଗର୍ବିତ । ନୂତନ ଭାବରେ ନିଯୁକ୍ତ ମହିଳାମାନଙ୍କୁ ସେମାନଙ୍କର ଦକ୍ଷତା ବୃଦ୍ଧି ପାଇଁ 'ମେରୀ ସହେଲି' ଦଳରେ ଅନ୍ତର୍ଭୁକ୍ତ କରାଯାଉଛି । ଅନେକ ମହିଳା ଗର୍ଭଧାରଣର ଅଗ୍ରୀମ ପର୍ଯ୍ୟାୟରେ ଟ୍ରେନ୍ ଯାତ୍ରା କରିବାକୁ ବାଧ ହୁଅନ୍ତି ଏବଂ ସେମାନଙ୍କ ମଧ୍ୟରୁ କେତେକ ଯାତ୍ରା ସମୟରେ ପ୍ରସବ କରନ୍ତି । ଆରପିଏଫ୍ ମହିଳାମାନେ "ଅପରେସନ୍ ମାତୃଶକ୍ତି" ଅଧୀନରେ ସେମାନଙ୍କର ଗୋପନୀୟତା ରକ୍ଷା କରୁଥିବା ଏହି ମହିଳାମାନଙ୍କ ପାଇଁ ନିରାପଦ ତଥା ସମ୍ମାନଜନକ ଶିଶୁ ଜନ୍ମ ପାଇଁ ସୁବିଧା ପ୍ରଦାନ କରନ୍ତି ।

# ପେସା ରାଜମିସ୍ତ୍ରୀ କିନ୍ତୁ ନିଶା ସାପ ଧରିବା

ମାଲକାନଗିରି, ୧୪/୧୦ (ନି.ପ୍ର): ସାପକୁ କିଏ ବା ନ ଡରେ। ଏହା ଯେତିକି ଭୟଙ୍କର ସେତିକି ବିଷଧର ମଧ୍ୟ। ସେ କିନ୍ତୁ ସାପକୁ ଡରନ୍ତି ନାହିଁ। ଯେତେ ବଡ ହୋଇଥାଉ କି ଯେତେ ବିଷଧର ହୋଇଥାଉ! ଚିତ୍ରକୋଣ୍ଡା ଅଂଚଳରେ ଯାହା ଘରେ ସାପ ପଶେ ମନେ ପଡନ୍ତି ମାଧବ କୁସପାରିଆ । ତାଙ୍କୁ ଯିଏ ଯେତେବେଳେ ଖୋଜେ ସେ ତୁରନ୍ତ ପହଂଚି ଯାଆନ୍ତି ଆଉ ଏହି ବିପଦରୁ ରକ୍ଷା କରନ୍ତି ଘର ହେଉ କି ବାଡ଼ି ବଗିଚା ଯେଉଁଠି ସାପଟିଏ ଦେଖାଯାଏ ମନ ଭିତରେ ଭୟ ଆଉ ଆତଙ୍କ ଖେଳିଯାଏ। ଏହି ବିପଦରୁ ରକ୍ଷା ପାଇଁ କିଏ ଭଗବାନଙ୍କୁ ଡାକିପକାଏ ତ ଆଉ କିଏ ସ୍ନେକ୍ ହେଲ୍ପ ଲାଇନ୍‌କୁ ଫୋନ୍‌କରେ। ହେଲେ ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ପରି ଦୁର୍ଗମ ଅଂଚଳରେ ସ୍ନେକ୍ ହେଲ୍ପଲାଇନ ବିଭାଗ ନାହିଁ। ଲୋକେ ଏଭଳି ବିପଦରେ ପଡିଲେ ସାପକୁ ଜୀବନରେ ମାରିବାକୁ ବାଧ ହୁଅନ୍ତି ନ ହେଲେ ମାଧବଙ୍କୁ ମନେ ପକାନ୍ତି। ମାଧବ କିନ୍ତୁ ପେଷାରେ ସାପ ଧରାଳି ନୁହନ୍ତି । ସେ ଜଣେ ରାଜମିସ୍ତ୍ରୀ। କିନ୍ତୁ ସାପ ଧରିବା ତାଙ୍କର ନିଶା। ସେ ଖାଲି ସାପ ଧରନ୍ତି ନାହିଁ, ଏହାକୁ ନିରାପଦ ଜଙ୍ଗଲରେ ମଧ୍ୟ ଛାଡନ୍ତି। ତାଙ୍କର ଏହି ଦୁଃସାହିକ ନିଶା ଦୀର୍ଘ ୧୫ ବର୍ଷରୁ ଉର୍ଦ୍ଧ୍ୱ ହେବ ନିସ୍ୱାର୍ଥପର ଭାବେ ଲୋକଙ୍କୁ ସେବା ଯୋଗାଉଛିନ୍ତି । ସେ ଖାଲି ଛୋଟ ମୋଟ ସାପ ନୁହେଁ ନାଗ, ଡମଣା, ରଣା, ଚିତି, ଅଜଗର, ଅହିରାଜ ଆଦି ଭୟଙ୍କର ସାପ ଧରନ୍ତି ଆଉ ଜଙ୍ଗଲରେ ଛାଡନ୍ତି। ତାଙ୍କର ଏହି କାମ ପାଇଁ ସମସ୍ତଙ୍କର ସେ ଅତି ପ୍ରିୟ। ମାଧବ କିନ୍ତୁ ଏହି କାମ ବିନା ସୁରକ୍ଷା ଜିନିଷରେ କରନ୍ତି। ଏନେଇ ଅଂଚଳବାସୀଙ୍କ ଦାବି ପ୍ରଶାସନ ମାଧବଙ୍କୁ ସାପ ଧରିବା ପାଇଁ ଜୋତା, ଗ୍ଲୋବସ, ବାଡ଼ି, ଯନ୍ତ୍ରପାତି ଆଦି ପ୍ରଦାନ କରନ୍ତୁ ଆଉ ତାଙ୍କର ଏହି ଦୁଃସାହସିକ କାମ ପାଇଁ ସରକାର ତାଙ୍କୁ ପୁରସ୍କୃତ ବାବଦରେ ଆର୍ଥିକ ସାହାଯ୍ୟ ମଧ୍ୟ କରନ୍ତୁ। ମାଧବ ଖାଲି ସାପ ଧରି ଜଙ୍ଗଲରେ ଛାଡନ୍ତି ନାହିଁ, ସେ ମଧ୍ୟ ସାପର ସୁରକ୍ଷା ନେଇ ଲୋକଙ୍କୁ ସଚେତନ କରନ୍ତି। ତେବେ ଅଂଚଳବାସୀଙ୍କ ଦାବି ଅନୁସାରେ ପ୍ରଶାସନ ଓ ସରକାରଙ୍କ କୃପାଦୃଷ୍ଟି ତାଙ୍କ ଉପରେ କେବେ ପଡିବ ତାହା ଦେଖିବା ବାକି ରହିଲା।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୫ ଅକ୍ଟୋବର ୨୦୨୩
email :
rabibarachayan2015@gmail.com



## ଧାରାବାହିକ ଉପନ୍ୟାସ



# ବୈଦେହୀ

**ଡ.ଭାଗବତ ବେହେରା**



'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୨୨

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ପର୍ଶୁରାମଙ୍କ କଥାରେ ତୁଷ୍ଟ ହୋଇ ମୋ ସ୍ୱାମୀ ଧନୁରୁ ଶରକୁ ନୁଆଇଁ ଆଣନ୍ତେ, ପର୍ଶୁରାମ ତାଙ୍କ ନିକଟକୁ ଆସି ଅତି କ୍ଷୀଣ ସ୍ୱରରେ କହିଥିଲେ, "ମୋର ଧାରଣା ଥିଲା, ମୁଁ ପୃଥିବୀ ବିଜେତା ପର୍ଶୁରାମ । ମୋ ଠୁଁ ବଡ଼ଯୋଦ୍ଧା ଏ ଧରାରେ ଆଉ କେହି ଜନ୍ମ ନେଇ ନଥିବେ । ସେ ଧାରଣା ମୋର ଆଜି ଦୂର ହୋଇଗଲା । ପର୍ଶୁରାମଙ୍କ ଠୁଁ ବଳି ଯେ ରାମ ଅଯୋଧ୍ୟାରେ ଜନ୍ମଗ୍ରହଣ କରିଛନ୍ତି, ତାହା ମୁଁ ପ୍ରତ୍ୟକ୍ଷରେ ଦେଖିଲି । ତୁମର ବିବାହ ସମ୍ପନ୍ନ ହୋଇଯାଇଛି । ମୁଁ ତୁମକୁ ଆଶୀର୍ବାଦ କରୁଛି ତୁମ ଦାମ୍ପତ୍ୟ ଜୀବନ ଚିର ସୁନ୍ଦର, ଚିର ମଧୁମୟ ହେଉ । ତୁମ ଦାମ୍ପତ୍ୟ ଜୀବନର କାହାଣୀ ଯୁଗଯୁଗ ପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହୁ । ଏହାପରେ ମୋ ଶଶୁରଙ୍କ ଉଦ୍ଦେଶ୍ୟରେ ସେ କହିଥିଲେ, 'ମହାରାଜ ଦଶରଥ ! ତୁମେ ଅତ୍ୟନ୍ତ ଭାଗ୍ୟବାନ । ରାମ ଭଳି ଯଶସ୍ୱୀ, କୀର୍ତ୍ତିମାନ ପୁତ୍ର ତୁମେ ଲାଭ କରିଛ । ତୁମ ରଘୁବଂଶର ମର୍ଯ୍ୟାଦାକୁ ତୁମର ଏ ପୁତ୍ର ଦ୍ୱିଗୁଣିତ କରିବ । ଏବେ ତୁମେ ଆନନ୍ଦରେ ପୁତ୍ର ପୁତ୍ରବଧୂକୁ ନେଇ ଅଯୋଧ୍ୟା ଯାତ୍ରାକର ।'

ରାଜର୍ଷି ଜନକ ତୁମେ ମଧ ଅତ୍ୟନ୍ତ ଭାଗ୍ୟବାନ୍ । ସୀତା ଭଳି କନ୍ୟାର ପିତା ତୁମେ । ପୁଣି ରାମଙ୍କୁ ଜାମାତା ଭାବରେ ପାଇଛ । ମୁଁ ଜାଣିପାରୁଛି ତୁମ କନ୍ୟା ଭଳି ସୁଲକ୍ଷଣୀ, ପତିବ୍ରତା, ଧର୍ମପରାୟଣା, ସ୍ନେହଶୀଳା, ଶ୍ରଦ୍ଧାଶୀଳା ନାରୀଟିଏ ଏ ଧରାରେ ଖୋଜିଲେ ମିଳିବେ ନାହିଁ । ଏ ତୁମ ଉଭୟ କୁଳର ମର୍ଯ୍ୟାଦା ରଖିବ । ସତୀ ଶିରୋମଣି ଭାବରେ ଯୁଗ ଯୁଗକୁ କୀର୍ତ୍ତି ସ୍ଥାପି ଦେଇଯିବ । ଏହାକହି ସେ ମିଥିଳାରୁ ବିଦାୟ ନେବାପାଇଁ ମୋ ପିତାଙ୍କ ଠାରୁ ଅନୁମତି ନିଅନ୍ତେ, ଆମେ ସ୍ୱାମୀ ସ୍ତ୍ରୀ ଦୁଇଜଣ ତାଙ୍କୁ ପ୍ରଣାମ କରିଥିଲୁ । ଆମକୁ ଆଶୀର୍ବାଦ କରି ସେ କହିଥିଲେ, "ରାମସୀତା, ତୁମେ ସୀତାରାମ ହୋଇ ଜଗତରେ ଯଶ କୀର୍ତ୍ତି ସ୍ଥାପନ କରିଯିବ। ଅଧିକ ଆଉ କି କଲ୍ୟାଣ ମୁଁ ତୁମକୁ କରିବି । ଯେତେ ଝଡ଼ଝଞ୍ଜା ଆସିଲେ ମଧ ତୁମେ ତୁମ କର୍ତ୍ତବ୍ୟରୁ ଓହରିଯିବ ନାହିଁ । ନିୟତି ଯେତେ କଠୋର ହେଲେ ବି ସେ ଦିନେ ତୁମ ଯଶ ଖ୍ୟାତି ନିକଟରେ ମଥାନତ କରିଦେବ ।

ଏତକ କହି ସେ ମିଥିଳାରୁ ବିଦାୟ ନେଇଥିଲେ ।

ତାଙ୍କ ଯିବାପଥକୁ ଚାହିଁ ଦୀର୍ଘଶ୍ୱାସ ଛାଡ଼ିଥିଲେ ମୋ ପିତା, ମୋ ଶଶୁର । ମହର୍ଷି ବିଶ୍ୱାମିତ୍ର କହିଥିଲେ ଏକ ଘୋର ଦୁର୍ବିପାକରୁ ଆମେ ବଞ୍ଚିଗଲୁ । ପର୍ଶୁରାମ ଭଳି କ୍ରୋଧୀ ତପସ୍ୱୀ, ତାଙ୍କ ଭଳି ବୀର ଯୋଦ୍ଧା ଏ ପୃଥିବୀରେ ବିରଳ । ସେ ଯେମିତି କୋପ କରି ଆସିଥିଲେ, ମିଥିଳାରେ ଦୁର୍ଘଟଣାଟିଏ ଘଟିଥାନ୍ତା ନିଶ୍ଚିତ । ରାମ ଯଦି ପର୍ଶୁରାମଙ୍କ ଧନୁରେ ଗୁଣ ଦେଇ ପାରି ନଥାନ୍ତେ....

ତାଙ୍କ ତୁଣ୍ଡରୁ କଥା ନସରୁଣୁ ମୋ ସ୍ୱାମୀ କହିଥିଲେ, "ଗୁରୁଦେବ ! ପର୍ଶୁରାମ ମହାକୋପୀ ହେଲେ ହେଁ ରାମ ଋଷିଶ୍ରେଷ୍ଠ ବିଶ୍ୱାମିତ୍ରଙ୍କ ଶିଷ୍ୟ।

ହୋ ହୋ ହୋଇ ହସିଉଠିଥିଲେ ମହର୍ଷି ବିଶ୍ୱାମିତ୍ର । ମୋ ପିତାଙ୍କୁ ଶୁଣାଇ ସେ କହିଥିଲେ ରାଜର୍ଷି ଜନକ, ତୁମ ସମସ୍ତ କାର୍ଯ୍ୟ ସାମାନ୍ୟ ସାମାନ୍ୟ ବାଧାବିଘ୍ନରେ ସଫଳ ହେଉଛି । ଶିବଧନୁ ଭଗ୍ନରେ କିଛି ବାଧା ଆସିଥିଲା । ସେ ବାଧାକୁ ରାମ ଦୂରେଇ ଦେବାପରେ ଆଉ ଏକ ବିଘ୍ନ ଉପୁଜିଲା । ସେ ବିଘ୍ନକୁ ମଧ ରାମ ଖଣ୍ଡନ କରିଛି । ବିବାହ ତ ଭଲରେ ଭଲରେ ସମ୍ପନ୍ନ ହେଲା । ଏବେ ବରବଧୂଙ୍କ ଅଯୋଧ୍ୟା ଯାତ୍ରାର ସୁବନ୍ଦୋବସ୍ତ କରିଦିଅ । ମହାରାଜ ଦଶରଥ ଏକାଥରେ ଚାରିପୁତ୍ରଙ୍କ ବିବାହ ଗୋଟାଏ ତିଥିରେ ସମ୍ପନ୍ନ କରାଇଲେ । ଏହା ମଧ ତାଙ୍କ ପ୍ରତି ଅତି ସୌଭାଗ୍ୟର ବିଷୟ ।

ବିଶ୍ୱାମିତ୍ରଙ୍କ କଥା ଶୁଣି ମୋ ପିତା ଜନକ କହିଥିଲେ, ମହର୍ଷି ଆଜି ଯାହା ବି ହୋଇଛି ସେ ସମସ୍ତ ଆପଣଙ୍କ ଦୟାରୁ ହୋଇଛି । ଆପଣ ଯଦି ସାଂଗରେ ରାମ ଲକ୍ଷ୍ମଣଙ୍କୁ ଧରି ମିଥିଳା ଆସି ନଥାନ୍ତେ, ତାହେଲେ ମୋର ଅବସ୍ଥା ଯେ କ'ଣ ହୋଇଥାନ୍ତା ?

ସବୁ ବିଧାତାର ନିର୍ଦ୍ଦେଶ ମହାରାଜ ଜନକ। ତୁମେ ଆମେ ସବୁ ନିମିତ୍ତ ମାତ୍ର । ଏବେ ତୁମେ କନ୍ୟା ବିଦାୟର ଆୟୋଜନ କର ।

ପିତାଘର ସୁଖ ମୋର ସରିଆସିଲା ସୁଧାମୟୀ । ମୋ ପିତା ଆମ ଚାରିଭଉଣୀଙ୍କୁ ଆମ ଶଶୁରଘର ଅଯୋଧ୍ୟାପୁରୀକୁ ପଠାଇ ଦେବାପାଇଁ ସମସ୍ତ ଆୟୋଜନ କରିଥିଲେ । ଆମେ ଭଉଣୀମାନେ ଯେତେ ଚାହିଁଲେ ମଧ ଆଉ ପିତ୍ରାଳୟରେ ରହିପାରିବୁ ନାହିଁ । ଏବେ ଆମ ପାଇଁ ଆମ ଶଶୁରଘର ସ୍ୱର୍ଗ, ଶାଶୁ ଶଶୁର ଆମ ପାଇଁ ପିତାମାତା । ତାଙ୍କ ଅତିଥି, ଅଭ୍ୟାଗତ ଆମ ପାଇଁ ବନ୍ଦନୀୟା ଆଉ ଆମ ସ୍ୱାମୀ ଆମ ପାଇଁ ପ୍ରତ୍ୟକ୍ଷ ଦେବତା - ଈଶ୍ୱର ।

ଏଇକଥା କହୁକହୁ ତପସ୍ୱିନୀ ସୀତା ଭୋ ଭୋ ହୋଇ କାନ୍ଦି ତଳେ ଲୋଟି ପଡ଼ିଥିଲେ । ମୁନିକନ୍ୟା ମାନେ ତାଙ୍କୁ ବେଢ଼ିଯାଇ ଆଶ୍ୱାସନା ଦେବା ସହିତ ପୋଛି ଦେଇଥିଲେ ତାଙ୍କ ଚକ୍ଷୁର ଲୋତକ । ସେମାନଙ୍କ ଚକ୍ଷୁ ମଧ ଲୋତକରେ ପୂର୍ଣ୍ଣ ହୋଇ ଯାଇଥିଲା । ତାଙ୍କୁ ଏପରି ଭାଂଗି ପଡ଼ୁଥିବାର ଦେଖି ସୀତା କହିଥିଲେ, ତୁମେମାନେ ଦୁଃଖ କରନାହିଁ । ମୋ ଜୀବନର ସୁଖ ଦୁଃଖ ସବୁ ଘଟଣା ମୁଁ ତୁମମାନଙ୍କ ନିକଟରେ ବଖାଣି ବସୁଛି । ଏ ଜନ୍ମରେ ମୋ ପ୍ରଭୁଙ୍କ ସହିତ ମୋର ଆଉ ସାକ୍ଷାତ ହେବକି ନା ତାହା ମୁଁ ଜାଣେନା । ମୋ ଅନ୍ତେ ଯଦି ତାଙ୍କ ସହିତ ତୁମମାନଙ୍କର କେବେ ସାକ୍ଷାତ ହେବ, ତାହେଲେ ଏ ତପସ୍ୱିନୀର ଦୁଃଖ ତୁମେ ତାଙ୍କୁ ଶୁଣାଇଦେବ । ସୀତାଙ୍କ ଭାରି ମନକୁ ସାମାନ୍ୟ ହାଲୁକା କରିଦେବା ପାଇଁ ଉଦ୍ୟମ କରି, ପ୍ରୀତିଦା କହିଥିଲା ଦେବୀ, କାହାଣୀ ତ ଅଧାରୁ ରହିଗଲା ଯା ପରେ କ'ଣ ସବୁ ଘଟିଲା... । କ'ଣ ଆଉ ଘଟିବ ସଖୀ ! ମୋ ପିତା ଅନେକ ଜାନିଯୌତୁକ ସହ, ରଥ, ହସ୍ତୀ, ଘୋଡ଼ା, ସୁନା, ରୁପା, ହୀରା, ଲୀଳା ଆଦି ରତ୍ନ ସହିତ ଆମକୁ ଅଯୋଧ୍ୟା ପଠାଇ ଦେଇଥିଲେ । ବିବାହର ତିନିଦିନ ପରେ ରଥ ଆସି ଅଯୋଧ୍ୟା ନଗରୀକୁ ଛୁଇଁଥିଲା ।

॥ ଛଅ ॥

ମାର୍ଗଶୀର ମାସର ଶୁକ୍ଳପକ୍ଷର ଅଷ୍ଟମୀ ତିଥି । ରୁପାଥାଳି ଭଳି ବଙ୍କା ଜହ୍ନଟା ଓହଳି ପଡ଼ିଛି ପଶ୍ଚିମାକାଶରେ । ପକ୍ୱଫଳର ସୁବାସ ସହିତ ଶୀତକାଳୀନ ହେନା, ଚମ୍ପା ଆଦି ଫୁଲର ସୁବାସକୁ ବହନ କରି ଧୀରଧୀର ହୋଇ ବହୁଛି ଉତ୍ତରା ପବନ । ଶାନ୍ତି ଆଶ୍ରମରେ ବିଛେଇ ହୋଇ ପଡ଼ିଛି ମୁକ୍ତାଝରା ଶୀତଳ କିରଣ । ହରିଣ ଶାବକମାନେ ସନ୍ଧ୍ୟା ସମୀରଣର ଶୀତଳ ସ୍ପର୍ଶ ପାଇ ଆନନ୍ଦରେ ଡେଇଁ ବୁଲୁଛନ୍ତି । ପକ୍ଷୀମାନେ ନୀଡ଼କୁ ଫେରି ଭିଡ଼ ଜମେଇ ଦେଲେଣି । ମୁନିକୁମାରୀମାନେ ଆଶ୍ରମରେ ଲାଗିଥିବା ଫଳ, ଫୁଲ, ଗଛ ଲତାରେ ପାଣିଦେଇ ତମସାରୁ ସ୍ନାନ ସାରି ଫେରି ଆସିଲେଣି । ମୁନିକୁମାରମାନଙ୍କର ସନ୍ଧ୍ୟା ଗାୟତ୍ରୀ ମନ୍ତ୍ର ଉଚ୍ଚାରଣରେ ଆଶ୍ରମର ପରିବେଶ ମଧୁମୟ ହୋଇଉଠିଛି । ଆଶ୍ରମରେ ପ୍ରଭାତ ଓ ପ୍ରଦୋଷ ସମୟ ଅତ୍ୟନ୍ତ ରମଣୀୟ ହୋଇଥାଏ । ସେହି ମନୋରମ ପରିବେଶକୁ ମନଭରି ଉପଭୋଗ କରିବାପାଇଁ ମୁନିକୁମାରୀମାନେ ଆସି ଆଶ୍ରମସ୍ଥ ବଉଳ ବେଦୀ ନିକଟରେ ଭିଡ଼ ଜମାଇ ଦେଲେଣି । ଏମିତି ଏକ ମନୋରମ ଚମ୍ପାଫୁଲିଆ ଶୀତୁଆ ସନ୍ଧ୍ୟା ସମୟକୁ ସେମାନେ ହସଖୁସିରେ ଗପିଗପି କଟାଇଦେବେ । ସୁଧାମୟୀ, ପ୍ରୀତିଦା, ଐଶ୍ୱର୍ଯ୍ୟା, କମଳିନୀ ଆଦି ମୁନିକୁମରୀମାନେ ଏକତ୍ର ହୋଇ ମନେମନେ ଯାହାକୁ ଖୋଜୁଛନ୍ତି, ସେ କିନ୍ତୁ ଆଜି ବଉଳ ବେଦୀ ମୂଳରେ ନାହାନ୍ତି।

(କ୍ରମଶଃ)

♥ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ)୬୩୭୦୫୦୯୧୦୪

## ସ୍ମରଣୀୟେଷୁ...

# ନାସ୍ତିକ ମୋହିନୀ ମୋହନ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**



ଯେଉଁମାନେ ଭଗବାନଙ୍କ ଅସ୍ତିତ୍ୱକୁ ସ୍ୱୀକାର କରନ୍ତି ନାହିଁ, ସେମାନଙ୍କୁ ଆମେ ନାସ୍ତିକ ବୋଲି କହିଥାଉ । ସେଭଳି ଈଶ୍ୱର ବିଶ୍ୱାସ ଶୂନ୍ୟ ମଣିଷ କୌଣସି ଦେବଦେବୀଙ୍କ ପୂଜା ଆରାଧନା କରନ୍ତି ନାହିଁ । କୌଣସି ମନ୍ଦିର ମସ୍‌ଜିଦ୍ ବା ଚର୍ଚ୍ଚକୁ ଯାଆନ୍ତି ନାହିଁ । କୌଣସି ଧର୍ମସଭାରେ ଯୋଗ ଦିଅନ୍ତି ନାହିଁ । ଆମେ ଯେ ଭାବୁ ଏ ସମଗ୍ର ପୃଥିବୀ ଓ ବିଶ୍ୱବ୍ରହ୍ମାଣ୍ଡ କେହି ଜଣେ ସର୍ବଶକ୍ତିମାନ ଅକଳ୍ପନୀୟ ସତ୍ତାଦ୍ୱାରା ପରିଚାଳିତ ହେଉଛି ବୋଲି, ସେମାନଙ୍କର ଏଥିରେ କୌଣସି ଆସ୍ଥା ନଥାଏ ।

ମୋହିନୀମୋହନ ସେନାପତିଙ୍କ ବିଚାର ବିମର୍ଶ ପ୍ରତି ଦୃଷ୍ଟି ଦେଲେ ଜଣାପଡ଼େ ଯେ ସେ ମଧ ନାସ୍ତିକ ମାନଙ୍କ ଆଚରଣଠାରୁ ହୋଇନଥିବେ ଭିନ୍ନ । କିଏ ତ ବ୍ରାହ୍ମଧର୍ମଠାରୁ ମୁକ୍ତହେଲେ ଆପଣାର ତାର୍କିକ ବୁଦ୍ଧିମତା ଦ୍ୱାରା । ଏହାପରେ ଯେ ସେ ଆଉ ଅନ୍ୟ କୌଣସି ଧର୍ମ ବା ଦେବତାଙ୍କୁ ବିଶ୍ୱାସ କରିଥିବେ ବୋଲି ମନେହୁଏ ନାହିଁ । ଏପରିକି ଏହି ବିଷୟକୁ କେନ୍ଦ୍ରକରି ତାଙ୍କ ପିତା ଫକୀରମୋହନଙ୍କ ସହିତ ତାଙ୍କର ଅନେକ ଯୁକ୍ତି ତର୍କ ହୋଇଥିବା ଲୋକମୁଖରୁ ଶୁଣାଯାଏ। ପିତାପୁତ୍ରଙ୍କ ମଧରେ ଘଟିଥିବା ଏପରି ତିକ୍ତ ଅନୁଭୂତି ଉଭୟଙ୍କୁ ଯେ ଆହତ କରିଥିବ ମନେ ମନେ ଚିନ୍ତା କରିବାକୁ ପଡ଼େ ଯେ ଫକୀରମୋହନ କାହିଁକି ମୋହିନୀମୋହନଙ୍କୁ ଧର୍ମ-ବିଶ୍ୱାସୀ କରିବା ପାଇଁ ଚାହିଁଥିଲେ ? ସେ କଣ ଜାଣିନଥିଲେ ଯେ କାହାରି ହୃଦୟ ଭିତରେ 'ବିଶ୍ୱାସ' ଭାବଟିକୁ ପ୍ରତିଷ୍ଠା କରାଯାଇ ନପାରେ । ଈଶ୍ୱରଙ୍କୁ ବାଧବାଧକତାରେ ପୂଜା କରିବାକୁ କହିବା ଅତ୍ୟନ୍ତ ଅସଙ୍ଗତ ବ୍ୟାପାର। ପୁତ୍ର ଯେ ପିତାପରି ହିଁ ହେବେ ଏଥିରେ କୌଣସି ନିଶ୍ଚିତତା ନ ଥାଏ । ଯେ କୌଣସି ଲୋକଙ୍କୁ ଧର୍ମାସକ୍ତ ହେବା ପାଇଁ ବାଧ କରିବା ହେଉଛି ଅଧାର୍ମିକ କାର୍ଯ୍ୟ । ଏହି ସାଧାରଣ ସତ୍ୟକୁ କାହିଁକି ଫକୀରମୋହନଙ୍କ ପରି ସ୍ରଷ୍ଟା ବୁଝିପାରୁନଥିଲେ ? ପ୍ରତ୍ୟେକ ମଣିଷ ହେଉଛନ୍ତି ସ୍ୱତନ୍ତ୍ର, ଏକ ଏକ ସତ୍ତା । କାହାରି ଉପରେ ଅଧିକାର ସାବ୍ୟସ୍ତ କରିବାର ଅଧିକାର କାହାରି ନାହିଁ । ଯିଏ ଈଶ୍ୱରଙ୍କୁ ବିଶ୍ୱାସ କଲା କିମ୍ବା ନକଲା ସେ ବିଷୟରେ ବିବ୍ରତ ହେବାର ଆବଶ୍ୟକତା ଆଦୌ ନାହିଁ । ପ୍ରକୃତ କଥା ହେଲା ଯେ ଜଣେ ମଣିଷ ଭାବରେ ମଣିଷକୁ ଉପଯୁକ୍ତ ସ୍ନେହ, ସମ୍ମାନ ଦେଇପାରୁଛି, ତାହେଲେ ଈଶ୍ୱର ବିଶ୍ୱାସ କଣ ଅପରିହାର୍ଯ୍ୟ ? ଯଦି ଫକୀରମୋହନ ଓ ମୋହିନୀମୋହନ ପରସ୍ପରକୁ ସ୍ୱୀକାର କରିନେଇଥାନ୍ତେ ତାହେଲେ ସେମାନଙ୍କ ବା ସମାଜର କଣ କ୍ଷତି ସାଧନ ହୋଇଥାଆନ୍ତା ? ଜୀବନରେ ନିଜ ପ୍ରିୟ ଲୋକଙ୍କ ଠାରୁ ଜିତିଯିବା ଯେତିକି ଆନନ୍ଦ ଦେଇଥାଏ, ହାରିଯିବାର ଅନୁଭୂତି ତହିଁରୁ ଶହେଗୁଣ ଅଧିକ ଆନନ୍ଦ ପ୍ରଦାନ କରେ । ଏହି ମନସ୍ତତ୍ତ୍ୱ ନବୁଝିଲେ ଫକୀରମୋହନ ନା ମୋହିନୀମୋହନ !

ଯେଉଁମାନେ ମୋହିନୀମୋହନଙ୍କୁ ଧାର୍ମିକ ହେବେ ବୋଲି ବିଶ୍ୱାସ କରୁଥିଲେ, ସେମାନେ ମୋହିନୀମୋହନଙ୍କ ବିପରୀତ ବ୍ୟବହାରରେ ବିମର୍ଷତା ଅନୁଭବ କରିବା କେତେଦୂର ସମୀଚୀନ ? ନାସ୍ତିକକୁ ନାସ୍ତିକ ବୋଲି ମାନିନେବାରେ ବା ଗ୍ରହଣ କରିବାରେ ଅସୁବିଧା ହେଉଛି କେଉଁଠି, ଏହା ଏ ଲେଖକ ଏ ପର୍ଯ୍ୟନ୍ତ ବୁଝି ପାରିନାହିଁ । ଜଣେ ମଣିଷ ଗୋଟିଏ ଯନ୍ତ୍ର ନୁହେଁ । ଆମେ ଯେପରି ଚାହିଁବା ତାକୁ ସେହିପରି ଗଢ଼ିଦେବା ସମ୍ଭବ କି ? ପୁଣି ଏପରି ଇଚ୍ଛା କରିବା କଣ ମନୁଷ୍ୟତା-ପରିପନ୍ଥୀ ବିଷୟ ହୋଇପାରିବ ନାହିଁ । ତେଣୁ ଯେଉଁ ମଣିଷ ଯେପରି ଭାବରେ ଗଠିତ ହୋଇଛି ତାକୁ ସେହିପରି ଭାବରେ ଗହଣ ନକରି ଗୋଟିଏ ସମାନ ଛାଞ୍ଚରେ ସମସ୍ତଙ୍କୁ ପକାଇବା ଚେତନା- ପରି ପନ୍ଥୀ ବିଷୟ ନୁହେଁ କି ।

ନାସ୍ତିକ ହୋଇଥିବାରୁ ମୋହିନୀମୋହନ ସାହିତ୍ୟ ଜଗତରେ ଯେତେ ଆଦୃତ ହେବା ଆଶା କରାଯାଇପାରେ ତାହା ଏ ପର୍ଯ୍ୟନ୍ତ ସମ୍ଭବ ହୋଇପାରିନାହିଁ । ମୋହିନୀମୋହନଙ୍କ ସାହିତ୍ୟ ସମ୍ପର୍କରେ ମଧ ଆଶାନୁରୂପ ଆଲୋଚନା କରାଯାଇପାରି ନାହିଁ । ସେ ଜଣେ ବିଶିଷ୍ଟ ଗଦ୍ୟଶିଳ୍ପୀ ହୋଇଥିଲେ ମଧ ତାଙ୍କ ପ୍ରତିଭାର ବିସ୍ତୃତ ଆଲୋଚନା ହୋଇପାରି ନାହିଁ । ତାଙ୍କ ଜୟନ୍ତୀ ବା ଶ୍ରାଦ୍ଧପାଳନ ହେବା ତ ବହୁ ଦୂରର କଥା । ତାଙ୍କୁ ଆମେ ଏକପ୍ରକାରେ ବିସ୍ମୃତ ହୋଇଯାଇଛୁ । ଏସବୁର କାରଣ ହେଲା ସେ ଥିଲେ ନାସ୍ତିକ । ଅନ୍ୟ କାହାଦ୍ୱାରା ପ୍ରଭାବିତ ନ ହୋଇ ନିଜ ବିଶ୍ୱାସ ଉପରେ ଆସ୍ଥାଶୀଳ ହୋଇ ଯିଏ ଜୀବନ ଯାତ୍ରା କରିପାରେ ତା'ଠାରୁ ନିର୍ଭୀକ ବ୍ୟକ୍ତି ଆଉ କିଏ ଅଛି ? ଅନ୍ଧ ଭାବରେ ଅନ୍ୟମାନେ ଯାହା କରୁଛନ୍ତି ସେପରି କରିବା ଅପେକ୍ଷା ଯିଏ ନିଜ ପରି ହୋଇପାରେ, ସେ ହେଉଛି ଦୁଃସାହସିକ ଅଭିଯାତ୍ରୀ । ତେଣୁ ଏପରି ନାସ୍ତିକମାନେ ନିନ୍ଦିତ ନ ହୋଇ ପ୍ରଶଂସିତ ହେବାର ବହୁ କାରଣ ରହିଛି ।

ଏ ଦୃଷ୍ଟିରୁ ନାସ୍ତିକ ମୋହିନୀ ମୋହନ ଆମ ସମସ୍ତଙ୍କର ଏକାନ୍ତ ନମସ୍ୟ ।

♥ ପୂର୍ବତନ ବିଭାଗ ମୁଖ୍ୟ
ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ,
ଫକୀରମୋହନ ବିଶ୍ୱବିଦ୍ୟାଳୟ,
ବାଲେଶ୍ୱର

## କବିତା...

### ॥ ଶବ୍ଦଚାଷ ॥

**ଡ. ଶ୍ରୀକୁମାର**



ଏଇନେ ଏଇଠୁଁ ଯିବାକୁ ଚାହିଁଲି
ଏକୁଟିଆ ଏକମୁହାଁ,
ସଜବାଜ ହୋଇ ସାଥିରେ ବାହାରିଲେ
ଛାଇ ସହ ଦୁଃଖ, ବହୁ ବାରଣ ସତ୍ତ୍ୱେ ।

ବିଗତ ଦିନରେ
ଗୋଟେ ଲଫାପା ଭିତରେ
ବଳକାଥିବା ଶବ୍ଦମାନେ
ଅଜାଣତରେ ବି ସାଥିରେ ଥିଲେ
କେହି ବେଦଖଲ ହେବାକୁ
ଚାହୁଁ ନଥିଲେ ଜମାରୁ ।

ବାଡଘେରା କିଆରୀଟେ
ଯାହା ମୋ ଆଖି ପାଆନ୍ତା
ଆୟତ୍ତାଧୀନ ଥିଲା,
ସେଇଠି ହିଁ ମୋର
ନିରାପଦ ଶବ୍ଦଙ୍କ ଗହଳି
ଛାଇ ପରି, ଦୁଃଖ ପରି
ଅନ୍ଧାର, ଅନୁଶୋଚନା ପରି
ଶବ୍ଦଙ୍କର ଭଲ ଚାଷ ହୁଏ ।

ବେଦଖଲରୁ ବର୍ତ୍ତିଥିବା
ଆତ୍ମତୃପ୍ତିର ମାହୋଲ ଭିତରେ
ସେଇ ସଜଫୁଟା ଶବ୍ଦଙ୍କର
ଶୃଙ୍ଖଳିତ ସମ୍ବୋଧନ ଓ ବିମୁକ୍ତ ସମ୍ମୋହନରେ
ମୁଁ ବେଶ ଉତ୍ସାହିତ ।

ମୋ ଶବ୍ଦଚାଷ କିଆରୀର
ଦୃଶ୍ୟାବଳି ନିଆରା ବୋଲି
ପାଖ ଟାଙ୍ଗରା ଭୂଇଁ ବି
ଈର୍ଷା କରେ, ତିରସ୍କାର କରେ
ପାଖ ଇଲାକାର ଲୋକ
ହାତେ ମାପି ଚା'ଖଣ୍ଡେ ଚାଲିବାର
ସତର୍କତାରେ
ମୁଁ ଆଶ୍ୱସ୍ତ ହୁଏ ।

କାହାଠାରୁ ଆଉ ହାତଉଧାରି ଆଣୁନି ଶବ୍ଦ
ଶବ୍ଦ କରଜର ଜ୍ୱାଳାରେ
ଅସ୍ତବ୍ୟସ୍ତ ହେଉନି ଜୀବନ,
ଗଲାଦିନର ପ୍ରତିଯୋଗିତା
ବାଜି ଜିତିବାର ପ୍ରଶ୍ନକୁ
ସାମ୍ନା କରିବାକୁ ବହେ
ମର୍ମଭେଦୀ ଜଂଜାଳ ଭୋଗିଲି ।

ଏବେ ଚିନ୍ତାଶୂନ୍ୟ ମୁଁ,
ନିଜ କ୍ଷେତରେ ଲହଡି ଭାଙ୍ଗୁଛି ଶବ୍ଦ ।

♥ ସଂଭାବନା ପ୍ରକାଶନୀ ମୁଖ୍ୟ
ଦେହୁଡଦା, ଭୋଗରାଇ
(ମୋ) ୮୨୪୯୬୮୭୭୭୪

### ॥ ପ୍ରହେଳିକା ॥

**ରାଜେଶ ପୂଜାରୀ**



ଯାରେ ଭରସିଲି ଯେ ଡାଳ ଧରିଲି
ଗୋଟି ଗୋଟି ହେଇ ଯାଏ ଛିଡ଼ି,
ଆକାଶକୁ ନେଇ କେହିଜଣେ ମୋତେ
ଲାଗେ, ବାରମ୍ବାର ଦିଏ ଛାଡ଼ି।

ଭାବିଥିଲି ମୁହିଁ ଦିନ ନେବି ବାହି
ଅମୃତ ଝରଣେ ଭାସି ଭାସି,
ମରୁ ହାହାକାରେ ତିଳ ତିଳ ମରେ
ଆକୁଳେ ବ୍ୟାକୁଳେ ଦିବାନିଶି।

ଭାଙ୍ଗି ଯାଇଥିବା ଆଶାର ମୀନାରେ
ହେଉଅଛି ଖାଲି ବ୍ୟତିବ୍ୟସ୍ତ,
କେଉଁ ଜନ୍ମେ କିବା ପାପ ଆଚରିଛି
ହେଲି ଏତେ ବଡ଼ ଅଭିଶପ୍ତ !

କୋହ ବହ୍ନି ଧାସେ ନିତି ପ୍ରତି ଝାସେ
ହୋଇ ମୁଁ ନିର୍ବାକ ନିରୁପାୟ,
ହସୁଛି କାନ୍ଦୁଛି ମିଛରେ କରୁଛି
ସହଜେ ବଞ୍ଚିବା ଅଭିନୟ।

ହୁଏନା ବାରଣ ସ୍ମୃତିର ତର୍ପଣ
ବୋଝକୁ ନଳିତା ବିଡ଼ା ପରି,
ସୁତଥ୍ୟ ବିପୁଳ ଇଲାକାରେ ଥାଇ
ଅପାରଗପଣେ ଘୁରି ଘୁରି।

ପ୍ରହେଳିକା ମୁଁ ଯେ ସମାଜ ଦର୍ପଣେ
ବୁଝି ପାରନ୍ତିନି ମୋତେ କେହି,
ଅନ୍ୟମାନେ ଅବା ବୁଝନ୍ତେ କେମିତି
ଏଯାଏଁ ବୁଝିନି ମୋତେ ମୁହିଁ !

♥ କୁଶମେଲ, ଝାରସୁଗୁଡ଼ା
ମୋ-୮୧୪୪୭୭୯୦୬୧

### ॥ ପୁନର୍ଜନ୍ମ ॥

**ପ୍ରଶାନ୍ତ କୁମାର ଦାଶ**



ଥରେ କି ଦି'ଥର ନୁହେଁ
ତୋ ଆଖିକୁ ନେଇ ଅନେକ ଥର କବିତା ଲେଖିଛି,
ତଥାପି ତୋ ଆଖିକୁ ନେଇ ଆହୁରି ସରିନାହିଁ ମୋର କବିତା ଲେଖା ।

ତୋ ଆଖି ଆଖି ନୁହେଁ ଗୋଟେ ସମୁଦ୍ର,
ଯୋଉଠି ଘଣ୍ଟାକୁ ପଚାଶ ଥର ମୁଁ ଏବେବି ଆତ୍ମହତ୍ୟା କରୁଥାଏ ।

ଯଦି ମୋତେ କୁହାଯାଏ ଯେ
ତିନିଶହ ଶବ୍ଦ ଭିତରେ ତୋ ଆଖି ଶୀର୍ଷକରେ ଏକ ପ୍ରବନ୍ଧ ଲେଖିବାକୁ,
ବୋଧହୁଏ ଏହା ହିଁ ପୃଥିବୀର ସବୁଠୁ କଠିନ କାମ,
ମୋ ଆଖି କହେ ତୋ ଆଖି ଗୋଟେ ଦୀର୍ଘ ଉପନ୍ୟାସ ।

ତୋ ଆଖି ଅଚାନକ
ଡାଇନୋସର୍ ସାଜି ମୋତେ ଗୋଟାପଣେ ଗିଳି ପକାଏ,
ମୁକୁଳିବାର ସବୁ ବାଟ ବିଫଳତାର ଜତୁଗୃହରେ ହୁ ହୁ ଜଳୁଥାନ୍ତି ।

ତୋ ଆଖି ନିର୍ଜଳା ମରୁଭୂମିରେ ମଧୁର ଜଳ,
ତୋ ଆଖି ଆଲୋକବର୍ତ୍ତିକା ମୋ ଅନ୍ଧାର ରାତିର ।

ତୋ ଆଖି କେବେ କେବେ ପ୍ରଜାପତି ପାଲଟି ଉଡିବୁଲେ
ମୋର ଚାରିପାଖେ, ମୁଁ ଅବୋଧ ଶିଶୁଟିଏ ପରି
ତୋ ଆଖିର ପଛେ ପଛେ ଧାଉଁଥାଏ ।

ତୋ ଆଖିର ତୀକ୍ଷଣ ତୀରରେ ପ୍ରତିକ୍ଷଣ ହୁଏ ମୋର ପୁନର୍ଜନ୍ମ ।

ବାରମ୍ବାର ପୁନର୍ଜନ୍ମ ପରେ ବି
ତୋ ଆଖିକୁ ନେଇ ସରେନାହିଁ ମୋର କବିତା ଲେଖା ।

♥ ରେଗଡା,ଏମ୍.ରାମପୁର, କଳାହାଣ୍ଡି
( ମୋ) ୭୭୩୫୪୧୯୫୭୩ଏ

### ॥ ତୁମେ ମୋ ଏକାନ୍ତ ସାଥୀ ॥

**କ୍ଷମାନିଧି ଭୋଇ**



ତୁମେ କଣ କଲ କେଜାଣି
ତୁମ ସ୍ମୃତି ଜାହିର କରେ
ସଦା ମୋତେ ତୁମ ଉପସ୍ଥିତି ।

ଆଜି ବି ସତେଜ ଲାଗୁଛି
ସେଦିନର ତୁମ
ମିଠା ମିଠା ପ୍ରେମ ପ୍ରୀତି।

ଯେବେ ତୁମେ ମନେପଡ଼
ମୋ ଭଲପାଇବାର ଇଲାକାରେ
ମାଟିଠୁ ଆକାଶ ଲାଗେ
ଖୁବ୍ ଆପଣା ଆପଣା
ଭୁଲିଯାଏ ମୁଁ ସବୁକିଛି
ଏମିତି କି ବସାବାନ୍ଧି ରହିଥିବା
ମନ ତଳ ଅକୁହା ଦୁଃଖ ଓ ଯନ୍ତ୍ରଣା ।

ମୁଁ ଜାଣେନି
ତୁମେ ମୋତେ କେତେ
ଭଲପାଅ କି ନ ପାଅ ;
କିନ୍ତୁ ତୁମେ ଯଦି ଚାହିଁବ
ନିଶ୍ଚିତ ପରଖି ପାରିବମୋ ହୃଦୟର ସବୁ
ପରିସୀମା
ତୁମ ମଙ୍ଗଳ ସକାଶେ
ଈଶ୍ୱରଙ୍କ ପାଖେ ମୁଁ
କେତେ କରିଛି କାମନା ।

ତୁମେ ଠିକ୍ ଜାଣିଛ
ଆମ ନିବିଡ଼ ସମ୍ପର୍କର
କେତେ ଗଭୀରତା
ଜଣକ ବ୍ୟତିରେକେ
କେତେ କଷ୍ଟପ୍ରଦ ଅନ୍ୟର ସ୍ଥିତାବସ୍ଥା ।

ସତରେ
ତୁମେ କଣ କଲ କେଜାଣି
ତୁମ ଅନୁପସ୍ଥିତିରେ ବି
ତୁମ ଉଷୁମ ସାନ୍ନିଧ୍ୟକୁ ମୁଁ
ଅନୁଭବ କରୁଥାଏ ଦିବସ ରଜନୀ।

ବୋଧେ, ତୁମେ ହିଁ
ମୋ ଏକାନ୍ତ ସୁଖଦୁଃଖ ସାଥୀ ।

♥ ଗୋଷ୍ଠୀ ଉନ୍ନୟନ ଅଧିକାର, ବଡ଼ଗାଁ
ଜି: ସୁନ୍ଦରଗଡ଼ ( ଓଡ଼ିଶା )
ପିନ୍: ୭୭୦୦୧୬
ମୋ : ୯୪୩୮୨୯୨୯୩୩

## ସ୍ୱପ୍ନ ଓ ସଂକଳ୍ପର ରୂପକାର : ଡକ୍ଟର କାଲାମ୍

### ଶେଖ୍ ଫରିଦ୍‌ଉଦ୍ଦିନ୍



ମାଟିରୁ ମହାକାଶ ପର୍ଯ୍ୟନ୍ତ ସ୍ୱପ୍ନକୁ ପରିବ୍ୟାପ୍ତ କରି ନିଜ ସ୍ୱପ୍ନକୁ ସତ୍ୟରେ ପରିଣତ କରି ଶ୍ରେଷ୍ଠ କୀର୍ତ୍ତି ସ୍ତମ୍ଭର ସ୍ଥପତି ତଥା ପ୍ରତିଟି ଭାରତୀୟଙ୍କ ମନରେ ଆତ୍ମବିଶ୍ୱାସ, ପ୍ରେରଣା, ସାହାସ ଓ ଶକ୍ତି ସଞ୍ଚାରୁଥିବା ଭାରତୀୟ କ୍ଷେପଣାସ୍ତ୍ର ଜନକ ଦେଶର ସବୁଠାରୁ ଲୋକପ୍ରିୟ ରାଷ୍ଟ୍ରପତି ପଦବୀକୁ ଅଳଙ୍କୃତ କରିଥିବା ମହାନ କୀର୍ତ୍ତି ପୁରୁଷ ଡକ୍ଟର ଅବୁଲ ପାକିର୍ ଜୈନୁଲ୍ ଆବେଦିନ୍ ଅବଦୁଲ କାଲାମ ବା ସମସ୍ତଙ୍କ ପରିଚୟ ଏପିଜେ ଅବଦୁଲ କାଲାମଙ୍କ ଆଜି ହେଉଛି ଜନ୍ମଦିନ। ନିଜର ନିରଳସ ସରଳ ଜୀବନ ଓ ସମସ୍ତଙ୍କ ସହ ପ୍ରିୟତାର ଅମାୟିକ ସ୍ୱଭାବ ସହ ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଜଣେ ଶିକ୍ଷକ ପରି ଗୁରୁଦାୟିତ୍ୱ ନିର୍ବାହ କରୁଥିବା ଏହି ମହାପୁରୁଷଙ୍କ ମହାପ୍ରୟାଣ ପ୍ରତିଟି ଭାରତୀୟଙ୍କ ପାଇଁ ଅତ୍ୟନ୍ତ ଦୁଃଖର ଘଟଣାଟି। ନିର୍ବୋଧ ଶିଶୁର କୌତୁହଳ ଠାରୁ ଜ୍ଞାନୀ ବୈଜ୍ଞାନିକଙ୍କ ଅନୁସନ୍ଧିତ୍ସୁ ପ୍ରଶ୍ନ ଯାଏ ସମସ୍ତଙ୍କର ପରିଭାଷାକୁ ବୁଝି ନିଜସ୍ୱ ସରଳ ଭାଷାରେ ଉତ୍ତର ଦେବା ହିଁ ତାଙ୍କର ଜୀବନର ଶ୍ରେଷ୍ଠ ଓ କୃତି ଏହା ହିଁ ଥିଲା ଜନପ୍ରିୟତାଙ୍କର ଅନ୍ୟତମ କାରଣ। ଭାରତକୁ ଦ୍ରୁତ ଶିଳ୍ପାୟନ ପଥ ସହ କ୍ରାନ୍ତିକାରୀ ଶିକ୍ଷାରେ ଅନ୍ୟ ମହାଶକ୍ତିଙ୍କ ସହ ସମକକ୍ଷ ହେବାପାଇଁ ତଥା ଏକ ବିକଶିତ ରାଷ୍ଟ୍ର ଭାବେ ଭାରତକୁ ପରିଣତ କରିବା ପାଇଁ କୋଟି କୋଟି କିଶୋର ଓ ଯୁବକଙ୍କ ମନରେ ସେ ଭରି ଦେଉଥିଲେ ସ୍ୱପ୍ନ ଓ ପ୍ରେରଣା। ଆତ୍ମମଗ୍ନ ରହି ନିଜ ସ୍ୱପ୍ନର ଭାରତ ଗଠନ ପାଇଁ ପ୍ରତିଟି ମୁହୂର୍ତ୍ତ ସେ ଅବିରତ ଭାବରେ ଉତ୍ସର୍ଗ କରିଦେଉଥିଲେ ଏହି ଭାରତ ମାତା ପାଇଁ। ପିଲାଟି ହୁଅନ୍ତୁ ବା ବଡ଼ ପରିଣତ ବୟସର ଲୋକ, ସମସ୍ତଙ୍କ ସ୍ୱପ୍ନର ଉତ୍ସ ଓ ପ୍ରେରଣା ପାଇଁ ସେ ମୂଲ୍ୟବାନ ପାଖାପାଖି କୋଡିଏଟି ପୁସ୍ତକ ଲେଖିଯାଇଛନ୍ତି। ତାହା ଭିତରୁ ବିପୁଳ ପାଠକୀୟ ଆଦୃତି ପାଇଛି ‘ୱିଙ୍ଗସ୍ ଅଫ୍ ଫାୟାର’, ‘ଇଣ୍ଡିଆ ୨୦୨୦ - ଏ ଭିଜନ ଫର୍ ଦ ନିଉ ମିଲେନିଅମ୍’, ‘ମାଇଁ ଜିର୍ନି’, ଏବଂ ‘ଇଗ୍ନାଇଟେଡ୍ ମାଇଣ୍ଡସ୍ ଅନ୍‌ଲିସିଂ ଦ ପାୱାର ୱିଦିନ୍ ଇଣ୍ଡିଆ’ ପ୍ରମୁଖ। ଭାରତ ପାଇଁ ଏକ ସୁବର୍ଣ୍ଣ ଯୁଗ କହିଲେ ଅତ୍ୟୁକ୍ତି ହେବନାହିଁ ତତ୍କାଳୀନ ରାଷ୍ଟ୍ରପତି ପଦ ଅଳଙ୍କୃତ କରିଥିଲେ ଡକ୍ଟର ଅବଦୁଲ୍ କାଲାମ ଓ ବିଶିଷ୍ଟ ରାଷ୍ଟ୍ରନାୟକ ରାଜନୀତିଜ୍ଞ ଅଟଳ ବିହାରୀ ବାଜପେୟୀ ଥିଲେ ପ୍ରଧାନମନ୍ତ୍ରୀ। ଜଣେ ପରମାଣୁ ବିଜ୍ଞାନୀ ଭାବେ ସମଗ୍ର ବିଶ୍ୱରେ ସେ ସମ୍ମାନିତ ଓ ସୁପରିଚିତ ଥିଲେ ବି ବରଂ ଜଣେ ଶିକ୍ଷକ ଭାବେ ଜ୍ଞାନର ବିତରଣ ପାଇଁ ସେ ଅହର୍ନିଶ ପ୍ରୟାସ ଜାରି ରଖିଥିଲେ ଓ ଜୀବନର ଶେଷ ନିଃଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ଜ୍ଞାନର ଆଲୋକ ହିଁ ପ୍ରଦାନ କରୁଥିଲେ। ଭାରତର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସେ ନିଜର ମୂଲ୍ୟବାନ ମାର୍ଗଦର୍ଶନ ଦ୍ୱାରା ଅଗଣିତ ଛାତ୍ରଛାତ୍ରୀଙ୍କ ପାଇଁ ସେମାନଙ୍କ ଭବିଷ୍ୟତ ଓ ଦେଶପାଇଁ ସମର୍ପିତ ସୁଯୋଗ୍ୟ ସେବାର ଥିଲେ ପଥ ପ୍ରଦର୍ଶକ ଓ ଆଲୋକବର୍ତ୍ତିକା।

ଡକ୍ଟର କାଲାମଙ୍କ ସହ ଓଡ଼ିଶାର ସମ୍ପର୍କ ଅତ୍ୟନ୍ତ ଆବେଗିକ। ବାଲେଶ୍ୱରର ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ରରୁ ଅଗ୍ନୀ, ବ୍ରହ୍ମୋସ୍ ଓ ନାଗ ପରି କ୍ଷେପଣାସ୍ତ୍ର ତାଙ୍କରି ମାର୍ଗଦର୍ଶନରେ ହିଁ ପରୀକ୍ଷଣ ହୋଇ ସମଗ୍ର ଭାରତରେ ପ୍ରତିରକ୍ଷା ଓ ମହାକାଶ ବିଜ୍ଞାନ କ୍ଷେତ୍ରରେ ଚହଳ ଓ କୃତୀତ୍ୱ ସୃଷ୍ଟି କରିଥିଲା। ଏହା ବ୍ୟତୀତ ବିଭିନ୍ନ ଶିକ୍ଷାନୁଷ୍ଠାନର କାର୍ଯ୍ୟକ୍ରମରେ ବି ସେ ସାମିଲ ହୋଇ ଅନୁଷ୍ଠାନ ଓ ବିଦ୍ୟାର୍ଥୀଙ୍କ ଭିତରେ ପ୍ରେରଣାର ଶକ୍ତି ଯୋଗାଉଥିଲେ। କ୍ଷେପଣାସ୍ତ୍ର ନିର୍ମାଣ ଓ ଉତ୍‌କ୍ଷେପଣ ପ୍ରଯୁକ୍ତି ବିଦ୍ୟାର ବିକାଶରେ ଭାରତକୁ ଶୀର୍ଷ ସ୍ଥାନରେ ପହଞ୍ଚାଇବା ପାଇଁ ତାଙ୍କ ଅବଦାନ ଅତୁଳନୀୟ। ବିଶ୍ୱର ସର୍ବଶ୍ରେଷ୍ଠ ପାଞ୍ଚଟି ଦେଶ ଭିତରେ ନିଜ ମାତୃଭୂମି ଭାରତକୁ ସମକକ୍ଷ କରିବା ପାଇଁ ସେ ନିଜ ଦେଶ ପ୍ରତି ଯେଉଁପରି ଅଙ୍ଗୀକାରବଦ୍ଧତା ଓ ଉତ୍ସର୍ଗୀକୃତ ଆଭିମୁଖ୍ୟ ପ୍ରଦର୍ଶନ କରିଛନ୍ତି ସେ କେବଳ ଭାରତ ନୁହେଁ ସମଗ୍ର ବିଶ୍ୱରେ ମିଜାଇଲ୍ ମ୍ୟାନ୍ ନାମ ଭାବରେ ପରିଚିତ। ତାମିଲନାଡୁର ରାମନାଥପୁରମ୍ ଅନ୍ତର୍ଗତ ରାମେଶ୍ୱରମ୍‌ରେ ଏକ ଗରିବ ମୁସଲିମ୍ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ପିଲାଟି ବେଳୁ ପାଠ ପ୍ରତି ଥିଲା ତାଙ୍କର ଅଧ୍ୟବସାୟ। ସେ ଏପରି ଜଣେ ବିରଳ ବ୍ୟକ୍ତିତ୍ୱ ପୃଥିବୀର ଶୀର୍ଷସ୍ତରରେ ଥିବା ତିରିଶଟି ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ପାଇଛନ୍ତି। ୧୯୮୧ରେ ପଦ୍ମଭୂଷଣ, ୧୯୯୦ରେ ପଦ୍ମବିଭୂଷଣ ଓ ୧୯୯୭ରେ ଭାରତ ରତ୍ନ ଉପାଧିରେ ବିଭୂଷିତ ହୋଇଥିଲେ। ତାଙ୍କ ଆଦର୍ଶ ଓ ପରମ ଜୀବନରେ ଅନୁପ୍ରାଣୀତ ହୋଇ ତାଙ୍କର ୭୯ତମ ଜନ୍ମ ଦିନକୁ ଜାତିସଂଘ ପକ୍ଷରୁ ବିଶ୍ୱ ବିଦ୍ୟାର୍ଥୀ ଦିବସ ଭାବେ ପାଳନ କରିବାକୁ ଘୋଷିତ ହୋଇଥିଲା। ଭାରତକୁ ୨୦୨୦ ସୁଦ୍ଧା ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ସେ ରାଷ୍ଟ୍ରପତି ଥିବା ସମୟରେ ଏକ ସ୍ୱତନ୍ତ୍ର ଯୋଜନା ଚିନ୍ତନ କରିଥିଲେ। ସେ ଏକଦା ଏକ ଅଭିଭାଷଣରେ କହିଥିଲେ - ‘ଦେଶକୁ ଦୁର୍ନୀତି ମୁକ୍ତ ଏବଂ ଉତ୍ତମ ନାଗରିକଙ୍କ ଦେଶ ଭାବେ ଗଢ଼ି ତୋଳିବା ପାଇଁ ତିନିଜଣଙ୍କ ଭୂମିକା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଁ ଅନୁଭବ କରୁଛି। ସେମାନେ ହେଲେ ବାପା, ମାଆ ଓ ଶିକ୍ଷକ।’ ଏହି ଅତୁଳନୀୟ ଅମାୟିକ ବ୍ୟକ୍ତିତ୍ୱ ଯାହାଙ୍କର ବିଶାଳ ଓ ବ୍ୟାପକ ଜୀବନଯାତ୍ରା ସ୍ୱପ୍ନ ଓ ସମ୍ଭାବନାରେ ଭରି ରହିବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣା ଯୋଗାଇଥିଲେ। ଏହି ଅମଳୀନ ବ୍ୟକ୍ତିତ୍ୱଙ୍କ ଚିନ୍ତନକୁ ସାକାର କରିବା ପାଇଁ ଛାତ୍ରଛାତ୍ରୀ, ବିଦ୍ୟାର୍ଥୀମାନେ ନିଜ ଜୀବନକୁ କର୍ମମୟ କରିପାରିଲେ ତାହା ହିଁ ହେବ ସେପରି ଅତୁଳନୀୟ ବ୍ୟକ୍ତିତ୍ୱଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳୀ। ଆଜି ତାଙ୍କ ସ୍ମରଣୀୟ ଜନ୍ମଦିବସରେ ତାଙ୍କ ଚିନ୍ତନକୁ ଆମେ ସମସ୍ତେ ସାକାର କରିବା ପାଇଁ ନିଜର ପ୍ରତିଟି ମୁହୂର୍ତ୍ତକୁ ଉତ୍ସର୍ଗୀକୃତ କରିପାରିଲେ ତାହା ହେବ ତାଙ୍କ ଜନ୍ମତିଥି ପାଇଁ ଶ୍ରେଷ୍ଠ ଶ୍ରଦ୍ଧା ସୁମନ।


♥ ଦୂରସଞ୍ଚାର ଭବନ, ଲିଙ୍କରୋଡ଼, କଟକ

ମୋ: ୯୪୩୭୦୦୪୮୮୮


ଗୋଟେ ଅନୁଭବୀ ଗପ

## ସେମାନଙ୍କ ପାଇଁ ଗପଟିଏ

### କମଳ ଦାସ





ସେମାନେ। ସେମାନେ ବୋଇଲେ ତନୁଶ୍ରୀ, ମୋନାଲିସା, ପ୍ରଜ୍ଞାପଲ୍ଲବୀ, ଦେବସ୍ମିତା, ସୁନିତା, ସୁପ୍ରୀତ, ସତ୍ୟଜିତ, ଦିବ୍ୟରଞ୍ଜନ। ସମସ୍ତେ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ। ଏମାନଙ୍କ ମଧ୍ୟରେ ଥିବା ବନ୍ଧୁତ୍ୱ ବେଶ୍ ମଧୁର। ମନଦେଇ ପାଠ ବି ପଢ଼ନ୍ତି। ଦୈନିକ ସକାଳୁ ସକାଳୁ ତାଙ୍କ ସ୍କୁଲ୍ ଶିକ୍ଷୟିତ୍ରୀଙ୍କ ପାଖକୁ ଆସନ୍ତି ଟିଉସନ୍ ହେବାକୁ। ହଠାତ୍ ଦିନେ ସେମାନଙ୍କ ମନ କ’ଣ ହେଲା କେଜାଣି, ଦାସବାବୁଙ୍କଠାରେ ଅଳିକରି ବସିଲେ ଗପଟିଏ ଶୁଣିବା ପାଇଁ। ବିଶେଷକରି ପ୍ରଜ୍ଞାପଲ୍ଲବୀ ଆତ୍ମୀୟତାର ସହ ଖୁବ୍ ଜିଦ୍‌ଧରି ଦାସବାବୁଙ୍କୁ କହିଲା, “ଅଙ୍କଲ୍, ଆଜି ପଢ଼ିବାକୁ ମନବଳୁନି। ଯେହେତୁ ଆପଣ ଲେଖାଲେଖି କରନ୍ତି, ଏଣୁ ଆପଣ ଆମକୁ ଗପଟିଏ କୁହନ୍ତୁ।”

ପ୍ରଜ୍ଞାପଲ୍ଲବୀର ଚଳଚଞ୍ଚଳ ଆଖିର ଚାହାଁଣୀ, ଆପଣାପଣର ଜିଦ୍ ମନୋଭାବ, ଏତଦ୍‌ଭିନ୍ନ ଗପ ଶୁଣିବାର ଅଭିପ୍ରାୟ ନେଇ ଏକଲୟରେ ଚାତକ ପରି ଦାସବାବୁଙ୍କ ମୁହଁକୁ ଚାହିଁରହିଥିବା ଅନ୍ୟମାନଙ୍କ କଅଁଳ ଚାହାଣୀକୁ ସ୍କୁଲ୍ ଶିକ୍ଷୟିତ୍ରୀଙ୍କ ସ୍ୱାମୀ ଦାସବାବୁ ଆତ୍ମସ୍ଥ କରି ଖୁସି ଗଦ୍‌ଗଦ୍ ହୋଇଗଲେ। ସେମାନଙ୍କ ଅଳିକୁ ଏଡ଼ାଇ ନପାରି ମୁରୁକି ହସି ଚେୟାର୍‌ରେ ବସିପଡ଼ିଲେ ଓ ସେମାନଙ୍କୁ ଗପଟିଏ କହିଲେ।

ଘରର ପଶ୍ଚିମପଟ ବାଲ୍‌କୋନୀରେ ପଡ଼ିଥିବା ଚେୟାରରେ ବସି ରାନୁ ଏକଲୟରେ ଅନାଇ ରହିଥିଲା ଦୂର ଦିଗ୍‌ବଳୟକୁ। ଭାବନାରେ ସେ ଖୁବ୍ ମଜ୍ଜିଯାଇଥିଲା; ଆଃ, କି ଅପୂର୍ବ ଦୃଶ୍ୟ ସତେ! ଏଠି ଆକାଶ ଓ ପୃଥିବୀ ଭିତରେ କି ଗହନ ସଂପର୍କ !! ଦୂରରୁ ଦୁହିଁଙ୍କର ସଂପର୍କ କି’ ଗହନ ଆଉ ମଧୁର! ଅଥଚ ପାଖରେ କାହିଁକି ଏତେ ଦୂରତ୍ୱ? ସତରେ ଦୂର ସଂପର୍କଟା ପାଖ ସଂପର୍କଠାରୁ ଖୁବ୍ ନିବିଡ଼, ଖୁବ୍ ମଧୁର....।

- ମା’ କ୍ଷୀରଟା ପିଇଦିଅ....

ପ୍ରକୃତିସ୍ଥ ହେଇଗଲା ରାନୁ। ପଛକୁ ଘୁରିପଡ଼ିଲା। ମୁରୁକି ହସିଦେଇ କହିଲା, ‘ଦିଅ ମାଉସୀ....।’

ମାଉସୀର ବୟସ ପାଖାପାଖି ପଞ୍ଚାବନ କି ଷାଠିଏ ହେବ। ବଡ଼ ଅଭାଗିନୀଟେ। ଗୋଟିଏ ବୋଲି ପୁଅ ଓ ତା’ ଗିରସ୍ତ ଗୋଟେ ସଡ଼କ ଦୁର୍ଘଟଣାର ଶିକାର ହେଇ ତାକୁ କେବେଠୁଁ ପରକରି ଆରପାରିକୁ ଚାଲିଯାଇଚନ୍ତି। ତା’ ଶାଶୁଘର କି ବାପଘରର ଲୋକ କେହି ନାହାନ୍ତି। ବିଚରା ଭିକ୍ଷାବୃତ୍ତି କରି ଚଳୁଥିଲା। ଦିନେ ସକାଳୁ ସକାଳୁ ଏମିତି ସେ ଭିକ୍ଷା ମାଗିବାକୁ ଆସିଥିଲା ଏଇ ଘରକୁ। ରାନୁର ବର ଅମିତ ପଚାରିଲେ, ‘ଆଚ୍ଛା ମାଉସୀ, ତମେ ଆଉ ଭିକ୍ଷା ବୃତ୍ତି ନ କରି ଆମ ଘରେ ରହିଯାଉନ। ତମେ ତ ଆମ ମାଆ ପରି । ଆମର ଘରକୁ ଆଉ କେହି ନାହାନ୍ତି । ମୁଁ ତ ବ୍ୟବସାୟ ପାଇଁ ସଦାବେଳେ ବାହାରେ ରହୁଚି । ମାସରେ ଥରେ ଅଧେ ଘରକୁ ଦି’ଚାରିଦିନ ପାଇଁ ଆସୁଚି। ଘରେ ଏକୁଟିଆ ହେଇ ରହୁଚି ରାନୁ। ତମେ ଯଦି ରୁହନ୍ତ ତେବେ ଘରେ ଦି’ଜଣ ହେଇଯାଆନ୍ତ। ଦୁଃଖ,ସୁଖ ହେଇ ଦିନ କଟିଯାଆନ୍ତା । ଘରର କାମଦାମ ବି ଟିକେ କରନ୍ତ। ନା’ କ’ଣ କହୁଚ?’

ସେତେବେଳକୁ ସେଠି ରାନୁ ବି ପହଞ୍ଚିସାରିଥିଲା। ନିଜର ମଣିଷ ପରି ମାଉସୀର ହାତଧରି ସେ ଜୋର୍‌କରି କହିଲା, ‘ଘରକୁ ଆସ ମାଉସୀ, ଆଜିଠୁ ଆମ ଘରେ ରହିବ।’

ସେଦିନ ଅଜଣା, ଅଚିହ୍ନା ସତ୍ତ୍ୱେ ଅମିତ ଓ ରାନୁର ଏମିତିକା ଆତ୍ମୀୟତାର କଥା ଶୁଣି ବେସାହାର ହେଇ ଜୀବନ ବିତାଉଥିବା ମାଉସୀର ଆଖି ଛଳଛଳ ହୋଇଗଲା । ବାସ୍ ସେଇଦିନୁ ଯେ ସେ ଏ ଘରେ ରହିଚି ଦେଖୁଦେଖୁ ଆଜକୁ ପାଞ୍ଚବର୍ଷ ବିତିଗଲାଣି ।

କ୍ଷୀର ପିଇସାରି ଗ୍ଲାସ୍‌ଟା ବଢ଼ାଇଦେଇ ରାନୁ କହିଲା, ‘ଦେଖୁଛତ ମାଉସୀ ଆଜି ସକାଳର ପ୍ରକୃତିଟା କେଡ଼େ ସୁନ୍ଦର ମଧୁର ଲାଗୁଚି। ଆକାଶରେ କେମିତି ଭାସୁଚି ଖଣ୍ଡଖଣ୍ଡ ମେଘ, ଦକ୍ଷିଣ ଦିଗରୁ ବହୁଚି ମୃଦୁ ମଳୟ, ପକ୍ଷୀମାନଙ୍କ କଳରବରେ ପୁଲକି ଉଠୁଚି ସାରା ବାତାବରଣ......।’

- ମା’ ଏ ତ ସବୁ ସେଇ ଈଶ୍ୱରଙ୍କ ସୃଷ୍ଟି। ତାଙ୍କ ସୃଷ୍ଟି କ’ଣ କେବେ ଖରାପ ହେଇପାରେ?

ହସିଉଠି ରାନୁ କହିଲା, ‘ହଁ ମାଉସୀ ଠିକ୍ କହିଚ। ସେ ଯେମିତି ଭଲ, ତାଙ୍କ ସୃଷ୍ଟି ବି ସେମିତି ଭଲ ।’

ରାନୁ ଓ ମାଉସୀ କଥାବାର୍ତ୍ତା ହେଉଥିବା ବେଳେ ସକାଳୁ ବାହାରି ଯାଇଥିବା ପାରାଟିଏ ଥରେ କାଠିଟିଏ ଧରି ଫୁର୍‌କିନା ଉଡ଼ିଆସି ବାଲ୍‌କୋନୀର ଗୋଟିଏ କୋଣରେ ଟଙ୍ଗା ହୋଇଥିବା ପାଛିଆ ଭିତରେ ବସିପଡ଼ିଲା ।

ରାନୁ ଗର୍ଭଧାରଣ କରିବା ଦିନରୁ ପାରାଟି ଆସି ବାଲ୍‌କୋନୀ କାନ୍ଥଖୋପରେ ବସି ବାରମ୍ବାର କୁରୁଡୁ.....କୁରୁଡୁ..... କରିବାର ଦେଖି ଥରେ ମାଉସୀକୁ ବଜାର ପଠାଇ ଏଇ ପାଛିଆଟି ରାନୁ କିଣି ଆଣି ବାଲ୍‌କୋନୀରେ ଟଙ୍ଗିଦେଲା ତା’ପାଇଁ।

ସେଦିନ ମାଉସୀ ଆଗ୍ରହରେ ରାନୁକୁ ପଚାରିଥିଲା, ‘ମା’ କାହିଁକି ଏ ପାରାଟା ପାଇଁ ପଇସା ଖର୍ଚ୍ଚକରି ପାଛିଆ କିଣିଆଣି ଟାଙ୍ଗୁଛ ଜାଣେ?’

ରାନୁ ହସିହସି ଉତ୍ତର ଦେଇଥିଲା, ‘ମାଉସୀ, ମୁଁ ପରା ମାଆ ହେବାକୁ ଯାଉଛି। ଏଣୁ ମୁଁ ଭଲଭାବେ ବୁଝିପାରୁଛି ଯେ, ଏଇ ପାରାଟି ବସାଟିଏ ଖୋଜୁଛି। ବସାଟିଏ ହୋଇଗଲେ ସେ ଅଣ୍ଡାଦେଇ ସେଥିରୁ ତା’ର ପିଲା ଜନ୍ମ କରାଇ ସେ ବି ମୋ ପରି ମା’ ହେବ। ଏଣୁ.....।’

ରାନୁର କଥା ଶୁଣି ସ୍ତବ୍ଧ ହେଇଗଲା ମାଉସୀ। ଯେହେତୁ ସେ ଜଣେ ନାରୀ। ତା’ର ମାତୃତ୍ୱ ବି ଜାଗରିତ ହେଇଉଠିଲା ସେହିକ୍ଷଣି। ରାନୁର ମୁଣ୍ଡ ଆଉଁସିଦେଇ ସେ କହିଲା, ‘ମା’ ଭଗବାନ ତମର ମଙ୍ଗଳ କରନ୍ତୁ.....।’

ପାରାଟି ଥରେ କାଠିକୁଟା ଧରି ଆସିବା ଦେଖି ରାନୁ ହସିଉଠି କହିଲା, ‘ଦେଖୁଛ ତ ମାଉସୀ ପାରାଟି କେଡ଼େ ସ୍ୱାଭିମାନୀ। ଆମେ ତା’ ପାଇଁ ପାଛିଆ ଟାଙ୍ଗିଲେ ବି ସେ କେମିତି ସେଥିରେ ଅଣ୍ଡା ନ ଦେଇ ପାଛିଆ ଭିତରେ ନିଜର ଏକ ସ୍ୱତନ୍ତ୍ର ବସାଟିଏ କରିବ ବୋଲି କାଠିକୁଟା ଆଣୁଚି...।’

‘ହଉ ମା’ ଏତିକି ଥାଉ। ଚାଲ, ଏଥର ଟିକେ ବିଛଣାରେ ଗଡ଼ପଡ଼ ହେବ, ଚାଲିଲ । ଡାକ୍ତର ପରା କହିଚନ୍ତି ଆରସପ୍ତାହରେ ତମର ଡେଲିଭେରି ହବ। ବାବୁ ତ ଆଜି ସଂଜକୁ ଆସି ପହଞ୍ଚିଯିବେ...’ କହୁକହୁ ରାନୁକୁ ଚେୟାରରୁ ଉଠାଇବା ପାଇଁ ତା’ର ହାତକୁ ଆସ୍ତେକି ଧରିନେଲା ମାଉସୀ।

ମୁରୁକି ହସି ରାନୁ କହିଲା, ‘ହଉ ତେବେ, ଚାଲ ମାଉସୀ....।’

ନିଜର ଫୁଲାଳିଆ ପେଟରେ ହାତରଖି ଚେୟାରରୁ ଧିରେକି ଉଠିପଡ଼ିଲା ରାନୁ। ପାରା ଆଡ଼କୁ ଆଖିପକାଇ କହିଲା, ‘ମାଉସୀଗୋ, ଏ ବିଚରାଟାକୁ ଗୋଟେ ଟାଟିଆରେ ଚାଉଳ ଦି’ମୁଠା ଆଣି ତା’ ବସାକୁ ଲଗାଇ ଦେଇ ଦିଅ ତ; ସେ ଖାଉ......।’

ପାରାଟି ପ୍ରତି ରାନୁର ଏତେ ଭଲପାଇବା ଦେଖି ଆତ୍ମହରା ହେଇ ଯାଉଥିଲା ମାଉସୀ । କହିଲା, ‘ଠିକ୍ ଅଛି ମା’, ମୁଁ ଦେଇ ଦେବି । ହେଲେ ତମେ ଚାଲିଲ ଆଗ ବିଶ୍ରାମ ନବ। ତମେ ଶୋଇରହି ବିଶ୍ରାମ ନେଲେ ତମ ଦିହର ପିଲାଟା ଟିକେ ଖେଳାବୁଲା କରିବ ପରା......।’

ମୁରୁକି ହସିଲା ରାନୁ। ଦୁହେଁ ପଶିଗଲେ ଘର ଭିତରକୁ ।

ଦେଖୁଦେଖୁ ଏହାରି ଭିତରେ ଦି’ମାସ ବିତିଗଲାଣି। ରାନୁର ପୁଅଟେ ହେଇଚି। ପାରାଟି ବି ପାଛିଆରେ କାଠିକୁଟା ଆଣି ସୁନ୍ଦର ବସାଟିଏ ବାନ୍ଧି ସେଥିରେ ଯୋଡ଼ାଏ ଅଣ୍ଡା ଦେଇଚି। ଅଣ୍ଡା ଉପରେ ଦିନରାତି ବସିରହୁଚି ।

ଦୈନିକ ପୁଅକୁ କୋଳରେ ଧରି ଗୁଣୁଗୁଣୁ ଗୀତ ଗାଉଥିବା ରାନୁର ଆଖି ପାରାଟି ଉପରେ ଦିନେ ପଡ଼ିଯିବା ମାତ୍ରେ ସେ ଡାକ ପକାଇଲା, ‘ଏ ମାଉସୀ, ଆଜି ଟାଟିଆରେ ପାରାକୁ ଦି’ଟା ଚାଉଳ ଆଉ ଗିନାରେ ଟିକେ ପାଣି ଦେଇଚନା.....?’

‘ନା ମା’ ଦେଇନି । ଟିକେ ରୁହ, ଆଗ ଘର କାମ ସାରିଦିଏ.....’, ଉତ୍ତର ଦେଲା ମାଉସୀ ।

‘ଥାଉ ଥାଉ ସେ ଘର କାମ ପଛେ କରିବ, ଆଗ ପାରାକୁ ଚାଉଳ, ପାଣି ଦେଇ ଦିଅ....। ବିଚରାକୁ ଭୋକ, ଶୋଷ ଲାଗୁଥିବ ନିଶ୍ଚୟ....।’

- ହଉ ମା’ ଯାଉଚି....।

ଟାଟିଆରେ ଦି’ମୁଠା ଚାଉଳ ଓ ଗିନାଏ ପାଣି ଆଣି ଅଣ୍ଡା ଉପରେ ବସିଥିବା ପାରାଟି ପାଖରେ ଥୋଇଦେଲା ମାଉସୀ। ନିର୍ଭୟରେ ପାରାଟି ସେମିତି ଅଣ୍ଡା ଉପରେ ବସିରହି ଚାଉଳ ଟାଟିଆରେ ଦି’ଖୁମ୍ପ ମାରି ପାଣିଗିନାରେ ଥଣ୍ଟ ବୁଡ଼ାଇଲା।

ରାନୁ ଆଡ଼କୁ ଅନାଇ ମାଉସୀ ପଚାରିଲା, ‘ଆଚ୍ଛା ମା’, ପାରାଟି ଉପରେ ତମେ ଦିନକୁ ଦିନ ଏତେ ସ୍ନେହ ନିଜର ରଖୁଛ କାହିଁକି?’

ରାନୁ ହସିହସି ଉତ୍ତର ଦେଲା, ‘ମୁଁ ପରା ଜଣେ ମାଆ ।’

ମାଉସୀ ହସିଉଠି କହିଲା, ‘ମା’ ତମ ଭଳିଆ ମଣିଷ ପାଖରେ ରହି ମୋ ଜୀବନ ସାର୍ଥକ ହେଇଗଲା.....।’

‘ହଉ ହେଲା, ପୁଅକୁ ଟିକେ ଧରିଲ, ମୁଁ ବାଥ୍‌ରୁମ୍‌ରୁ ଆସେ.....’, କହୁକହୁ ମାଉସୀ ହାତରେ ପୁଅକୁ ଧରାଇଦେଲା ରାନୁ ।

ପୁଅକୁ ବହେ ଗେହ୍ଲା କରି ପକାଇଲା ମାଉସୀ।

କିଛିଦିନ ବିତିଗଲା । ଏବେ ପାରାଟି ମା’ ହେଇଯାଇଚି। ଯୋଡ଼ିଏ ଅଣ୍ଡାରୁ ଗୋଟିଏ ଅଣ୍ଡା ନଷ୍ଟ ହେଇଯାଇଚି ଓ ଅନ୍ୟଟିରୁ ଶାବକଟିଏ ଜନ୍ମିଛି। ପୂର୍ବାପେକ୍ଷା ସେଇ ଶାବକଟିର ଚିଁ.....ଚିଁ...ସ୍ୱର କ୍ରମଶଃ ଜୋର୍ ଧରୁଚି। ଦେହରେ ପର କଅଁଳିବାରେ ଲାଗିଲାଣି । ମାଆ ଥରେ ନିଜର ଥଣ୍ଟ ଘଷିବା ଶିଖିଲାଣି। ଶାବକଟିର ଚିଁ....ଚିଁ.... ଶବ୍ଦ ରାନୁ ଓ ମାଉସୀର ମନ ପ୍ରାଣକୁ ବେଶ୍ ଉଲ୍ଲସିତ କରିଦେଉଥିଲା ।

ସବୁଦିନ ପରି ଆଜିବି ରାନୁ ପୁଅକୁ କୋଳରେ ଧରି ବସିଚି ବାଲ୍‌କୋନୀରେ । ବସିବସି ଭାବୁଚି, ସତରେ ମନୁଷ୍ୟ ଜନ୍ମଟା କେଡ଼େ ଦୁର୍ଲଭ! ଏଇ ଦୁର୍ଲଭ ଜନ୍ମ ପାଇ ମଣିଷ କାହିଁକି ସୁକର୍ମ କରିବା ପରିବର୍ତ୍ତେ କୁକର୍ମରେ ଲିପ୍ତ ରହୁଚି ? କାହିଁକି ଭଲ ମଣିଷଟେ ନ ହେଇ ବଡ଼ ମଣିଷ ହେବାକୁ ଏତେ ଧାଁ-ଦଉଡ଼ କରୁଚି ? ଭାବନାରୁ ଓହରିଆସି ନିଜ ପୁଅ ଉପରେ ଆଖିପକାଇ କହିଲା, ‘ଯାହା ବି ହେଉ ମୁଁ ତୋତେ ଭଲ ମଣିଷ କରିବିରେ ଧନ......ନିଶ୍ଚୟ ତୋତେ ଭଲ ମଣିଷଟେ କରିବି; ତୁ ଆମର ବଡ଼ ମଣିଷ ହେବା ଦରକାର ନାହିଁ...।’

- ମା’ ପୁଅର କ୍ଷୀରଟା.....

- ହଁ ମାଉସୀ ଦିଅ ।

ଏତିକିବେଳେ ପାରାବସାରୁ ଚୁଁ.....ଚୁଁ....., ଫଡ଼ଫଡ଼ ଶବ୍ଦ ବହାରି ଆସିଲା।

ରାନୁ ଚମକିଉଠି କହିଲା, ‘ମାଉସୀ ବସାକୁ ଚାହଁତ, କାହିଁକି ଏମିତି ପାରା ଛୁଆଟା ହଉଚି....।’

- ମା’ ପାରାର ଛୁଆଟା ତା’ମାଆ ସଙ୍ଗେ ଖେଳୁଚି ପରା।

‘ସତରେ......!’ ରାନୁ ଖୁସି ଗଦ୍‌ଗଦ୍ ହେଇଯାଇ ନିଜ ପୁଅ ଗାଲରେ ଚୁମାଟେ ଦେଲା ବେଳକୁ ଆହୁରି ଜୋର୍‌ରେ ଚିଁ...ଚିଁ.....ଶବ୍ଦ କଲା ପାରା ଶାବକଟି । ସେଇ ଶବ୍ଦ ଆଡ଼କୁ ଢଳେଇ ଚାହିଁଲା ରାନୁର ପୁଅ। ରାନୁ ହସିଉଠି ପଚାରିଲା, ‘ପାରା ଛୁଆ ସହ ଖେଳିବୁ ବାପା?’

ପୁଅ ହାତ, ଗୋଡ଼ ହଲାଇଲା । ଓଠଟା ବି ମେଲିଦେଲା । ତା’ର ଏପରି ଶାରୀରିକ ଭାବ-ଭାଷା ଦେଖି ରାନୁ କହିଲା, ‘ମାଉସୀଗୋ, ପାରା ଛୁଆଟା ସହ ଆମ ପୁଅ ଖେଳିବ ବୋଲି କହୁଚି। ବସାରୁ ପାରାଛୁଆଟାକୁ ଧରିଆଣିଲ ତ...।’

ମା’.....!!!

କ’ଣ ହେଲା, ଏମିତି ଚମକିପଡ଼ି ଠିଆହେଇ ରହିଲ ଯେ? ପାରା ଛୁଆଟାକୁ ଧରି ଆଣୁନ। ଆମ ପୁଅ ପରା ତା’ ସହ ଖେଳିବ। ନ ଖେଳିଲେ ମୋ ଗେହ୍ଲୁର ମନ ଭାଙ୍ଗିଯିବନିନା.....।

ମା’.... ତମେ ପରା ଜଣେ ମାଆ। ପାରାଛୁଆଟା ଅତି କଅଁଳା ଛୁଆ...., ଯଦି ଆମ ପୁଅ ତା’ ସହ ଖେଳୁଖେଳୁ ତାକୁ ଜୋର୍‌କରି ଧରିନେବ ତେବେ ସେ....., ତା’ ମାଆ କେତେ ନକାନ୍ଦିବ କହିଲ......।

ଭୂକମ୍ପର ଏକ ଝଟ୍‌କା ଅନୁଭବ କଲା ନିଜ ଛାତି ଭିତରେ ରାନୁ। ଗମ୍ଭୀରତା ଖେଳିଗଲା ତା’ମୁହଁରେ। ମାଉସୀକୁ ଅନାଇଲା ସେ ଏକଲୟରେ। ଦେଖିଲା ମାଉସୀର ଦେହ, କପାଳ ଝାଳେଇ ଉଠୁଚି । ସେ ବୁଝିଗଲା ସବୁକିଛି। ଦୀର୍ଘନିଃଶ୍ୱାସଟିଏ ଛାଡ଼ି କହିଲା, ‘ମାଉସୀ, ପୁଅର ଖୁସି ପାଇଁ ମୁଁ କ୍ଷଣିକ ଉତ୍ତେଜନାର ବଶବର୍ତ୍ତୀ ହେଇ ଯେଉଁ ଅନିଷ୍ଟ କରିବାକୁ ଯାଉଥିଲି ସେଥିପାଇଁ ମୁଁ ଦୁଃଖିତ। ମାଉସୀ, ଆମ ଡ୍ରେସିଂ ଟେବୁଲ୍ ଡ୍ରୟାରରେ ଯେଉଁ ଚୁଁ....ଚୁଁ....ଶବ୍ଦ କରୁଥିବା ଗୋଟେ ପ୍ଲାଷ୍ଟିକ୍ କଣ୍ଢେଇଟେ ଅଛି, ଯାହାକୁ ଆମ ପୁଅ ତା’ଏକୋଇଶିଆରେ ଗିଫ୍ଟ ରୂପେ ପାଇଥିଲା ଜଣେ ଅତିଥିଙ୍କଠାରୁ, ସେଇଟାକୁ ନେଇଆସ। ତା’ସହ ଆମ ପୁଅ ଖେଳି ଆନନ୍ଦ ପାଇବ। ଆଉ ପାରାଛୁଆଟା ବି ସୁରକ୍ଷିତ ରହିବ।’

‘ମା’.....’, ହୃଦୟଖୋଲି ହସିଉଠିଲା ମାଉସୀ। ସତେଜତା ଖେଳିଗଲା ତା’ ସାରା ଶରୀରରେ। ଆତ୍ମହରା ହେଇଯାଇ ରାନୁକୁ ଥୋଡ଼ାଏ ଗେହ୍ଲା କରିପକାଇଲା ନିଜ ଝିଅ ପରି। କହିଲା, ‘ସତରେ ମା’, ତମେ ପ୍ରକୃତରେ ଜଣେ ହୃଦୟଧାରୀ ମା’.....’ କହୁକହୁ ସେ ଦୌଡ଼ିଗଲା ଘର ଭିତରକୁ ସେଇ ଚୁଁ..ଚୁଁ.. ଶବ୍ଦ କରୁଥିବା ପ୍ଲାଷ୍ଟିକ୍ କଣ୍ଢେଇଟି ଆଣିବାକୁ।


♥ ପାହାନ୍ତିତାରା,

ଭାସ୍କରଗଂଜ,ବାଲେଶ୍ୱର

ମୋ.: ୯୯୩୮୪୦୩୧୯୮


## ବାଇଗଣ ଚୋର

### ସୁଧାଂଶୁ ଶେଖର ଦ୍ୱିବେଦୀ



ଆମ ଗାଁର ଗୋପୀ ଭାଇ ଜାତିରେ ନାପିତ। ବଡ଼ି ଭୋରୁ ଶେଯରୁ ଉଠି ମୁହଁ ନ ଧୋଇ ହାତରେ ଖୁର ବାକ୍ସ ଧରି ବାହାରିଯାଏ ସାଇ ଭିତରକୁ। ରାସ୍ତାରେ ଯାଉ ଯାଉ ଗାଁ ଛକ ଟିଓ୍ୱେଲରୁ ବାସି ମୁହଁ ଧୋଏ, ଆଞ୍ଜୁଳା ଆଞ୍ଜୁଳା ପାଣି ଚାରି ପାଞ୍ଚ ଥର ଢୋକିସାରି ଆଗକୁ ଆଗାଏ। ସାଇ ସାଇ ବୁଲି କାହାର ଚୁଳ କାଟେ କାହାର ଦାଢି ଖିଅର କରେ। ବାହାଘର,ବ୍ରତଘର ହେଲେ ଭଲ କିଛି ଆମଦାନୀ କରିନିଏ।ଗାଁଟା ସାରା ସେ ପରମାନେଣ୍ଟ ବାରିକ। ବର୍ଷ ଶେଷରେ ସଭିଙ୍କ ନିକଟକୁ ଯାଇ କ୍ଷେତରୁ କଳେଇ ଦୁଇଟା ଖଳାରୁ ଧାନ ଦୁଇ ଗୌଣୀ ଆଦାୟ କରେ।

ପରିବାର ସମ୍ଭାଳିବାକୁ ହେଲେ କର୍ମ ଅନୁସାରେ ରୋଜଗାର କରିବାକୁ ହେବ। ଗୋପୀ ଭାଇର ତିନି ପୁଅ, ତିନି ଝିଅ। ବୋଧହୁଏ ଆଉ କେତୋଟି ପିଲାଙ୍କର ଜନକ ହେବାର ସୌଭାଗ୍ୟରୁ ବଞ୍ଚିତ ହୋଇ ହଠାତ ବିରାମ ପଡିଗଲା। ସ୍ତ୍ରୀ ଅମଙ୍ଗ ହୋଇ ଅସ୍ତ୍ରପୋଚାର ହେଇଯିବାରୁ ଗୋପୀ ଭାଇର ଜନକ ହେବା ନିଶା ଛାଡ଼ିଗଲା। ନହେଲେ କ୍ରିକେଟ ଟିମ ହେଉ କି ହକି ଟିମ ହେଉ ଘରେ ଗୋଟେ ଭଲ ଟିମ ଗଢ଼ିଥା’ନ୍ତା।

ସଂସାର ଜଞ୍ଜାଳକୁ ସମ୍ଭାଳିବା ସହଜ ନୁହେଁ।ପଥର ପଡିଲେ ସହି। ୬ଟି ପିଲା,ବୁଢ଼ୀ ମା’,ସ୍ତ୍ରୀ ଓ ନିଜକୁ ମିଶାଇ ୯ ଜଣ ପରିବାର ସଦସ୍ୟ। ସମସ୍ତଙ୍କ ପେଟ ପାଇଁ ଦାନା ଯୋଗାଡ଼ କରିବାକୁ ଗୋପୀ ଭାଇ ଏକା ଏକା ସକାଳରୁ ସଞ୍ଜ ଯାଏ ସଙ୍ଘର୍ଷ କରେ। ପିଲାମାନେ ବି ଛୋଟ ଥାଆନ୍ତି। ପରିବାର କଷଣକୁ ସୁଧାରିବା ଲାଗି ଗୋପୀ ଭାଇ କେବେ କେବେ ନିଜ ଗାଁ ଛାଡି ଅନ୍ୟ ଗାଁକୁ ଚୁଳ ଲାଟିବା ଓ ଖିଅର କରିବାକୁ ଯାଏ। ଏପରିକି ଗାଁ ନିକଟସ୍ଥ ମୁସଲମାନ ବସ୍ତିରେ ନିଜ କର୍ମ ବଡ଼ ଦର୍ପରେ କରେ। କିଛି ଉପୁରି ରୋଜଗାରହେଇଗଲେ ପରିବାର ନିଅଣ୍ଟ ସମ୍ଭାଳିଯାଏ।

ଆମ ଗାଁ ତଳ ସାଇରେ ଶଙ୍କର ମଉସା ନିଜ ବାଡ଼ିରେ ପରିବା ଚାଷ କରନ୍ତି। ତାଙ୍କ ଘରଠାରୁ ଅଧ କିଲୋମିଟର ଦୂରରେ ପ୍ରଶସ୍ତ ଜମିରେ ମୂଲିଆଙ୍କ ସହିତ ନିଜେ ପରିଶ୍ରମ କରି ଭେଣ୍ଡି,ବାଇଗଣ, କାକୁଡି, ଜହ୍ନି,ଟମାଟୋ, କୋବି, ମୂଳା ଲଙ୍କା ଆଦି କେତେ କେତେ କିସମର ପରିବା ଚାଷ କରନ୍ତି। ସାପ୍ତାହିକ ହାଟରେ ସେସବୁ ପରିବା ବିକ୍ରି କରି ବେଶ କିଛି ରୋଜଗାର କରନ୍ତି। ସେ ଜଣେ ଅଭିଜ୍ଞ ପରିବା ଚାଷୀ ବୋଲି ଗାଁର କେତେକ ଲୋକ ତାଙ୍କଠାରୁ ପରାମର୍ଶ ଲୋଡି ନିଜ ନିଜ ବାଡ଼ି ବଗିଚାରେ ପରିବା ଚାଷ କରନ୍ତି।

ଗୋପୀ ଭାଇ ପ୍ରତି ସପ୍ତାହରେ ଶଙ୍କର ମଉସାଙ୍କ ଦାଢି ଖିଅର କରି ବାକୁ ତାଙ୍କ ଘରକୁ ଯାଏ।ସେଦିନ ସେ ତାଙ୍କ ବାଡ଼ିରେ ମୂଲିଆଙ୍କ ସହିତ ପରିବା ଗଛ କୋଡା ଖୋସା କରି ଖତ ସାର ଦେଉଥାନ୍ତି। ଏପଟେ ଗୋପୀ ଭାଇ ତାଙ୍କୁ ଖିଅର କରିବା ଲାଗି ଘରେ ପହଞ୍ଚି ବଡ଼ ପାଟିରେ ଡାକ ମାରୁଥାଏ। ମାଉସୀ ତା ଡାକ ଶୁଣି କହିଲେ- ଗୋପିରେ...! ତୋ ମଉସା ତ ଆଉଟିକେ ଆଗରୁ ବାଡିକୁ ଚାଲିଗଲେ

ତୁ ସେଇଠିକୁ ଚାଲି ଯା-।

ମାଉସୀଙ୍କ ଅନୁମତି ପାଇବା କ୍ଷଣି ଗୋପୀ ଭାଇ ସଙ୍ଗେ ସଙ୍ଗେ ପହଞ୍ଚି ଗଲା ଶଙ୍କର ମଉସାଙ୍କ ପରିବା ବାଡ଼ିରେ। ମଉସା ମୂଲିଆଙ୍କ ସହିତ କାମ କରୁଥାନ୍ତି।ପରିବା ଗଛରେ ଓହଳିଥିବା ତଟକା ପରିବାକୁ ଦେଖି ଗୋପୀ ଭାଇର ଲୋଭ ବାଇଗଣ ପୋଡା, ବାଇଗଣ ଭରତା, ବାଇଗଣ ଭଜାରେ ଅଟକିଗଲା। ସନ୍ତର୍ପଣରେ ବାଡିର ତାଟି ଖୋଲି ପଶିଗଲା ବାଇଗଣ କିଆରୀରେ। ଛନଛନିଆ ସତେଜ ବାଇଗଣ ତା’ ସମ୍ମୁଖରେ।ତୋଳିବ କି ନାହିଁ ମନରେ ଦ୍ୱନ୍ଦ୍ୱ ହୃଦୟରେ ଭୟ। ମନକୁ ଅକ୍ତିଆର କରି ହୃଦୟରେ ଦମ୍ଭ ଧରି ଇଚ୍ଛା ଅନୁସାରେ ବାଇଗଣ ତୋଳି କାନ୍ଧ ଗାମୁଛାରେ ବାନ୍ଧିନେଲା। ପ୍ରସ୍ଥାନ ସମୟରେ ଶଙ୍କର ମଉସାଙ୍କ ଦୃଷ୍ଟିରୁ ବର୍ତ୍ତି ପାରିଲା ନାହିଁ।

ମଉସା ସିଜୋର ଚୋର ଚୋର କହି ଚିତ୍କାର କରୁଥାନ୍ତି।ମୂଲିଆ ଦୁଇ ଜଣ ଦୌଡ଼ି ଆସି ଗୋପୀ ଭାଇକୁ ଧରିନେଲେ। ଗୋପୀ ଭାଇର ଚୋରି ଧରା ପଡିଗଲା।ଆନୁମାନିକ ୫-୬କିଲୋ ଓଜନର ବାଇଗଣ ଗାମୁଛାରେ ବାନ୍ଧି କାନ୍ଧରେ ଝୁଲେଇଥାଏ।ତଥାପି କାକୁତି ମିନତି ହୋଇ କହୁଥାଏ-ଏଇ ପିଲାଙ୍କ ପାଇଁ ବାଇଗଣ ଦିଇଟା ନଉଥିଲି।

ଶଙ୍କର ମଉସାଙ୍କ ପିତ ମୁଣ୍ଡକୁ ଚଢ଼ିଗଲା।ଡାଉଁ ଡାଉଁ ହୋଇ କହିଲେ-କିରେ ତୁ ମୋତେ ମାଗିଲୁନି, ଏମିତି ବାଡ଼ିରେ ପଶି ଚୋରି କଲୁ କଣପାଇଁ? ଚୋର କୋଉଠିକାର......।

ସେଦିନ ଶଙ୍କର ମଉସାଙ୍କ ସେଇ ପଦିଏ ବାକ୍ୟ ସାରା ଗାଁରେ ଚହଳ ପକାଇଦେଲା। ବାଇଗଣ ଚୋର ଆଖ୍ୟାରେ ଗୋପୀ ଭାଇ ନାଁରେ ବମ ଫୁଟିଲା।ଶଙ୍କର ମଉସା ତାକୁ କିଛି ଦଣ୍ଡ ବିଧାନ ନ କରି ଛାଡିଦେଲେ ସତ ହେଲେ ଦଣ୍ଡ ଠାରୁ ବଳି ଦାଣ୍ଡ ଘାଟରେ ଗଞ୍ଜଣା ଶୁଣି ଶୁଣି ଗୋପୀ ଭାଇର ହାଲତ ଖରାପ ହେଇଗଲା। ଗାଁ କଥା।

କୁଆଟେ ଉଡିଗଲେ ଛୁଆଟେ ଉଡିଯାଏ। କଥାକୁ ମାଜି ମାଜି ମୋଟା କରିବାରେ ଗାଁ ଲୋକମାନେ ବଡ଼ ଓସ୍ତାଦ। ଗାଁ ଆରମ୍ଭରୁ ଶେଷ ମୁଣ୍ଡ ଯାଏ ସମସ୍ତଙ୍କ ମୁହଁରେ ଗୋଟିଏ କଥା ଗୋପୀ ଭାଇ ବାଇଗଣ ଚୋର। ପିଲାଠାରୁ ବୟସ୍କ ଯାଏ ସଭିଏଁ ତାକୁ ବାଇଗଣ ଚୋର ବାଇଗଣ ଚୋର କହି ପରିହାସ କଲେ। କେତେକ ଥଟା-ପରିହାସ କରି ତାଳି ବଜେଇ ଆନନ୍ଦିତ ହେଲେ। ଯିବା ଆସିବା ରାସ୍ତାରେ ଗୋପୀ ଭାଇକୁ ନିସ୍ତାର ମିଳିଲା ନାହିଁ। କ୍ରମଶଃ ତା ସ୍ୱଭାବ ରୁକ୍ଷ ହେଇଗଲା। ଯିଏ ତାକୁ ଥଟା-ପରିହାସ କଲା ତାକୁ ଆଶ୍ରାବ୍ୟ, ଅଶ୍ଳୀଳ ଭାଷାର ଚଉତିଶା ଶୁଣେଇଲା। ତଥାପି ଗୋପୀ ଭାଇ ଜୀବନରେ ଲୋକଙ୍କ ମୁଖରୁ ବାଇଗଣ ଚୋର ଉପାଧି ଲିଭିଲା ନାହିଁ।

ସମୟର ଚଲାପଥରେ ସମସ୍ତେ ବନ୍ଧା। ଗୋପୀ ଭାଇର ବୟସ ବଢ଼ିବା ସହିତ ଶରୀରରେ ଶିଥିଳତା ଆସିଲା। ପିଲାମାନେ ଯେ ଯାହା ବାଟରେ ଜୀବନ ଜୀଇଁବାକୁ ସଙ୍ଘର୍ଷ କରିଚାଲିଲେ। କିନ୍ତୁ ଗୋପୀ ଭାଇ ନିଜର କୌଳିକ ବୃତ୍ତିକୁ ନ ଭୁଲି ପ୍ରତିଦିନ ଭୋରୁ ହାତରେ କ୍ଷୁର ବାକ୍ସ ଧରି ଘରକୁ ଘର ଯାଏ। ଲୋକଙ୍କ ଦାଢି ଖିଅର କରେ,ଚୁଳ କାଟେ। ପୁଣି ବାଇଗଣ ଚୋରର ଅପବାଦ ଶୁଣେ। ସମ୍ଭବତ ତା’ ନାଡୀ ବନ୍ଦ ହେବାଯାଏ ଲୋକଙ୍କ ମୁହଁରୁ ବାଇଗଣ ଚୋର ଅପବାଦ ଲିଭିଲା ନାହିଁ। ହଠାତ ଦିନେ ମହାଶୂନ୍ୟରେ ଶୂନ୍ୟ ହୋଇଗଲା ସେ। ଆଜି ଗୋପୀ ଭାଇ ନାହିଁ ସତ ହେଲେ ବାଇଗଣ ଚୋରି କରିଥିବା ଘଟଣା କାହାଣୀଟେ ହୋଇ ରହିଯାଇଛି।


♥ ବିସି-୭୪, ସଲଟ ଲେକ,

କଲକାତା-୬୪

ମୋ-୯୬୮୧୩୭୩୫୧୨

ପଢ଼ିବା ପରେ

# ଆଉ ତା'ପରେ ... ପୁଣି ସେଇ ଦୁଇକପ୍ କଫି



ସୁପ୍ତି କର

ଯୁବ ଗାଳ୍ପିକା ଏବଂ ଔପନ୍ୟାସିକା ଶ୍ୱେତପଦ୍ମା ପାଢ଼ୀଙ୍କ ର ପ୍ରଥମ କ୍ଷୁଦ୍ରଗଳ୍ପ ସଙ୍କଳନ ଆଉ ତା'ପରେ...ପୁଣି ସେଇ ଦୁଇକପ୍ କଫି ପୁସ୍ତକଟିର ଆକର୍ଷଣୀୟ ପ୍ରଚ୍ଛଦ ଏବଂ ମନଛୁଆଁ ନାମକରଣ ର ଉଷ୍ମପରଶ ପାଠକଙ୍କୁ ପ୍ରଥମରୁ ହିଁ ଏକ ସତେଜ ପଣର ଅନୁଭବ କରାଇବାରେ ସକ୍ଷମ ହୋଇପାରଛି । ଏହା ଛଡ଼ା ଗାଳ୍ପିକାଙ୍କ ବହୁ ଯୁକ୍ତାତ୍ମକ ଦିଗ ଯେପରିକି ମୟୂରପୁଚ୍ଛ ର ଛବି ଏବଂ ତାଙ୍କ ଲିଖିତ ପ୍ରାକ କଥନ ଲେଖିକାଙ୍କ ନିଜସ୍ୱ ଉପସ୍ଥାପନା ଶୈଳୀର ନିର୍ଦ୍ୱନ୍ଦ ପରିଚାୟକ ।

ଏଥିରେ ସନ୍ନିବେଶିତ ଅଠେଇଶିଟି ଗଳ୍ପରେ ରହିଛି କ୍ଷୁଦ୍ରଗଳ୍ପ, ଅଣୁଗଳ୍ପ ଓ ସ୍କେଚ । ପୁସ୍ତକର ନାମ ଅନୁଯାୟୀ ସଂକଳନ ଟିରେ ସ୍ଥାନିତ ଗଳ୍ପଟି ଏକ ମନସ୍ତାତ୍ତ୍ୱିକ ଏବଂ ଚେତନାଧର୍ମୀ ଗଳ୍ପ ଯାହାକି ଶ୍ୱେତପଦ୍ମା ପାଢ଼ୀଙ୍କର ଏକ ଅନନ୍ୟ ସୃଜନାତ୍ମକ ଶୈଳୀ ।ତା ଛଡ଼ା ରହସ୍ୟଧର୍ମୀ, ରୋମାଞ୍ଚକର ଏବଂ ଭୌତିକ ଗଳ୍ପ ଲେଖିବାରେ ତାଙ୍କର ଖ୍ୟାତିକୁ ସତ ସିଦ୍ଧ କରିଛି । ଏଥିରେ ଥିବା 'ଆଇସକ୍ରିମ୍ ଆଣ୍ଟି', 'କନଫେସ୍', 'ମୁକ୍ତିର ପଥେ', 'ଏଇଟଥ୍ ଫ୍ଲୋର', 'ନ'କିଲୋମିଟର' ଆଦି ଗଳ୍ପଗୁଡ଼ିକ । ଗାଳ୍ପିକା ପ୍ରେମ କାହାଣୀ ଉପରେ ଖୁବ୍ ସୁନ୍ଦର ପରୀକ୍ଷା ନିରୀକ୍ଷା କରି ଶବ୍ଦର ପୁଟ ଦେଇ କେତୋଟି ଗଳ୍ପ ପ୍ରସ୍ତୁତ କରିଛନ୍ତି । ଯେମିତି 'ନିରୁଦ୍ଧିଷ୍ଟ' ଗଳ୍ପରେ 'ମୋ ଭଳି ତମେ ଆଉ କାହାପାଇଁ ନିଜ ଭିତରେ ନିରୁଦ୍ଧିଷ୍ଟ ନା ତମେ ଏବେ ବି ଅଭାବରେ ହିଁ ଅଛ ?'

'ଫଗୁଣର ସପ୍ତରଙ୍ଗ' ବି ଏକ ସୁନ୍ଦର ପ୍ରେମ କାହାଣୀ । ନାରୀ ଯେ ଶକ୍ତି ସ୍ୱରୂପିଣୀ ଏହି କଥାକୁ ବେଶ ବଳିଷ୍ଠ ଭାବେ ଉଜାଗର କରୁଛି 'ଦେବୀ' ଗଳ୍ପ । 'ଅସ୍ପଷ୍ଟ ଅସ୍ତିତ୍ୱ' ଭଳି ସମଲିଙ୍ଗିକ ପ୍ରେମ କାହାଣୀ ଏଂ ଲିଙ୍ଗ ପରିବର୍ତ୍ତନ ର ସ୍ୱୀକାରୋକ୍ତି 'ଶ୍ୟାମଳୀ' ଗଳ୍ପରେ--' ମୁଁ ଶ୍ୟାମ ସୁନ୍ଦର ନୁହେଁ ଶ୍ୟାମଳୀ' ଲେଖି ସାଂପ୍ରତିକ ସମାଜର ମାନସିକତାରେ ଯେ ଅନେକ ପରିବର୍ତ୍ତନ ଘଟିଛି ତା'ର ସୁନ୍ଦର ଉଦାହରଣ ପ୍ରସ୍ତୁତ କରିଛନ୍ତି ଗାଳ୍ପିକା । ଗୋଟିଏ ପକ୍ଷରେ ଲେଖିକାଙ୍କ 'ତ୍ରିଶଙ୍କୁ', 'ଶୁଳିନାନୀ' ଆଦି ଗଳ୍ପ ନାରୀ ଜୀବନର ଗମ୍ଭୀର ଦିଗ ଉପରେ ଆଲୋକପାତ କରୁଥିବାବେଳେ ଅନ୍ୟ ପକ୍ଷରେ 'ପାର୍ସଲ' ଭଳି ହାସ୍ୟରସାତ୍ମକ ଗଳ୍ପ ସ୍ଥାନ ପାଇବା ହିଁ ପୁସ୍ତକଟିର ବୈଶିଷ୍ଟ୍ୟତା ପ୍ରତିପାଦିତ କରୁଛି ।






'ଛୁଇଁଦେଲେ' ଭଳି ସ୍ନେହାପ୍ଲୁତ ସ୍କେଚ, 'ସର୍ତ୍ତଥିଲା' ଅଣୁଗଳ୍ପ ପଢ଼ିଲେ ହିଁ ଜଣାପଡ଼େ ଅଧୁନା ସମାଜର ପାଠକୀୟ ରୁଚି ବିଷୟରେ ଗାଳ୍ପିକା ବେଶ ଅଭିଜ୍ଞା ।

ପୁସ୍ତକଟି ରେ ସୁନ୍ଦର ସ୍ୱାଦର ଗଳ୍ପ ସବୁ ରହିଛି ତେଣୁ ପଢ଼ିଲା ବେଳେ ଏହା ମନକୁ ବାନ୍ଧି ରଖିପାରେ । ଏକା ନିଃଶ୍ୱାସରେ ସାରିଦେବା ଭଳି ସ୍ୱଳ୍ପ କଳେବରର ମନଛୁଆଁ ବହିଟିଏ । ଆଧୁନିକ ସମାଜର ଗତିବିଧି, ପ୍ରେମୀଯୁଗଳଙ୍କ ଆତ୍ମନେପଦୀ, ପାରିବାରିକ ସମ୍ପର୍କ, ରହସ୍ୟ, ରୋମାଞ୍ଚ ଆଦି ସମସ୍ତ ଉପାଦାନକୁ ଫେଣ୍ଟାଫେଣ୍ଟି କରି ଲେଖିକା ଶ୍ୱେତପଦ୍ମା ପାଢ଼ୀ ଯେ ଏକ ନୂତନତ୍ୱ ଭରା ଗଳ୍ପ ସଂକଳନ ଟିଏ ସାହିତ୍ୟ ପ୍ରେମୀଙ୍କ ପାଇଁ ପରଶି ଦେଇଛନ୍ତି ତାହା ନିଃସନ୍ଦେହରେ କୁହାଯାଇପାରେ ।

♥ ଜେ. ଏନ ଲେନ,
ଡେଲିମାର୍କେଟ
ରାଉରକେଲା
ମୋ:-- ୯୪୩୮୩୯୩୮୩୮

# ନବରାତ୍ରୀର ଆଧ୍ୟାତ୍ମିକ ଚେତନା



ତପସ୍ୱିନୀ ପଟ୍ଟନାୟକ



ମା'ଦୁର୍ଗାଙ୍କର ନଅଟି ସ୍ୱରୂପ ରହିଛି । ସେମିତି ଭକ୍ତି ମଧ୍ୟ ନ ପ୍ରକାରର । ଏହାକୁ ନବଧା ଭକ୍ତି କୁହାଯାଏ । ଏହି ନ'ପ୍ରକାର ଭକ୍ତି ମଧ୍ୟରୁ ଭକ୍ତକୁ ଯେଉଁ ମାର୍ଗ ସୁବିଧାଜନକ ମନେହୁଏ ସେ ତାହା ଅନୁସରଣ କରିପାରନ୍ତି । ବେଦ ଓ ଗୀତାରେ ନବଧା ଭକ୍ତିର ଉଲ୍ଲେଖ ରହିଛି । ଆଧ୍ୟାତ୍ମ ରାମାୟଣରେ ନବଧା ଭକ୍ତିର ରୂପ କିଛି ଭିନ୍ନ । ଏହି ପୁରାଣ ଅନୁଯାୟୀ ଭକ୍ତିର ନ'ଟି ମାର୍ଗ ଯଥା ସତ୍‌ସଙ୍ଗ, ଭଗବତ୍ ଆଲୋଚନା, ପୁରାଣ ବ୍ୟାଖ୍ୟା, ଭଗବତ କଥା ବ୍ୟାଖ୍ୟା, ଗୁରୁସେବା, ପବିତ୍ର ସ୍ୱଭାବ, ମନ୍ତ୍ରୋପାସନା, ସଜ୍ଜନ ଶ୍ରଦ୍ଧା, ବୈରାଗ୍ୟ ଏବଂ ତପ । ବିଶ୍ୱାସ କରାଯାଏ ବୈଷ୍ଣବମାନେ ଏହି ମାର୍ଗର ବିକାଶ କରିଥିଲେ । ପରେ ଅନ୍ୟମାନେ ଏହାକୁ ଅନୁକରଣ କରିଥିଲେ । ଗୀତାରେ ବର୍ଣ୍ଣନା କରାଯାଇଥିବା ଭକ୍ତିର ନଅଟି ପଦ୍ଧତି ହେଉଛି - ଶ୍ରବଣ, କୀର୍ତ୍ତନ, ସ୍ମରଣ, ପାଦ ସେବନ, ଅର୍ଚ୍ଚନ, ବନ୍ଦନ, ଦାସ୍ୟ, ସଖ୍ୟ, ଆତ୍ମ ନିବେଦନ । ନବରାତ୍ର ଶବ୍ଦରୁ ସ୍ୱତନ୍ତ୍ର ନଅ ରାତିର ଭାବନା ମନକୁ ଆସେ । ଏ ସମୟରେ ଶକ୍ତିକୁ ନ ରୂପରେ ଉପାସନା କରାଯାଏ।

'ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା, ନମସ୍ତସୈ ନମସ୍ତସୈ ନମସ୍ତସୈ ନମୋ ନମଃ' ଶକ୍ତି ଉପାସକଙ୍କ ଦୃଷ୍ଟିରେ ମହାଶକ୍ତି ହେଉଛନ୍ତି ପରବ୍ରହ୍ମ ପରମାତ୍ମା । ସେ ସୃଜନ କରନ୍ତି, ପାଳନ କରନ୍ତି, ସଂହାର କରନ୍ତି। ସେ ଆଦ୍ୟା ମହାଶକ୍ତି । ତାଙ୍କର ସ୍ୱରୂପ ବିବିଧ । ସେ ନବଦୁର୍ଗା, ଦଶ ମହାବିଦ୍ୟା, ଅନ୍ନପୂର୍ଣ୍ଣା, କାତ୍ୟାୟନୀ, ଲଳିତାମ୍ବା, ଗାୟତ୍ରୀ, ଭୁବନେଶ୍ୱରୀ, କାଳୀ, ତାରା, ବଗଳା । ସେ ସଂହାର ପାଇଁ ମହାକାଳୀ, ବିଦ୍ୟା ଦାନ ପାଇଁ ସରସ୍ୱତୀ, ଧନ ପାଇଁ ମହାଲକ୍ଷ୍ମୀ । ମାର୍କଣ୍ଡେୟ ପୁରାଣରେ ଭଗବତୀଙ୍କୁ ଏହି ରୂପେ ସ୍ତୁତି କରାଯାଇଛି । ଦେବୀଙ୍କ ଭେଦ ହେଉଛି ସବୁ ବିଦ୍ୟା । ସଂସାରରେ ଯେତିକି ନାରୀ ଅଛନ୍ତି ସେମାନେ ଦେବୀଙ୍କ ରୂପ । ସମସ୍ତ ସଂସାରରେ ବ୍ୟାପ୍ତ ହେଉଛି ଗୋଟିଏ ତତ୍ତ୍ୱ, ସେହି ତତ୍ତ୍ୱ ହେଉଛି ଦେବୀ ତତ୍ତ୍ୱ ବା ଶକ୍ତି ତତ୍ତ୍ୱ । ନବରାତ୍ରିରେ ତିଥି ଅନୁସାରେ ମା ଦୁର୍ଗାଙ୍କ ନବ ରୂପର ପୂଜା ଅର୍ଚ୍ଚନା କରାଯାଏ । ଏହି ନବ ରୂପ ହେଉଛି ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, ସ୍କନ୍ଧମାତା, କାତ୍ୟାୟନୀ, କାଳରାତ୍ରି, ମହାଗୌରୀ ଓ ସିଦ୍ଧିଦାତ୍ରୀ । ନବରାତ୍ରି ଅବସରରେ ପୂଜା ପାଉଥିବା ନଅ ଦେବୀ ନବଦୁର୍ଗା ଭାବେ ଖ୍ୟାତ । ଦେବୀ ମାହାତ୍ମ୍ୟ ଏବଂ ଦୁର୍ଗା ସପ୍ତସତୀରେ ସେମାନଙ୍କ କଥା ବର୍ଣ୍ଣିତ । ସେମାନେ ସମସ୍ତେ ଶକ୍ତିଙ୍କ ଭିନ୍ନ ଭିନ୍ନ ଅବତାର । ସେମାନେ ହେଲେ ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦ ମାତା, କାତ୍ୟାୟନୀ, କାଳରାତ୍ରି, ମହାଗୌରୀ ଏବଂ ସିଦ୍ଧିଦାୟିନୀ । ନବରାତ୍ରିର ପ୍ରଥମ ଦିନରେ ପୂଜା ପାଆନ୍ତି ଶୈଳପୁତ୍ରୀ । 'ଶୈଳ' ଅର୍ଥ ପାହାଡ଼ ଏବଂ 'ପୁତ୍ରୀ' ଅର୍ଥ କନ୍ୟା । ସେ ପାର୍ବତୀ ବା ହେମବତୀ ଭାବେ ମଧ୍ୟ ପରିଚିତ । ଶୈଳପୁତ୍ରୀ ହେଉଛନ୍ତି ଶକ୍ତିଙ୍କ ପ୍ରଥମ ଅବତାର । ଦ୍ୱିତୀୟ ଦିନରେ ପୂଜା ପାଆନ୍ତି ମା' ବ୍ରହ୍ମଚାରିଣୀ । ତାଙ୍କର ଅନ୍ୟ ନାମଗୁଡ଼ିକ ହେଲା - ଉମା, ଅର୍ପର୍ଣ୍ଣା ଏବଂ ତପଶ୍ଚାରିଣୀ । ବ୍ରହ୍ମଚାରିଣୀ ଅର୍ଥ ଚରମ ସତ୍ତାର ସାନିଧ ପାଇବା ଲାଗି ଯିଏ ସଦା ତପସ୍ୟାରତ । ତୃତୀୟ ଦିବସରେ ଆରାଧନା କରାଯାଏ ମା' ଚନ୍ଦ୍ରଘଣ୍ଟାଙ୍କୁ । ମଥାରେ ଅର୍ଦ୍ଧଚନ୍ଦ୍ରଙ୍କୁ ଧାରଣ କରୁଥିବା ହେତୁ ସେ ହେଲେ ଚନ୍ଦ୍ରଘଣ୍ଟା । ଚତୁର୍ଥ ଦିବସରେ ଆବାହନ କରାଯାଏ ମା' କୁଷ୍ମାଣ୍ଡାଙ୍କୁ । ସେ ଅଷ୍ଟଭୂଜା; ପୁଣି ସୃଷ୍ଟିକର୍ତ୍ତ୍ରୀ ସମଗ୍ର ବିଶ୍ୱ-ବ୍ରହ୍ମାଣ୍ଡର । ପଞ୍ଚମ ଦିବସରେ ପୂଜା ପାଆନ୍ତି ସ୍କନ୍ଦ ମାତା । ସେ ଦେବତାଙ୍କ ସେନାମୁଖ୍ୟ କାର୍ତ୍ତିକେୟ ବା ମୁରୁଗ ବା ସୁବ୍ରମଣ୍ୟ ବା ସ୍କନ୍ଦଙ୍କ ମାତା । ତାଙ୍କୁ ପଦ୍ମାସନା ମଧ୍ୟ କୁହାଯାଏ । ଷଷ୍ଠ ଦିବସରେ ପୂଜା ପାଆନ୍ତି ମାତା କାତ୍ୟାୟନୀ । କାତ୍ୟମୁନିଙ୍କ କନ୍ୟା ଭାବେ ଜାତ ହୋଇଥିବାରୁ ସେ କାତ୍ୟାୟନୀ । ସପ୍ତମ ଦିନରେ ଆସନ୍ତି ମା' କାଳରାତ୍ରି । ତାଙ୍କୁ ମଧ୍ୟ କୁହାଯାଏ ଶୁଭଙ୍କରୀ । ସେ ଯାବତୀୟ ଅଜ୍ଞାନତା ଏବଂ ଅନ୍ଧକାରର ଧ୍ୱଂସକର୍ତ୍ତ୍ରୀ । ଅଷ୍ଟମ ଦିବସରେ ଆରାଧନା କରାଯାଏ ମା' ମହାଗୌରୀଙ୍କୁ । ମହାଗୌରୀ ଅର୍ଥ ଯେ ବିଜୁଳି ପରି ଉଜ୍ଜ୍ୱଳ । ନବମ ଦିବସରେ ପୂଜା ପାଆନ୍ତି ମା' ସିଦ୍ଧିଦାୟିନୀ । ସେ ଜ୍ଞାନଦାତ୍ରୀ । ବ୍ରହ୍ମଙ୍କୁ ଅନୁଭବ କରିବା ନିମନ୍ତେ ସେ ଦିବ୍ୟଜ୍ଞାନ ପ୍ରଦାନ କରିଥାନ୍ତି । ଶାରଦୀୟ ମହାପାର୍ବଣରେ ମା'ଦୁର୍ଗାଙ୍କ କୃପା ସମସ୍ତଙ୍କ ଉପରେ ଝରିପଡୁ, ବିଶ୍ୱ, ସମାଜ ଓ ପ୍ରତିଟି କ୍ଷେତ୍ର ଆଧ୍ୟାତ୍ମିକମୟ ହୋଇଉଠୁ ଏହା ହିଁ କାମନା।

♥ ଶିକ୍ଷାବିତ, ଡ୍ରିମ ଇଣ୍ଡିଆ ସ୍କୁଲ, ସିଡିଏ, କଟକ

# ଭାରତର ଏକାଧିକ ରାଜନୈତିକ ଦଳ



ବିଷ୍ଣୁ ପ୍ରସାଦ ଦାସ

ସମଗ୍ର ବିଶ୍ୱରେ କିଛି ହାତ ଗଣତି ଶକ୍ତିଶାଳୀ ଦେଶ ନିଜର ପ୍ରତିପତ୍ତି, ଶିଳ୍ପ, ଶକ୍ତି, ଧନ, ପ୍ରଯୁକ୍ତିବିଦ୍ୟା, ଅସ୍ତ୍ରଶସ୍ତ୍ର, ଆଣବିକ ଶକ୍ତି, ଖଣିଜ ତୈଳ ତଥା ଖଣିଜ ସମ୍ପଦର ଅଧିକାରୀ ହୋଇ ନିଜର ପତିଆରା ଅନ୍ୟ ଦେଶ ମାନଙ୍କ ଉପରେ ଜାହିର କରି ଅନ୍ୟ ମାନଙ୍କ ମଧ୍ୟରେ ନିଜକୁ ଶ୍ରେଷ୍ଠ ରୂପେ ପ୍ରତିପାଦିତ କରିବା ସହିତ ଶୋଷଣ ଆସୁଥିଲେ, ସେମାନେ ବର୍ତ୍ତମାନ ଭାରତର ଦୃତ ବିକାଶ, ଆତ୍ମ ନିର୍ଭରଶୀଳ, ବିଜ୍ଞାନ, ବାଣିଜ୍ୟ,କୃଷି ଶିଳ୍ପ, ଶିକ୍ଷା, ସଂସ୍କୃତି , ମାନବ ସମ୍ବଳର ବିକାଶ, ଶିଳ୍ପାୟନ ତଥା ପୃଥିବୀର ସର୍ବ ବୃହତ ଗଣତନ୍ତ୍ର ରାଷ୍ଟ୍ରର ମାନ୍ୟତା ଏବଂ ସବୁଠାରୁ ବେଶୀ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ରକୁ ଆଦୌ ମାନି ନେବାକୁ ପ୍ରସ୍ତୁତ ନୁହନ୍ତି । ତେଣୁ କଳେ ବଳେ କୌଶଳେ ଭାରତକୁ ବିଭିନ୍ନ ଆଳ ଦେଖାଇ ନ୍ୟୁନ ଦେଖାଇବାକୁ ପଶ୍ଚାତ୍ପଦ ହେଉନାହାନ୍ତି । ଆତଙ୍କବାଦ , ଭାରତର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ ତଥା ବିଶ୍ୱ ଦରବାରରେ ଭାରତର ବୈଦେଶିକ ନୀତି ଉପରେ ଅନେକ ନକାରାତ୍ମକ ଟିପ୍ପଣୀ ମଧ୍ୟ ଶୁଣିବାକୁ ମିଳୁଛି , ଯଦିଓ ଭାରତ ଏହାକୁ ଅଣଦେଖା କରୁଛି ବା ଅନେକ ସ୍ଥାନରେ ଏପରି ଜବାବ ରଖୁଛି କି ଯେଉଁଥିରେ ବିରୋଧୀ ରାଷ୍ଟ୍ରଙ୍କ ମୁହଁ ଚୁପ ହୋଇ ଯାଉଛି । କେନ୍ଦ୍ରରେ ଏକ ଦୃଢ଼ ସରକାର ଥିବାରୁ ଯେ କୌଣସି ଭାରତ ବିରୋଧୀ ରାଷ୍ଟ୍ର/ ସଂଗଠନକୁ ଦେଶର ସମ୍ମାନ ପାଇଁ ସରକାର ଏକ ଖୋଲା ଆହ୍ୱାନ ଦେବାକୁ ପଛାଉ ନାହାନ୍ତି । ସମ୍ପ୍ରତି ଭାରତ ବିରୋଧରେ କାନାଡ଼ା ସରକାର ବିଷୋଦ୍ଗାରଣ କରିଚାଲିଛନ୍ତି , କାନାଡ଼ାରେ ବସବାସ କରୁଥିବା କିଛି ଶିଖ ସମ୍ପ୍ରଦାୟର ଲୋକ ଖଲିସ୍ଥାନ ରାଷ୍ଟ୍ର ଗଠନ ପାଇଁ କାନାଡ଼ାରେ ଆନ୍ଦୋଳନରତ , ସେମାନେ ଭାରତ ବିରୋଧୀ ଉତ୍ତେଜନା ମୂଳକ ଭାଷଣ ଦେବା ସହିତ ଭାରତର ଜାତୀୟ ପତାକା ତ୍ରିରଙ୍ଗାକୁ ମଧ୍ୟ ଅସମ୍ମାନ ପ୍ରଦର୍ଶନ କରୁଛନ୍ତି ଯାହାଦ୍ୱାରା ଦେଶର ଗୌରବ ନଷ୍ଟ ହେଉଛି । ଦେଶରେ ଏକାଧିକ ରାଜନୈତିକ ଦଳ ନିର୍ବାଚନ ଲଢୁ ଥିବାରୁ ଅନେକ ସମୟରେ ଏକ ସଂଖ୍ୟା ଗରିଷ୍ଠ ସରକାର କଦବା କୋଚିତ ଦେଖିବାକୁ ମିଳେ ଅନ୍ୟଥା ବିଭିନ୍ନ ଦଳ ମିଳିତ ଭାବେ ଭାଗିଦାରୀ ଶାସନ ପ୍ରକ୍ରିୟାରେ ଶାସନ କରନ୍ତି ଏବଂ ଅନେକ ସମୟରେ ନିଜ ସ୍ୱାର୍ଥରେ ଯଦି ଆଞ୍ଚ ଆସେ ତେବେ ସେମାନେ ସରକାରଙ୍କୁ ସମର୍ଥନ ଦିଅନ୍ତି ନାହିଁ ଫଳରେ ଝୁଲା ସରକାର ବାଧ ହୋଇ ସାଲିସ କରେ ବା ସରକାର ଭାଙ୍ଗି ଯାଇ ପୁନଃ ନିର୍ବାଚନ ହୁଏ ଯାହାକି ସାଧାରଣ କର ଦାତାଙ୍କ ଉପରେ ପରୋକ୍ଷ ଭାବେ ଏକ ବୋଝ ସଦୃଶ ପ୍ରତିପାଦିତ ହୁଏ । ଭାରତ ବର୍ଷ ରେ ପଂଜିକୃତ ରାଜନୈତିକ ଦଳ ମାନଙ୍କ ବିଷୟରେ କିଛି ଆଲୋଚନା କରିବାକୁ ଉଚିତ ମଣୁଛି ।

ଆମ ଭାରତ ବର୍ଷରେ ପାଖାପାଖି ୧୪୨ କୋଟି ଭାରତୀୟ ମାନଙ୍କୁ ସୁଶାସନ ଦେବାକୁ ଗଣତାନ୍ତ୍ରିକ ଉପାୟରେ ପ୍ରତି ପାଞ୍ଚ ବର୍ଷରେ ନିର୍ବାଚନ ଅନୁଷ୍ଠିତ ହୁଏ ଏବଂ ବିଭିନ୍ନ ଦଳର ପ୍ରାର୍ଥୀମାନେ ଜନତାଙ୍କ ଦ୍ୱାରା ଭୋଟ ପାଇ ନିର୍ବାଚିତ ହୋଇ ସାଂସଦ, ବିଧାୟକ ହୋଇଥାନ୍ତି। ନିର୍ବାଚିତ ସଂଖ୍ୟା ଗରିଷ୍ଠ ଦଳ ଦେଶ ତଥା ରାଜ୍ୟ ଶାସନ ଭାର ନେଇ ଥା'ନ୍ତି, ଯଦି କାହାରି ସଂଖ୍ୟା ଗରିଷ୍ଠତାରେ ବ୍ୟତିକ୍ରମ ଆସେ ତେବେ ଅନ୍ୟ ଦଳର ସହଯୋଗ ଦ୍ୱାରା ମିଳିତ ସରକାର ଗଠିତ ହୋଇଥାଏ । ଭାରତ ବର୍ଷରେ ନିର୍ବାଚନ ଆୟୋଗଙ୍କ ଦ୍ୱାରା ସ୍ୱଚ୍ଛ ନିର୍ବାଚନ ପ୍ରକ୍ରିୟା ସମ୍ପାଦନ ହୋଇଥାଏ, ମଇ ୨୦୨୩ ବିଜ୍ଞପ୍ତି ପ୍ରକାଶନ ଆଧାରରେ ଭାରତ ବର୍ଷରେ ଜାତୀୟ ଦଳ ୬ ଟି, ରାଜ୍ୟ ବା ପ୍ରାଦେଶିକ ଦଳ ୫୪ ଟି ଏବଂ ପଂଜିକୃତ ଅଣସ୍ୱୀକୃତି ପ୍ରାପ୍ତ ଦଳ ୨୫୯୭ ଟି ରହିଛନ୍ତି । ସ୍ୱୀକୃତି ପ୍ରାପ୍ତ ରାଜନୈତିକ ଦଳମାନେ ଭୋଟର ମାନଙ୍କୁ ନାନା ପ୍ରକାର ପ୍ରଲୋଭନ ଦେଖାଇ ନିଜ ସପକ୍ଷରେ ଭୋଟ ହାତେଇ ଥା'ନ୍ତି, ନିର୍ବାଚନ ପୂର୍ବର ପ୍ରତିଶୃତି ବହି ଆକାରରେ ଲିପିବଦ୍ଧ ହୋଇ ପ୍ରଚାର କରାଯାଇ ଥାଏ । ଭୋଟ ଦାତା ମାନେ ଦଳର ପ୍ରତିଶୃତିକୁ ବିଶ୍ୱାସ କରି ଭୋଟ ଦେଇ ଶେଷରେ ଦଳୀୟ ପ୍ରତିଶୃତି ପାଳନ ନ' ହେବାର କ୍ଷୋଭରେ ନିଜ କପାଳରେ ହାତ ବାଡେଇବା ଛଡା ଆଉ କୌଣସି ବିକଳ୍ପ ନ'ଥାଏ । ମରୁଯାତ୍ରୀଟି ଯେପରି ମରୁଭୂମିରେ ମରୀଚିକା ପଛରେ ଧାବମାନ ହୋଇ ଶେଷରେ ତୃଷ୍ଣା ଜନିତ କଷ୍ଟରେ ପ୍ରାଣତ୍ୟାଗ କରେ ଠିକ ସେହି ଅବସ୍ଥା ପରିଲକ୍ଷିତ ହୋଇଥାଏ ନିରୀହ ଆଶାୟୀ ଭୋଟର ମାନଙ୍କ କ୍ଷେତ୍ରରେ । ରାଜନୀତି କରୁଥିବା ନେତା /ଦଳ ଗୁଡ଼ିକ ମିଥ୍ୟା ଏବଂ ପ୍ରବଞ୍ଚନାର ଆଶ୍ରୟ ନେଇ କଳେ ବଳେ କୌଶଳେ ଶାସନ କରିବାର ଚେଷ୍ଟାରେ ଥା'ନ୍ତି ଆଉ ଥରେ ଯଦି ଚୌକି ମଜା ପାଇଗଲେ ତେବେ ପ୍ରାୟ ନବେ ପ୍ରତିଶତ ନେତା ମନ୍ତ୍ରୀଙ୍କର ଆଗାମୀ ପାଞ୍ଚ ପିଢ଼ି ପାଇଁ ଚିନ୍ତା ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ, ତାହାଛଡା ବିଭିନ୍ନ ପ୍ରକାର ସରକାରୀ ସୁବିଧା ପେନ୍ସନ ମଧ୍ୟ ପାଇଥାନ୍ତି । ତେଣୁ ଭାରତବର୍ଷରେ ରାଜନୀତି ସବୁଠାରୁ ଭଲ ବୃତ୍ତି /ସେବା , ଏଥିପାଇଁ କୌଣସି ଶିକ୍ଷାଗତ ଯୋଗ୍ୟତାର ପ୍ରତିବନ୍ଧକ ନାହିଁ , ଅନ୍ୟ କର୍ମଚାରୀ ମାନଙ୍କ ପରି ଅବସର କାଳୀନ ବୟସ ସୀମା ନାହିଁ ମୃତ୍ୟୁ ପର୍ଯ୍ୟନ୍ତ ରାଜନୀତିରେ ଜଣେ ସକ୍ରିୟ ରହିପାରିବେ । ସେମାନଙ୍କର ବୟସ ଯେତେ ବଢୁ ଥିବ ମସ୍ତିଷ୍କ ସେତେ ଉର୍ବର / ସକ୍ରିୟ ହେଉଥିବ ଏମାନେ ସୃଷ୍ଟି କର୍ତ୍ତାଙ୍କ ବିରଳ ସୃଷ୍ଟି କୁହାଯାଇ ପାରେ । ସମ୍ବିଧାନକୁ ସଂଶୋଧନ କରି ନେତା ମନ୍ତ୍ରୀ ମାନଙ୍କ ସର୍ବୋଚ୍ଚ ବୟସ ସୀମା କ'ଣ ନିର୍ଦ୍ଧାରଣ କରାଯାଇ ପାରିବ ନାହିଁ? ଏକାଧିକ ପେନ୍ସନ ପ୍ରକ୍ରିୟାକୁ କ'ଣ ବଦଳାଯାଇ ପାରିବ ନାହିଁ? ସବୁ ସମ୍ଭବ କିନ୍ତୁ ଏହା ନିଜ ସ୍ୱାର୍ଥ ପାଇଁ କରାଯାଉ ନାହିଁ ।

ଭାରତବର୍ଷରେ ଜାତୀୟ ଦଳର ମାନ୍ୟତା ପାଇଥିବା ଦଳଗୁଡ଼ିକ ହେଲେ : ୧ - ଆମ ଆଦମୀ ପାର୍ଟିର ଜନ୍ମ ନଭେମ୍ବର ୨୦୧୨ ମସିହା ଦଳୀୟ ଚିନ୍ହ ଝାଡୁ , ଦଳୀୟ ମୁଖ୍ୟ ଶ୍ରୀ ଅରବିନ୍ଦ କେଜ୍ରିୱାଲ ବର୍ତ୍ତମାନ ଦିଲ୍ଲୀର ମୁଖ୍ୟମନ୍ତ୍ରୀ, ପଞ୍ଜାବ ପ୍ରଦେଶ ମଧ୍ୟ ଏହି ଦଳ ର ଶାସନାଧୀନ ଓ ଲୋକସଭା ପ୍ରାର୍ଥୀ ୧ , ରାଜ୍ୟସଭା ପ୍ରାର୍ଥୀ ୧୦ ବର୍ତ୍ତମାନ ଗୋଟିଏ କେନ୍ଦ୍ର ଶାସିତ ଅଂଚଳ ଏବଂ ଗୋଟିଏ ରାଜ୍ୟରେ ଶାସନ କରୁଛି ।

୨- ବହୁଜନ ସମାଜ ପାର୍ଟି ର ଜନ୍ମ ଏପ୍ରିଲ ୧୯୮୪ ମସିହା , ଦଳୀୟ ଚିନ୍ହ ହାତୀ , ଦଳୀୟ ମୁଖ୍ୟ ଶ୍ରୀମତୀ ମାୟାବତୀ , ଲୋକସଭାରେ ୯ ଟି ଆସନ ରାଜ୍ୟ ସଭାରେ ୧ ଟି ଆସନ ସହିତ ବିଧାନ ସଭାରେ ୭+୧ ଆସନରେ ଅଧିଷ୍ଠିତ ।

୩- ଭାରତୀୟ ଜନତା ପାର୍ଟି ର ଜନ୍ମ ଏପ୍ରିଲ ୧୯୮୦ ମସିହା , ଦଳୀୟ ମୁଖ୍ୟ ଜେ.ପି .ନଡ୍ଡା । ଭାରତର ୧୦ ଟି ରାଜ୍ୟରେ ବହୁମତ ସହିତ ସରକାର ଗଢ଼ିଛନ୍ତି, ୬ଟି ରାଜ୍ୟରେ ମିଳିତ ସରକାର ଅଛି, ରାଜ୍ୟସଭାରେ ୯୩ ପ୍ରାର୍ଥୀ ଲୋକସଭାରେ ୩୦୦ ନିର୍ବାଚିତ ପ୍ରାର୍ଥୀ ଅଛନ୍ତି ତାହା ଛଡା ୧୩୭୫+୧୬୫ ନିର୍ବାଚିତ ବିଧାୟକ ଅଛନ୍ତି । ବର୍ତ୍ତମାନ ଭାରତ ଶାସନର ମୁଖ୍ୟ ଭୂମିକା ଗ୍ରହଣ କରିଥିବା ବି.ଜେ.ପି ଦଳର ପ୍ରଧାନ ମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦି ଅତୀତର ସବୁ ପୁରୁଣା ରେକର୍ଡ ଭଙ୍ଗ କରି ଦେଶର ପ୍ରଗତିରେ ଏକ ନୂତନ ମାଇଲ୍ ଖୁଣ୍ଟ ସ୍ଥାପନ କରି ପାରିଛନ୍ତି ।

୪- ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କସିଷ୍ଟ) ଜନ୍ମ ନଭେମ୍ବର ୧୯୬୪ ମସିହା ,ଦଳୀୟ ଚିନ୍ହ ଦା'ହାତୁଡି ଦଳୀୟ ମୁଖ୍ୟ ଶ୍ରୀ ସୀତାରାମ ୟେଚୁରି। ଗୋଟିଏ ରାଜ୍ୟରେ ଶାସନ ମୁଖ୍ୟ ତଥା ଦୁଇଟି ରାଜ୍ୟର ମିଳିତ ସରକାରରେ ଭାଗିଦାରୀ ରହିଛି । ରାଜ୍ୟସଭାରେ ୫ ଜଣ , ଲୋକ ସଭାରେ ୩ ଜଣ ନିର୍ବାଚିତ ପ୍ରାର୍ଥୀ ଅଛନ୍ତି ।

୫- ଭାରତୀୟ ଜାତୀୟ କଂଗ୍ରେସ ର ଜନ୍ମ ଡିସେମ୍ବର ୧୮୮୫ ମସିହା ସର୍ବ ପୁରାତନ ରାଜନୈତିକ ଦଳର ମାନ୍ୟତା ପ୍ରାପ୍ତ ଏହାର ଦଳୀୟ ମୁଖ୍ୟ ମଲ୍ଲୀକାର୍ଜୁନ ଖଡ଼ଗେ । ଭାରତର ୪ ଟି ରାଜ୍ୟରେ ବହୁମତ ସହିତ ଶାସନ କରୁଥିବା ସମୟରେ ୩ଟି ରାଜ୍ୟରେ ସହଭାଗିତାରେ ଶାସନ କରୁଛି , ରାଜ୍ୟସଭାରେ ୩୧ ଜଣ , ଲୋକସଭାରେ ୫୦ଜଣ ନିର୍ବାଚିତ ସଦସ୍ୟ ଅଛନ୍ତି ।

୬- ନ୍ୟାସନାଲ ପିପୁଲସ ପାର୍ଟି ର ଜନ୍ମ ଜାନୁଆରୀ ୨୦୧୩ ମସିହାରେ ହୋଇଥିଲା ଏହି ପାର୍ଟିର ଦଳୀୟ ମୁଖ୍ୟ ସି.କେ .ସାଙ୍ଗମା ଅଟନ୍ତି , ବହୁମତ ନେଇ ଗୋଟିଏ ପ୍ରଦେଶ ଶାସନ କରୁଛି ଏବଂ ୩ଟି ରାଜ୍ୟରେ ସହଭାଗିତାରେ ଶାସନ କରୁଛି । ଏହାର ରାଜ୍ୟସଭାର ସଦସ୍ୟ ସଂଖ୍ୟା ୧, ଲୋକସଭାର ମଧ୍ୟ ୧ ଜଣ ନିର୍ବାଚିତ ସଦସ୍ୟ ଅଛନ୍ତି ।

ପ୍ରାଦେଶିକ ରାଜନୈତିକ ଦଳ ମାନଙ୍କ ମଧ୍ୟରୁ କିଛି ଦଳ ନିଜର ଜନହିତକର କାର୍ଯ୍ୟ ଦ୍ୱାରା ନିଜ ପ୍ରଦେଶକୁ ଦୀର୍ଘ ଦିନ ଧରି ଶାସନ କରି ଆସୁଛନ୍ତି, ସେଥି ମଧ୍ୟରୁ କିଛି ରାଜ୍ୟ ସରକାର କେନ୍ଦ୍ର ସରକାର ସହମତିରେ ତ' କିଛି ରାଜ୍ୟ ସରକାର ଅସୂୟା ରାଜନୀତି ଯୋଗୁ ସଦା ସର୍ବଦା ବିବାଦ ଘେରରେ ଶାସନ କାର୍ଯ୍ୟ ଚଳାଇ ଆସୁଛନ୍ତି । ସତ କହିବାକୁ ଗଲେ ସ୍ୱାର୍ଥାନ୍ଧ ନେତୃବୃନ୍ଦ ନିଜ ସ୍ୱାର୍ଥ ପାଇଁ ନିରୀହ ଜନତାଙ୍କୁ ବଳି ଚଢାଇ ଦେଉଛନ୍ତି, ଯାହାକି ଗଣତନ୍ତ୍ର ପ୍ରତି ବିପଦ । ପ୍ରାଦେଶିକ ଦଳ ଦ୍ୱାରା ଶାସିତ ରାଜ୍ୟ ଗୁଡିକ ମଧ୍ୟରେ ପଶ୍ଚିମ ବଙ୍ଗ( ଟି:ଏମ :ସି ) , ଓଡିଶା(ବି :ଜେ:ଡି) ବିହାର (ଜେ :ଡି ), ତାମିଲନାଡୁ (ଡି :ଏମ:କେ), ପୁଡୁଚେରୀ (ଏ :ଆଇ:ଏନ:ଆର :ସି ), ତେଲେଙ୍ଗାନା (ବି:ଆର :ଏସ ), ଝାରଖଣ୍ଡ (ଜେ :ଏମ :ଏମ), ମିଜୋରାମ (ମିଜୋ ନ୍ୟାସନାଲ ଫ୍ରଣ୍ଟ), ନାଗା ଲ୍ୟାଣ୍ଡ (ଏନ:ଡି:ପି:ପି), ଶିକ୍କିମ(ଏସ :କେ:ଏମ ), ମହାରାଷ୍ଟ୍ର (ଶିବସେନା), ଆନ୍ଧ୍ର ପ୍ରଦେଶ( ୱାଇ:ଏସ:ଆର: କଂଗ୍ରେସ ),ଇତ୍ୟାଦି ରାଜନୈତିକ ଦଳ ମାନେ ଶାସନ ମୁଖ୍ୟ ଭାବେ ପ୍ରାଦେଶିକ ଶାସନ ଭାର ହାତକୁ ନେଇଛନ୍ତି ।

ବର୍ତ୍ତମାନ କଥା ହେଉଛି ଏତେଗୁଡିଏ ରାଜନୈତିକ ଦଳ ଦେଶର ପ୍ରଗତି ପାଇଁ ଜରୁରୀ ନା ସ୍ୱାର୍ଥ ପାଇଁ ପରୋକ୍ଷରେ ଦେଶର କ୍ଷତି କରି ଚାଲିଛନ୍ତି ? ବହୁଦଳୀୟ ବ୍ୟବସ୍ଥା କିଛି ଦୃଷ୍ଟିରୁ ଲାଭଦାୟକ ଯାହାକି ମନମୁଖୀ ଶାସନ ଉପରେ ରୋକ ଲଗାଇ ପାରିବ, ସରକାରଙ୍କୁ ତାଙ୍କ ଭୁଲ ପାଇଁ ବିରୋଧ କରିପାରିବ , କିନ୍ତୁ ଅତ୍ୟଧିକ ବିରୋଧ କରୁଥିବା ବା ଛୋଟ ଛୋଟ କଥାକୁ ଆଳ କରି ମୁଖ୍ୟ ଦଳରୁ ଅଲଗା ହୋଇ କିଛିଦିନ ଭିତରେ ନିଜର ଗୋଡାଣିଆ ଙ୍କୁ ଧରି ନୂତନ ରାଜନୈତିକ ଦଳ ଗଠନ କରି ଦେଶର ସରକାରଙ୍କୁ ବିରୋଧ କରିବା ତଥା ଦେଶର ପ୍ରଗତିରେ ବାଧା ଦେବା ଦ୍ୱାରା ପରୋକ୍ଷରେ ଅନେକ କ୍ଷତି ହେଉଛି ଯାହାକି ସାଧାରଣ ଜନତା ବୁଝିବା କଷ୍ଟକର ବ୍ୟାପାର ହୋଇପଡେ । 'ଅତୃପ୍ତ ଆତ୍ମା' ସଦୃଶ ଏହି ଦଳ ଗୁଡିକ ଶାସନ ଗାଦିରେ ବସିଥିବା ଶାସକଙ୍କ ମୁଣ୍ଡ ବିନ୍ଧାର କାରଣ ପାଲଟି ଯାଇଥାନ୍ତି । ଏହାଛଡା କେନ୍ଦ୍ର ରାଜ୍ୟ ଭିତରେ ଅନେକ ସ୍ଥାନରେ ଛକା ପଞ୍ଝା ଲାଗି ରହିଛି , ପରସ୍ପର ପରସ୍ପର ବିରୁଦ୍ଧରେ ଶାସନ କଳ ବ୍ୟବହାର କରି ନିର୍ବାଚିତ ନେତୃବୃନ୍ଦଙ୍କୁ ଲାଂଛିତ, ଅପମାନିତ, ଜେଲଦଣ୍ଡ ତଥା ଅକଥନୀୟ ମାନସିକ କଷ୍ଟ ଦେବାକୁ କୁଣ୍ଠା ବୋଧ କରି ନ' ଥାନ୍ତି । ବର୍ଷକୁ ୩୬୫ ଦିନ ମଧ୍ୟରୁ ଏହି ପ୍ରକାର ଛକା ପଞ୍ଝାରେ ହୁଏତ ୨୦୦ କାର୍ଯ୍ୟ ଦିବସର ଅପଚୟ ହୁଏ ବାକି ୧୬୫ ଦିନ ମଧ୍ୟରୁ ଯାହା ବେଳେ ସେଥିରେ ଆମେ କିଛିଟା ଶାସନର ସୁଫଳ ପାଉ । 'କାଣୀ ବିଲେଇର କୁଜି ଅସରପା ଉପରେ ହାକିମାତି' ଯାହା ଆମ ଭାରତ ବର୍ଷରେ ଶାସନ ପ୍ରକ୍ରିୟା ଠିକ ସେହିପରି ଚାଲିଛି, ଆମେ କେବଳ ଭକୁଆ ଭୋଟ ଦାତା ନିରବ ଦର୍ଶକ ସାଜିଛୁ। ଭଲ କାର୍ଯ୍ୟକୁ ମଧ୍ୟ ବିରୋଧ କରିବା ଏକପ୍ରକାର ଅଭ୍ୟାସରେ ପରିଣତ ହୋଇଗଲାଣି, ଜନତାଙ୍କ ସ୍ୱାର୍ଥ, ରାଜ୍ୟର ଉନ୍ନତି ଏହିପରି କୁତ୍ସିତ ରାଜନୀତି ଦ୍ୱାରା ସମ୍ଭବ ହୋଇ ପାରୁନାହିଁ, ଉଦାହରଣ ସ୍ୱରୂପ ଓଡିଶା ମେଟ୍ରୋ ରେଳ ପ୍ରକଳ୍ପ କଥା ଦେଖନ୍ତୁ ଏବଂ କାହାର ଭୁଲ କାହାର ଠିକ ବିଚାର କରନ୍ତୁ ଓ ଦେଶରେ' ଯେସାକୁ ତେସା ' ହିସାବରେ ଶାସନ ଚାଲିଛି, କେମିତି ଆମେ ୨୦୨୪ ମସିହାରେ ମୁକୁଟ ପିନ୍ଧି ରାଜ ସିଂହାସନ ଦଖଲ କରିବୁ ଓ ମାତ୍ର ୫୦୦ ଟଙ୍କାରେ ଏଠି ଭୋଟ କିଣାଯାଏ, ମଦ ମାଂସ କିଛି ଅହେତୁକ ଅନୁକମ୍ପା ଦ୍ୱାରା ଦଳୀୟ ଗୁଣ୍ଡା ବାହିନୀ ଗଠିତ ହୁଏ, ତେଣିକି ଯିଏ ବିରୋଧ କରିବ ତାର ଅକାଳ ମୃତ୍ୟୁ ଅନିବାର୍ଯ୍ୟ । ଏହା କ'ଣ ଗଣତନ୍ତ୍ରର ଉଜ୍ଜଳ ତମ ବିଚାରଧାରା ? ବର୍ତ୍ତମାନ୍ ଗାନ୍ଧୀ, ଗୋପବନ୍ଧୁ କେବଳ ଛବିରେ ଦୃଶ୍ୟମାନ, ଇତିହାସ ଆଜି ନୂତନ ପିଢ଼ି ଦ୍ୱାରା ସଂଶୋଧିତ ହେବାକୁ ଉପକ୍ରମ କରିଲାଣି ।

ସ୍ୱାଧୀନତା ପରେ ସର୍ଦାର ବଲ୍ଲଭ ଭାଇ ପଟେଲଙ୍କ ଉଦ୍ୟମରେ ଅନେକ ଛୋଟ ଛୋଟ ରାଜ୍ୟ ସ୍ୱୟଂ ଶାସିତ ପ୍ରଦେଶ ଭାରତରେ ମିଶି ଭାରତର ଗର୍ବ ହୋଇଥିବା ସମୟରେ ବର୍ତ୍ତମାନର ନେତା/ଦଳ ମାନଙ୍କର ସଂକୁଚିତ ବିଚାର ଧାରା, ଜାତି, ଧର୍ମ, ପଛୁଆ ବର୍ଗ, ସଂଖ୍ୟା ଲଘୁ , ମହିଳା ସଂରକ୍ଷଣ ଇତ୍ୟାଦି ଭେଦ ଭାବ ଦ୍ୱାରା ଦେଶକୁ ଖଣ୍ଡ ବିଖଣ୍ଡିତ କରିବାକୁ ପଶ୍ଚାତ୍ପଦ ହେଉ ନାହାନ୍ତି , ଅନେକ ରାଜ୍ୟ ତ ଭାଗ ଭାଗ ହୋଇ ଗଲାଣି , ସମୟ ଆସିବ ହୁଏତ ପ୍ରତି ଜିଲ୍ଲା ବା କିଛି ଜିଲ୍ଲାର ସମଷ୍ଟିରେ ଗୋଟିଏ ଗୋଟିଏ ପ୍ରଦେଶ ହେବ ଏବଂ ଜିଲ୍ଲାପାଳଙ୍କ/ଆର :ଡି:ସି ଙ୍କ ପରିବର୍ତ୍ତେ ଜଣେ ଜଣେ ମୁଖ୍ୟ ମନ୍ତ୍ରୀ ରହିବେ ଓ ସମସ୍ତେ ଆଜି କ୍ଷମତା ପଛରେ ଧାବମାନ ଦେଶପ୍ରେମ କେବଳ ସମ୍ବିଧାନ, ଭାଷଣ ବା ବହିରେ ସୀମିତ ବୋଲି ହୃଦ୍‌ବୋଧ ହେଉଛି, ଠିକ ଅଛି ଭାଇ, ଯାହାକୁ ଯେମନ୍ତ ରସିଲା, କିଆ ଫୁଲ ପରି ବାସିଲା' ଆମେ କହିବାକୁ କିଏ? ଏବେ ମଧ୍ୟ ସମୟ ଅଛି ଅସୂୟା ରାଜନୀତି ଛାଡ଼ି ଦେଶର ପ୍ରଗତି ପାଇଁ କେନ୍ଦ୍ର-ରାଜ୍ୟ ଏକ ହୋଇ ଶାସନ କରନ୍ତୁ, ଏକାଧିକ ଦଳକୁ ପ୍ରୋତ୍ସାହନ ନଦେଇ ନିଜ ଦଳରେ ସାମିଲ କରିବା ସହିତ ବିରୋଧୀଙ୍କୁ ନିଜ ଅଧିକାର ଦିଅନ୍ତୁ । ସମାନତା ରେ ଏକତା ଆସେ ବନ୍ଧୁ, ପ୍ରେମରେ ଆତ୍ମୀୟତା ଆସେ ଏବଂ ଶାସନରେ ନିରପେକ୍ଷତା ରହିବା ବାଞ୍ଛନୀୟ ।

+ଝଞ୍ଜିରି ମଙ୍ଗଳା
କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୧୫ ଅକ୍ଟୋବର ୨୦୨୩

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



## ଚେତନାର ଦର୍ପଣ -୨

# ॥ ଦାନ ॥

♥ ଲଳିତ ମୋହନ ମିଶ୍ର



ସଦାସର୍ବଦା ଦାନର ମହତ୍ତ୍ୱ ରହିଛି । ଦାନ ଦେବା ଦ୍ୱାରା ଜଣେ ବ୍ୟକ୍ତିର ପୂଣ୍ୟ ବଢିଥାଏ । ଆଜିକାଲି ଦାନର ଅର୍ଥ କହିଲେ କେବଳ ଟଙ୍କା ପଇସା ବୋଲି ଭାବୁଛନ୍ତି । ଧର୍ମଶାସ୍ତ୍ର ଗୁଡିକରେ ପାଞ୍ଚୋଟି ମହାନଦାନ ବିଷୟରେ କୁହାଯାଇଛି । ଯଥା - ୧. ଭୂମି ଦାନ :ପୂର୍ବ କାଳରେ ରାଜା ମହାରାଜାଙ୍କ ଦ୍ୱାରା ଯୋଗ୍ୟ ବ୍ୟକ୍ତିଙ୍କୁ ଭୂମି ଦାନ କରାଯାଏ । ଭଗବାନ ବିଷ୍ଣୁ ବାମନ ଅବତାରରେ ଭୂମି ଦାନ ନେଇ ତିନି ପାଦରେ ତିନି ଲୋକକୁ ମାପିଥିଲେ । ୨. ଗୋଦାନ : ଗୋଦାନ କରିଥିବା ବ୍ୟକ୍ତି ପୂର୍ବପୁରୁଷଙ୍କ ଜୀବନ ଚକ୍ରରୁ ମୁକ୍ତି ପାଇଥାଏ ବୋଲି ବିଶ୍ୱାସ ରହିଛି । ୩. ଅନ୍ନ ଦାନ :ଅନ୍ନ ଦାନ କରିବା ଏକ ବଡ ପୂଣ୍ୟ କାମ, ଏଥିରେ ମନକୁ ମଧ ଶାନ୍ତି ମିଳିଥାଏ । ୪.କନ୍ୟା ଦାନ :ଏହି ଦାନ ଦ୍ୱାରା ମାତା ପିତା ଅନେକ ପୂଣ୍ୟ ଅର୍ଜନ କରନ୍ତି । ୫ ବିଦ୍ୟା ଦାନ : ଏହି ଦାନ ଦ୍ୱାରା ବ୍ୟକ୍ତି ବିବେକଶୀଳ ଓ ବିନୟୀ ହୁଏ । ଭାରତୀୟ ସଂସ୍କୃତିରେ ଗୁରୁ - ଶିଷ୍ୟ ପରମ୍ପରା ରହିଛି । ବିଦ୍ୟାଦାନ ଏକ ମହାନ୍ ଦାନ । ତା ବାଦେ ଆଉ କିଛି ଦାନ ଅଛି। ଥରେ ଜଣେ ବୃଦ୍ଧା ଶିକ୍ଷୟିତ୍ରୀ ଗୋଡ଼ରେ ଯନ୍ତ୍ରଣା ଅନୁଭବ କରି ବସରେ ଚଢ଼ିଥିଲେ, ବସରେ ସିଟ୍ ନଥିବାରୁ ଠିଆ ହେଲେ। କିଛି ଦୂରରେ ଯାତ୍ରା କରୁଥିବା ଜଣେ ବୃଦ୍ଧା ମହିଳା ସମ୍ମାନର ସହ କହିଲେ - ମ୍ୟାଡାମ୍ ! ଏଠାରେ ବସନ୍ତୁ କହି ତାଙ୍କ ସିଟ୍ ଟି ଛାଡିଦେଲେ। କିଛି ସମୟ ପରେ ମ୍ୟାଡାମଙ୍କର ପାଖ ସିଟ୍‌ଟି ଖାଲି ହୋଇଗଲା। କିନ୍ତୁ ସେ ମହିଳା ନ ବସି ଛୋଟ ପିଲାକୁ ଧରି ଠିଆ ହୋଇଥିବା ଅନ୍ୟ ଜଣେ ମହିଳାଙ୍କୁ ସିଟ୍‌ଟି ଦେଲେ । ପରବର୍ତ୍ତୀ ଷ୍ଟପେଜ୍‌ରେ ଶିଶୁ ସହ ସେ ମହିଳା ମଧ ଓହ୍ଲାଇଗଲେ । ସିଟ୍ ଖାଲି ଥିଲା, କିନ୍ତୁ ଦୟାଳୁ ହୃଦୟସମ୍ପନ୍ନ ମହିଳା ବସିବାକୁ ପ୍ରଲୋଭିତ ନହୋଇ ଜଣେ ବୃଦ୍ଧଙ୍କୁ ଦେଇଥିଲେ। ଶେଷରେ ଶିକ୍ଷୟିତ୍ରୀ ଜଣକ ମହିଳାଙ୍କୁ ପଚାରିଲେ - କେତେ ଥର ସିଟ୍ ଖାଲି ହେଲାଣି କିନ୍ତୁ ଆପଣ ନିଜେ ନ ବସି ଅନ୍ୟ ଲୋକଙ୍କୁ କାହିଁକି ଦେଉଛନ୍ତି ? ମହିଳା ଜଣକ କହିଲେ, 'ମ୍ୟାଡାମ ! ମୁଁ ଜଣେ ଗରିବ ଶ୍ରମିକ । ମୋ ପାଖରେ ଦାନ କରିବା ପାଇଁ ଅର୍ଥ ନାହିଁ । ତେଣୁ ମୁଁ ରାସ୍ତାରେ ପଡିଥିବା ପଥର ଜରିକୁ ଉଠାଇ ରାସ୍ତାର ପାର୍ଶ୍ୱକୁ ପକାଇ ଦିଏ । ଅସହାୟଙ୍କୁ ପାଣି ପିଇବାକୁ ଦିଏ । କେତେବେଳେ ବସରେ କାହା ପାଇଁ ସିଟ୍ ଛାଡିଦିଏ । ଏହାଦ୍ୱାରା ଲୋକମାନେ ମୋତେ ଆଶୀର୍ବାଦ କରନ୍ତି, ମୁଁ ମୋର ଦାରିଦ୍ର୍ୟକୁ ଭୁଲିଯାଏ ।

ଶିକ୍ଷୟିତ୍ରୀ ଅବାକ୍ ହୋଇ ଚାହିଁ ରହିଥିଲେ, ନିରକ୍ଷର ହେଲେ କଣ ହେଲା, ଦାନର କେତେବଡ଼ ପାଠ ଶିଖାଇ ଦେଲା । ବାସ୍ତବରେ ଦାନ ଅର୍ଥ ଦ୍ୱାରା ନୁହେଁ, ହୃଦୟ ଦ୍ୱାରା ହୋଇଥାଏ ।

ମୋ: ୯୪୩୭୯୮୫୮୬୬

# ନୀରବି ଯାଉଛି ପକ୍ଷୀର ସ୍ୱର

## ବୈଷ୍ଣବ ମେହେର



ନିକଟରେ ଚିକାଗୋ ସହରର ସଭାକକ୍ଷ 'ମ୍ୟାକକର୍ମିକ ପ୍ଲେସ୍'ର କାଚ କାନ୍ଥରେ ପିଟି ହୋଇ ହଜାରେରୁ ଅଧିକ ପକ୍ଷୀଙ୍କ ଗଣମୃତ୍ୟୁ ଘଟିବା ଯେତିକି ଦୁଃଖଦ ଘଟଣା ସେତିକି ଚିନ୍ତାର ବିଷୟ ମଧ୍ୟ । କାନାଡ଼ାରୁ କେନ୍ଦ୍ରୀୟ ଆମେରିକା ଆଡ଼କୁ ଉଡ଼ି ଯାଉଥିବା ବେଳେ ମ୍ୟାକକର୍ମିକ ପ୍ଲେସ୍‌ର କାନ୍ଥରେ ଲାଗିଥିବା ଅତ୍ୟନ୍ତ ସ୍ୱଚ୍ଛ କାଚ କାନ୍ଥର ଅବସ୍ଥିତିକୁ ଠଉରେଇ ନପାରି ପିଟି ହୋଇଯିବାରୁ ଏକାଥରେ ଏତେ ସଂଖ୍ୟକ ପକ୍ଷୀଙ୍କ ଏଭଳି ଦଶା ହୋଇଥିଲା । ଚିନ୍ତାର ବିଷୟ ଯେ ଏମିତି ମନୁଷ୍ୟକୃତ କୋଠାରେ ପିଟି ହୋଇ କୋଟିକୋଟି ପକ୍ଷୀଙ୍କ ଅକାଳରେ ଜୀବନ ଯାଉଛି । ଏଭଳି ବିଭିନ୍ନ କାରଣ ଯୋଗୁଁ ସାରା ବିଶ୍ୱରେ ପକ୍ଷୀମାନଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ଅନେକ ପ୍ରଜାତିର ପକ୍ଷୀ ଏବେ ବିଲୁପ୍ତ ଅବସ୍ଥାରେ ପହଂଚିସାରିଛନ୍ତି । ନିକଟରେ ଭାରତୀୟ ପକ୍ଷୀଙ୍କ ସ୍ଥିତିର ଆକଳନ କରାଯାଇ ଦିଆଯାଇଥିବା 'ଷ୍ଟେଟ ଅଫ ଇଣ୍ଡିଆସ୍ ବାର୍ଡସ୍ ୨୦୨୩'ର ରିପୋର୍ଟ ଅନୁଯାୟୀ ଭାରତୀୟ ପ୍ରଜାତୀ ପକ୍ଷୀଙ୍କ ମଧ୍ୟରୁ ବଡ଼ଭାଗ ହ୍ରାସ ପାଇବାରେ ଲାଗିଛି । ଏହି ରିପୋର୍ଟର ତଥ୍ୟ ଅନୁସାରେ ୩୩୮ ଜାତିର ପକ୍ଷୀଙ୍କୁ ନେଇ କରାଯାଇଥିବା ତିରିଶ ବର୍ଷିୟ ଆକଳନରେ ୬୦ ପ୍ରତିଶତ ଅର୍ଥାତ ୨୦୪ ଜାତିର ପକ୍ଷୀଙ୍କ ସଂଖ୍ୟାରେ ହ୍ରାସ ଘଟି ଚାଲିଥିବା ବେଳେ ୯୮ ଜାତିର ପକ୍ଷୀ ସଂଖ୍ୟା ସ୍ଥିର ରହିଛି ଓ ମାତ୍ର ୩୬ ଜାତିର ପକ୍ଷୀ ସଂଖ୍ୟାରେ ବୃଦ୍ଧି ପରିଲକ୍ଷିତ ହୋଇଥିବା କୁହାଯାଇଛି । ସେହିଭଳି ୩୫୯ ଜାତିର ପକ୍ଷୀଙ୍କ ବାର୍ଷିକ ଗତିବିଧିର ଆକଳନକୁ ଦେଖିଲେ ୪୦ ପ୍ରତିଶତ ଅର୍ଥାତ ୧୪୨ ଜାତିର ପକ୍ଷୀ ସଂଖ୍ୟା ହ୍ରାସ ପାଇଥିବା, ୧୮୯ ଜାତିର ପକ୍ଷୀ ସଂଖ୍ୟା ସ୍ଥିର ଥିବା ଓ ମାତ୍ର ୨୮ ଜାତିର ପକ୍ଷୀ ସଂଖ୍ୟାରେ ବୃଦ୍ଧି ପାଇଥିବା ଜଣାପଡ଼ିଛି । ସମ୍ବେଦନଶୀଳ ବିଷୟ ଯେ, ଉକ୍ତ ରିପୋର୍ଟରେ ୧୭୮ ପକ୍ଷୀ ଜାତିକୁ ଉଚ୍ଚ ସଂରକ୍ଷଣ ଅଗ୍ରାଧିକାର ଶ୍ରେଣୀରେ ରଖାଯାଇଥିବା ବେଳେ ୧୪ଟି ପକ୍ଷୀ ଜାତିକୁ ଲୋହିତ ତାଲିକାଭୁକ୍ତ କରିବାର ପ୍ରସ୍ତାବ ଦିଆଯାଇଛି ।

ପକ୍ଷୀମାନେ ମଣିଷ ଜୀବନ ସହ ଓତପ୍ରୋତ ଭାବରେ ଜଡ଼ିତ । ପକ୍ଷୀର ସୁନ୍ଦର ରୂପ ଦେଖି ଓ ସ୍ୱର ଶୁଣି କୁରୁଳି ଉଠେ ସମସ୍ତଙ୍କ ମନ । ବାଇଚଢ଼େଇର କିଚିରିମିଚିରି ଶବ୍ଦରେ ପୁରି ଯାଏ ସମଗ୍ର ପରିବେଶ । ଭୋରରେ କୁକୁଡ଼ାର ଡାକ ରାତି ପାହିବାର ସୂଚନା ଦିଏ । କୁଆ, କୋଇଲିଙ୍କ ରାବରେ ସକାଳର ଶୁଭାରମ୍ଭ ହୁଏ । ଦୂର ଆକାଶରେ ଶାଗୁଣାମାନେ ଚକ୍ରାକାରରେ ଉଡ଼ି ବୁଲିବା ମଣିଷକୁ ଆକାଶ ମୁହାଁ କରେ । ନିଚ୍ଛାଟିଆ ଉଦଉଦିଆ ଖରା ବେଳେ କେଉଁ ଏକ ଝଙ୍କାଳିଆ ବରଗଛ ଶାଖାରୁ ଭାସି ଆସେ ବିରହ ବିଜଡ଼ିତ ଚକୋର ଚକୋରୀଙ୍କ ରାବ ଯାହା ଅନେକଙ୍କ ଭିତରେ ଭରିଦିଏ ଭାବାବେଗ । ସଂଧ୍ୟା ଆକାଶରେ ପଲପଲ ଧଳା ବଗ ପକ୍ଷୀ ଉଡ଼ିଯିବାର ଦୃଶ୍ୟ କେବେ କ'ଣ ଭୁଲି ହୁଏ ! ଗାଁ ପୋଖରୀର କାତକେନ୍ଦୁ ପାଣିରେ ପାଣିକୁଆ ବୁଡ଼ି ଅଣ୍ଟରେ ମାଛ ଧରି ଆଣିବାର ଦୃଶ୍ୟ ସତେ କେତେ ମନମୁଗ୍ଧକର । ସେହି ପାଣିରେ ହଂସ ହଂସରାଳିଙ୍କ ଜଳକ୍ରୀଡ଼ା ମଧ୍ୟ ସେତିକି ଆକର୍ଷଣୀୟ । ପକ୍ଷୀଙ୍କ କୋଳାହଳରେ ଗାଁର ପରିବେଶ କେବଳ ମୁଖରିତ ହୁଏ ନାହିଁ ବରଂ ପକ୍ଷୀମାନେ ହିଁ ଗାଁ ପରିବେଶକୁ ଜୀବନ୍ତ କରିଥାନ୍ତି । ଏବେ କିନ୍ତୁ ମଣିଷର ଜୀବନ ପ୍ରତିଦ୍ୱନ୍ଦିତାପୂର୍ଣ୍ଣ ହୋଇଯାଇଛି । ପରିଣାମ ମଣିଷ ଏବେ ନିଜ ଛଡ଼ା ଅନ୍ୟ କାହା ପ୍ରତି ଆଦୌ ଧ୍ୟାନ ଦେଉ ନାହିଁ । ନିଜ ସ୍ୱାର୍ଥ ପାଇଁ ମଣିଷ ହିଁ ସବୁଜ ପରିବେଷ୍ଟନୀକୁ ଧ୍ୱଂସ କରିବାରେ ଲାଗିଛି । ଫଳରେ ନିରାହ ପକ୍ଷୀଙ୍କ ପାଇଁ ନା ଅଛି ଆଶ୍ରୟ କିମ୍ବା ମିଳୁଛି ଜୀବନ ରଖିବାକୁ ଆହାର । ବର୍ତ୍ତମାନର ବିଷାକ୍ତ ଓ ବିଶୃଙ୍ଖଳିତ ପରିବେଶ ପକ୍ଷୀଙ୍କ ଜୀବନକୁ ଦୁର୍ବିସହ କରିଦେଇଛି ।

ପ୍ରବନ୍ଧର ପ୍ରାରମ୍ଭରେ ଆଲୋଚିତ ଉଚ୍ଚ କୋଠା କିମ୍ବା ଟାୱାର ବ୍ୟତୀତ ଜୈବ ବିବିଧତାରେ ଥିବା ପକ୍ଷୀଙ୍କ ପ୍ରାକୃତିକ ଆବାସ ନଷ୍ଟ ହେବା ପକ୍ଷୀ ବିଲୁପ୍ତର ପ୍ରମୁଖ କାରଣ ସାଜିଛି । ସେହିଭଳି ଜଳବାୟୁରେ ପରିବର୍ତ୍ତନ, ପରିବେଶ ଅସନ୍ତୁଳନ, ବ୍ୟାପକ ଜଙ୍ଗଲ ନଷ୍ଟ, ପ୍ରାକୃତିକ ବିପର୍ଯ୍ୟୟ ଭଳି ବିଭିନ୍ନ କାରଣ ଯୋଗୁଁ ପକ୍ଷୀ ବଂଶ ଲୋପ ପାଇବାରେ ଲାଗିଛି । ଅଯଥାରେ ଉଚ୍ଚ ଧ୍ୱନିଯୁକ୍ତ ମାଇକ, କାନଫଟା ଡିଜେ ଆଦି ବଜାଇବା, ବାଣ ଫୁଟାଇବା, ଗାଡ଼ିମଟରର କର୍କଷ ଶବ୍ଦ ଆଦି ପକ୍ଷୀର ଜୀବନ ପାଇଁ ପ୍ରତିକୂଳ ପରିବେଶ ସୃଷ୍ଟି କରୁଥିବା ବେଳେ କଳକାରଖାନା ଓ ଖଣିଖାଦାନ ଖନନ, ଦୃତ ଜନସଂଖ୍ୟା ବୃଦ୍ଧି, ବ୍ୟାପକ କଂକ୍ରିଟ ଜଙ୍ଗଲ ନିର୍ମାଣ ପକ୍ଷୀଙ୍କ ବଂଶବିସ୍ତାରରେ ବହୁଳ ବାଧକ ସାଜୁଛି । ସେହିଭଳି ମୋବାଇଲ ଟାୱାର ରାଡ଼ାରର ବିକିରଣର କୁପ୍ରଭାବ ମଧ୍ୟ ନିରୀହ ପକ୍ଷୀଙ୍କ ଜୀବନକୁ ପ୍ରଭାବିତ କରୁଛି । ଏହାବାଦ୍ ଅବାଧ ପକ୍ଷୀ ଶିକାର ମଧ୍ୟ ପକ୍ଷୀଙ୍କ ପାଇଁ କାଳ ସାଜୁଛି ବୋଲି କୁହାଯାଇ ପାରିବ ।

ଏକଥା କହିବା ବାହୁଲ୍ୟ ଯେ, ପକ୍ଷୀବଂଶ ବିଲୁପ୍ତର ସିଧା ପ୍ରଭାବ ଆମ ପରିବେଶ ଉପରେ ପଡୁଛି । ଫଳରେ ପ୍ରକୃତି ପ୍ରତି ବିପଦ ସୃଷ୍ଟି ହେବା ମଧ୍ୟ ସୁନିଶ୍ଚିତ । ପ୍ରକୃତି ପ୍ରତି ବିପଦ ସୃଷ୍ଟିର ଅର୍ଥ ମଣିଷ ସମାଜ ପାଇଁ ବିପଦକୁ ଆହ୍ୱାନ କରିବା ବୋଲି ବୁଝିବାକୁ ହେବ । ତେଣୁ ଆମ ନିଜର ସୁରକ୍ଷା ନିମନ୍ତେ ପ୍ରକୃତିର ଅମୂଲ୍ୟ ସମ୍ପଦ ପକ୍ଷୀଙ୍କୁ ସୁରକ୍ଷା ଦେବା ଜରୁରି ।

+ ସିନାପାଲି,ନୂଆପଡ଼ା
ମୋ: ୯୭୭୭୭୫୩୯୩୫

# ମୋ ମାଆ ସୁବର୍ଣ୍ଣରେଖା

## ଡ. ଶ୍ରୀକାନ୍ତ ଚରଣ ପାତ୍ର



### ଆମର ନଈକୂଳିଆ ଗାଆଁ (୩)
### ହାଟ ପାଳିଆ ବନ

ମୋ ପିଲାଦିନଠୁଁ ପ୍ରାୟ ଷାଠିଏ ବର୍ଷ ହେବା ଯାଏଁ ଆମ ଅଞ୍ଚଳରେ ବର୍ଷାଦିନରେ ବନ୍ୟାହେବା ଏକ ସାଧାରଣ କଥା ଥିଲା।ସିଏ ପୁଣି ଅଧିକଥର ସୋମବାରରେ- ଜଳେଶ୍ୱରର ସାପ୍ତାହିକ ହାଟପାଳି ଦିନ । ତାକୁ ସମସ୍ତେ କହୁଥିଲେ 'ହାଟପାଳିଆ ବନ'। (ସୁବର୍ଣ୍ଣରେଖା କୂଳବର୍ତ୍ତୀ ବାଲେଶ୍ୱର ଜିଲ୍ଲାର ଲୋକେ 'ବନ୍ୟା'କୁ ବନ କୁହନ୍ତି ) ।

ଆଜକୁ ପ୍ରାୟ ତିରିଶ/ଚାଳିଶ ବର୍ଷ ତଳେ ସମସ୍ତେ ଜଳେଶ୍ୱର ଅଞ୍ଚଳର ଏପରିକି ନିକଟବର୍ତ୍ତୀ ମେଦିନୀପୁର ଜିଲ୍ଲା ଲୋକମାନେ ଜଳେଶ୍ୱର ହାଟ ଉପରେ ନିର୍ଭରଶୀଳ ଥିଲେ । ସୋମବାର ହାଟପାଳିକୁ ସମସ୍ତଙ୍କର ଅପେକ୍ଷା ।ସେଦିନ ଖଡଗପୁରିଆ ବେପାରୀମାନେ ହାଟକୁ ବିଭିନ୍ନ ଫଳ , ଫୁଲ, ଗଡବେତାର ଆଳୁପିଆଜ ଓ ଲୁଗାପଟା, ଭୂଷିମାଲ, ଲୁହା ଓ ସିଲଭର ବାସନକୁସନ, ମନୋହରୀ ଜିନିଷ; ସ୍ଥାନୀୟ ଓ ବାହାରୁ ଆସିଥିବା କାମୁଳିଆ ବା ଗହଣା ବ୍ୟବସାୟୀମାନେ ବିଭିନ୍ନ କିସମର ସୁନା ରୂପା ଅଳଙ୍କାର, କଂସା ଓ ପିତଳ ବାସନ ଓ ଅନ୍ୟାନ୍ୟ ଜିନିଷର ଦୋକାନ, ଗୋବର୍ଦ୍ଧନପୁରର ଯୋଗୀମାନେ ହାତରେ ଚଲାଇ ସିଲେଇ କରିବା ପାଇଁ ସିଲେଇ ମେସିନ ଓ ପିଲାଙ୍କ ପାଇଁ ହାତ ସିଲେଇ ପେଣ୍ଟ, ସାର୍ଟ, ଫ୍ରକ୍ ଏବଂ ସ୍ଥାନୀୟ ବ୍ୟବସାୟୀମାନେ କଲିକତାରୁ ଆଣିଥିବା ରେଡିମେଡ ପରିଧାନଦ୍ରବ୍ୟ; ଗୁଡ, ପରିବା, ଦେଶୀ ମାଛ ଏବଂ ଲୁଣି ମାଛ ବିଶେଷତଃ ଇଲିସି ମାଛ; ଲୁହା ଓ କାଠ ଜିନିଷ ଇତ୍ୟାଦି ବିକ୍ରି କରିବା ପାଇଁ ଆଣିଥାନ୍ତି । କଣ ସେଠି ନମିଳୁଥିଲାଯେ ! ବିରାଟ ହାଟ । ତେଣୁ, ମନପସନ୍ଦର ଜିନିଷ ବାଛିକି କିଣିବା ସହଜ ହୁଏ। ତେବେ, ରବିବାରଠୁଁ ବନ ଆସିଗଲେ ଦୂର ବେପାରୀ ଓ କିଣିବା ଲୋକ ଆସିପାରନ୍ତିନି । ପୁଣି ସୋମବାର ସକାଳୁ ବନ ବାହାରିବାର ଥିଲେ, ଭୟରେ ବି ଲୋକେ ହାଟକୁ ଯାଆନ୍ତିନି ।

ବର୍ଷାଦିନରେ ବିଭିନ୍ନ ପର୍ବପର୍ବାଣୀ ପାଳିତ ହୁଏ । ଅରନ୍ଧା ସମୟରେ ବନ ଆସିଗଲେ ପଖାଳଖିଆର ମଜା ଫସର ଫାଟିଯାଏ । ନା ଲୁଣିମାଛ, ପରିବା ମିଳେ ନା ପଖାଳ ଖାଇବା ପାଇଁ ଦୂରଯାଗାରୁ ବନ୍ଧୁବାନ୍ଧବ ଆସିପାରନ୍ତି । ଏପରିକି ଗାଁ ଭିତରେ ବନଜଳ ପଶିଥିଲେ ଗୋଟିଏ ଘରୁ ଆଉ ଗୋଟିଏ ଘରକୁ ବି କେହି ଯାଇପାରନ୍ତିନି , କାହା ଘରକୁ ଯାଇ ପଖାଳ ଖାଇବାତ ଦୂରର କଥା ।

ତେବେ, ସୋମବାରକୁ ବାଦ ଦେଇ ଅନ୍ୟ ଦିନରେ ବି ବନ ଆସିଥାଏ ।

ସେହିପରି, ରାକ୍ଷୀପୂର୍ଣ୍ଣିମାରେ ଭଉଣୀମାନେ ଭାଇର ଆସିବା ବାଟକୁ ଅନେଇ ରୁହନ୍ତି । ବନରେ ଭାଇ ଆସିବ କିମିତି ? ବନକୁ ଗାଳିଦିଏ, ଅଭିଶାପବି ଦିଏ ଭଉଣୀ । କିନ୍ତୁ କିଏ ଶୁଣୁଛି ତା ମନର ଦୁଃଖ , ହୃଦୟର କୋହ !

ପିଲା ଦିନର କଥା ମନେ ପଡୁଛି....

ଥରେ, ବୋଧହୁଏ ମଝିରାତିରେ ମୋ ନିଦ ଭାଙ୍ଗିଗଲା । ଘରେ କୋଳାହଳ । 'ବନ ଆସିଗଲା, ଗାଆଁ ଭିତରେ ଜଳ ପଶିଗଲା , ଶୀଘ୍ର ଗୋରୁଗାଈ, ଛେଳି ହେରିକା ଆଉ ସ୍ତ୍ରୀଲୋକ ଏବଂ ଛୋଟ ଛୁଆଙ୍କୁ ନେଇ ଉଚ୍ଚ ଥାନକୁ ପଳାଇଯାଅ' --କେହି ଜଣେ ମୂରବୀଶ୍ରେଣୀର ଲୋକ ତାଟି ପାଖରେ ଛିଡାହୋଇ କହୁଥିଲେ । ତାଙ୍କ ସାଥୀରେ ଆଉ କେଇଜଣବି ଥିଲେ । ବାପ ସେମାନଙ୍କୁ ଆମ ଘରକୁ ଡାକିଲେ, ପିଣ୍ଡାରେ ମସିଣା ପାରିଦେଇ ବସିବାକୁ କହିଲେ । ମାତ୍ର, ବସିବାତ ଦୂରର କଥା, ସେମାନେ ତାଟି ଖୋଲି ଭିତରକୁବି ଆସିଲେନି । 'ଅନେକ ଘର ବାକି ଅଛି, ବସିବାକୁ ତର କାହିଁ ? ମୂରବୀ ଗଲେ ପୂର୍ବକୁ ଓ ଦକ୍ଷିଣ ସାହିକୁ ଏବଂ ମୁଁ ପଶ୍ଚିମ ଓ ଉତ୍ତରକୁ ଆସିଛି ।

'କିନ୍ତୁ ଆମେ ଯିବା କିମତି ? ବନ ଜଳତ ଗାଁକୁ ଘେରି ଯିବନି ?' ବାପର ଭୟମିଶ୍ରିତ ସ୍ୱର ।

'ଶଙ୍ଖ ବଜାଅ, ବଜାରଶୁଳ ଲୁକକୁ ଶୁଭିବ। ଆମେ ପାଣି ଘେରରେ ଅଛୁବୋଲି ସେମାନେ ଜାଣିବେ, ଆଉ ନାଆ ପଠାଇବେ। ତେବେ, ଯିବା ଆଗରୁ ଗଙ୍ଗାପୂଜା କରିକି ଯିବ। ମାଆ ଛାଡା ଆମର ଆଉ କିଏ ସାହାହେବ ?' ଗାଆଁରୁ ଘନଘନ ଶଙ୍ଖଧ୍ୱନି ଆସୁଥାଏ । ମାଆବି ଶଙ୍ଖ ବଜାଇଲା । ମୁଁ କିଛି ବୁଝିନପାରି ମାଆ ଓ ବାପ ମୁହଁକୁ ଥରକୁଥର ଅନଉଥାଏ । ବାପ ମାଆକୁ କହିଲେ...

> 'ଶଙ୍ଖ ବଜାଅ, ବଜାରଶୁଳ ଲୁକକୁ ଶୁଭିବ। ଆମେ ପାଣି ଘେରରେ ଅଛୁ ବୋଲି ସେମାନେ ଜାଣିବେ, ଆଉ ନାଆ ପଠାଇବେ । ତେବେ ଯିବା ଆଗରୁ ଗଙ୍ଗାପୂଜା କରିକି ଯିବ । ମାଆ ଛାଡା ଆମର ଆଉ କିଏ ସାହାହେବ ?' ଗାଆଁରୁ ଘନଘନ ଶଙ୍ଖଧ୍ୱନି ଆସୁଥାଏ । ମାଆବି ଶଙ୍ଖ ବଜାଇଲା । ମୁଁ କିଛି ବୁଝିନପାରି ମାଆ ଓ ବାପ ମୁହଁକୁ ଥରକୁଥର ଅନଉଥାଏ ।

'ଶୀଘ୍ର ଦାନ୍ତଘଷି ଲୁଗାକାଚି ଗଙ୍ଗା ମାଆଙ୍କ ପୂଜାକର । ବଜାରଶୁଳ ଲୁକମାନେ ଶଙ୍ଖ ଶବଦ ଶୁଣିପାରୁଥିବେ । ନୌକା ଘିନିକି ଆଇବେ ।' ମାଆ ସେଇଆ କଲେ । ସେଇ ଦିନଠୁ 'ଗଙ୍ଗା ମାଆ' କିଏ ବୁଝିବାକୁ ଚେଷ୍ଟାକଲି ।

ସତକୁ ସତ କିଛି ସମୟପରେ ନାଆ ଆସିଲା। ମା ଓ ନାନି (ବଡ ଭଉଣୀ ) ବାହାରିଲେ। ମାଆ ମୋତେ କୋଳକୁ ନେବାକୁ ହାତ ବଢାଇଲେ । ମାତ୍ର, ମୁଁ ନାଆରେ କୁଆଡେ ଯିବିନି ବୋଲି ଯିଦ୍ ଧରିଲି । ସେ ମୋତେ ବୁଝାଇଲେଯେ ଆମେ ମାମୁଁ ଘରକୁ ଯିବା । ମୋର ଆଉ ଆପତ୍ତି କରିବାର ନଥିଲା । ମୁଁ କାଖ ହେଲି । ନାନୀ ଓ ମୋ ସହିତ ମାଆ ନାଆକୁ ଉଠିଲେ । ଦେଖିଲି ,ଗାଆଁର କେତେଜଣ ମାଇପଲୋକ ଓ ଛୁଆମାନେ ନୌକାରେ ବସିଛନ୍ତି ।

ତିନିଜଣ ପୁରୁଷଲୋକ ନୌକାର ସୁକାନ ଓ କାତ ଧରିଥାନ୍ତି । ଜଣେ ନାଆକୁ ଗଭୀର ଜଳକୁ ପେଲିଦେଲେ । ଜଣେ ନାଉରିଆ କହିଲେ....

' ଗଙ୍ଗାମାତାକୁ ଧ୍ୟାନକରି ହରିବୋଲ', 'ମାଆ ମଙ୍ଗଳାକୁ ଧ୍ୟାନକରି ହରିବୋଲ'..ସମସ୍ତେ ଜୋରରେ ସେଇଆ କହି ପ୍ରଣାମ କଲେ ।

♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

# ପାରା ଯେବେ ଯିବ ଉଡି, ବୃକ୍ଷ ପଡ଼ିବ ଉପୁଡ଼ି

## ପ୍ରଫେସର ପ୍ରମୋଦ କୁମାର ସାମଲ

ପିଣ୍ଡ ବ୍ରହ୍ମାଣ୍ଡବାଦୀ ସାଧୁ ସନ୍ଥମାନଙ୍କର ମୂଳ ଦର୍ଶନତତ୍ତ୍ୱ ହେଉଛି ଏହି ଅନନ୍ତ ଅପରିସୀମ ବିଶ୍ୱବ୍ରହ୍ମାଣ୍ଡ ଆମ ପିଣ୍ଡ ଭିତରେ ଅତି ସୂକ୍ଷତମ ଭାବରେ ରହିଛି । ସାନ୍ଧ୍ୟଭାଷାରେ ରହସ୍ୟବାଦୀ ଭାବଚେତନା ମଧ ଦେଇ ଏହି ପିଣ୍ଡବ୍ରହ୍ମାଣ୍ଡବାଦୀମାନେ ଯୋଗମାର୍ଗରେ ପ୍ରାଣବାୟୁ (ନିଃଶ୍ୱାସ-ପ୍ରଶ୍ୱାସ)କୁ ସଂହତ କରି ତାର ଗତିକୁ ଷଡଚକ୍ରଦେଇ ନିୟନ୍ତ୍ରଣ ପୂର୍ବକ ସହସ୍ରାର ଭିତରେ ସ୍ଥିର ରଖନ୍ତ, ଯାହା ଫଳରେ ସେମାନଙ୍କର ଆତ୍ମୋପଲବ୍ଧି ହୁଏ । ସାଧକ ନିଜର ଅନ୍ତର୍ଦୃଷ୍ଟି ଓ ବୋଧିଦୃଷ୍ଟି ବଳରେ ସେଠାରେ ପରମତ୍ମାକୁ ଜ୍ୟୋତି ରୂପରେ ଦେଖେ । ସଂସାର ଭବ-ବାଧାରୁ ସେ ନିଃଷ୍କୃତି ପାଇ ପରମ ବ୍ରହ୍ମାନନ୍ଦ ସୁଖର ଅଧିକାରୀ ହୁଏ। କିନ୍ତୁ ଏହି ସାଧନା ଆମ ତୁମ ଭଳି ସାଧାରଣ ସଂସାରୀ ଲୋକଙ୍କ ପକ୍ଷରେ ପାଳନ କରିବା ବଡ କଷ୍ଟପ୍ରଦ । ସେଥିପାଇଁ ସ୍ଥିର, ଅଚଞ୍ଚଳ, ଶୃଙ୍ଖଳିତ ସର୍ବୋପରି ସ୍ଥିତିଧୀ ମନ ଦରକାର ।

ଶରୀର ସୁସ୍ଥ ରହିଲେ ମନ ସୁସ୍ଥ ରହିବ । ମନ ସୁସ୍ଥ ରହିଲେ ଧ୍ୟାନ କରିବାରେ ଶୃଙ୍ଖଳା ରହିବ । ସାଧନାରେ ପର୍ଯ୍ୟାୟ କ୍ରମରେ ଶୃଙ୍ଖଳା ରହିଲେ ସହସ୍ରା ଦଳ-କମଳ-ଚକ୍ରରେ ଉଦୟ ଉତ୍ସବର ଅରୁଣିମା ଦେଖାଦେବ । ପରମାତ୍ମା ପୁରୁଷ ସେଠାରେ ଜ୍ୟୋତିରୂପେ ବିଭାସିବେ । ବୈଷ୍ଣବଧର୍ମୀ ପିଣ୍ଡବ୍ରହ୍ମାଣ୍ଡ ସିଦ୍ଧସାଧକମାନେ ବୃନ୍ଦାବନର ନିକୁଞ୍ଜକାନନରେ ରାଧାକୃଷ୍ଣଙ୍କ ରାସଲୀଳା ଅନୁଭବିବେ । ଯୋଗୀ ସାଧନା କ୍ଷେତ୍ରରେ ଏହି ଅବସ୍ଥା ପ୍ରାପ୍ତ ହେଲେ ସେ ନିଜ ଭିତରେ ବିଶ୍ୱବ୍ରହ୍ମାଣ୍ଡ ସହିତ ଏକାତ୍ମ ହୋଇ କରୁଣା, ଦୟା, କୃପାଭାବକୁ ଉପଲବ୍ଧି କରିବାକୁ ସକ୍ଷମ ହୋଇଥାଏ । ଏସବୁ ହେଉଛି ଶରୀର ତତ୍ତ୍ୱ ଯୋଗସାଧନାର ଭାବସଂପଦ ଭିତ୍ତି ଓ ଭୂତିର ଭିତରି ତତ୍ତ୍ୱର ରହସ୍ୟଭେଦ କଥା । ସ୍ୱାମୀ ବିବେକାନନ୍ଦ ଦେଶରେ ଏକ ସୁସ୍ଥ ସୁନ୍ଦର ସମାଜ ଗଠନ ଉଦ୍ଦେଶ୍ୟରେ କହିଥିଲେ 'ମୁଁ ଚାହେଁ ଏକ ସୁସ୍ଥ ସବଳ ଶରୀର ଭିତରେ ଏକ ନିର୍ମଳ ଉଜ୍ଜ୍ୱଳ ଉଦାର ମନ ଓ ପ୍ରେମ କରୁଣା ପରିପୂର୍ଣ୍ଣ ଏକ ସରସ ହୃଦୟ ।' କହିବା ବାହୁଲ୍ୟ ଯେ ଏହିପରି ଶରୀର ମନ, ହୃଦୟ-ନିର୍ମଳ ସ୍ୱଚ୍ଛ ଜଳାଶୟରେ ଆତ୍ମାରୂପୀ ପଦ୍ମ ସହସ୍ରପାଖୁଡ଼ା ମେଲାଇ ଫୁଟି ଉଠିବ । ଏକ ଅସୁସ୍ଥ, ରୁଗ୍ଣ, ଦରିଦ୍ରପ୍ରପୀଡିତ ଶରୀର କେଉଁ କାମକୁ ନୁହେଁ । ସେଥିପାଇଁ ଭାଗବତବାଣୀ କହେ-

ଅନ୍ନ ବିହୂନେ ହଂସହାନି
ଯୋଗ ସାଧିବି କାହାଘେନି ?

ସ୍ୱଚ୍ଛ ନିର୍ମଳ ଜଳରେ ଚନ୍ଦ୍ରର ପ୍ରତିଛବି ପ୍ରତିଭାତ ହେଲାପରି ସୁସ୍ଥ ଶରୀର ସାଧନାପାଇଁ ଉପଯୋଗୀ ।

ପଞ୍ଚସଖା ସିଦ୍ଧସାଧକ ବଳରାମଙ୍କ 'ଭାବସମୁଦ୍ର', ଅଚ୍ୟୁତାନନ୍ଦଙ୍କ 'ତତ୍ତ୍ୱବୋଧିନୀ', 'ଦଶପଟଳ ମାଳିକା', 'ଚବିଶପଟଳ' ଓ ଯଶୋବନ୍ତ ଦାସଙ୍କ 'ପ୍ରେମଭକ୍ତି ବ୍ରହ୍ମଗୀତା'ରେ ମଣିଷ ଦେହକୁ ବଡ ଦେଉଳ ରୂପେ ପରିକଳ୍ପନା କରାଯାଇ ସେହି ବଡଦେଉଳର ଦଧିନଉତି (ସହସ୍ରାର ସ୍ଥାନକୁ) ଶ୍ରୀ ଜଗନ୍ନାଥଙ୍କର ନିବାସସ୍ଥଳ ରୂପେ ନିର୍ଣ୍ଣୟ କରିଛନ୍ତି । ସାଧକ ଶୁଦ୍ଧପୂତ, ସ୍ଥିର, ଅଚଞ୍ଚଳ ମନଦେଇ ମହାମନ୍ତ୍ରର ଜପଦ୍ୱାରା ବ୍ରାହ୍ମଜ୍ୟୋତିକୁ ଜାଗରୁକ କରାଇପାରିଲେ ସେହି ବ୍ରହ୍ମନିରଞ୍ଜନ ପୁରୁଷ ଜଗନ୍ନାଥଙ୍କ ଦର୍ଶନ ଯାଇପାରିବ । ପଞ୍ଚସଖାଙ୍କ ମତରେ ନୀଳାଚଳର ଚତୁର୍ଦ୍ଧାମୂର୍ତ୍ତି ଶ୍ୱେତ, ପୀତ, ନୀଳ, ଲୋହିତ, କୁଙ୍କୁମ ବର୍ଣ୍ଣରେ ପଞ୍ଚ ପ୍ରତିମା । ପଞ୍ଚ ଜ୍ୟୋତି, ରମା କାମ ବୀଜର ସ୍ମରଣ, ଚିନ୍ତନ, ଧ୍ୟାନ, ଦ୍ୱାରା ଏହି ରହସ୍ୟର ଦ୍ୱାର ଉଦ୍‌ଘାଟିତ ହୋଇଥାଏ ।

ମାୟାରୂପୀ ଜଗନ୍ନାଥ ଜୀବର କାୟାରେ ଅବସ୍ଥାନ କରି ଛିଦ୍ର ସୃଷ୍ଟି କରାଇ ତାକୁ ବାୟା,ପାଗଳ କରାନ୍ତି । ଚକ୍ଷୁ, କର୍ଣ୍ଣ, ନାସିକ, ଚର୍ମ ଆଦି ଛିଦ୍ର ମାଧ୍ୟମରେ ଇନ୍ଦ୍ରିୟ ଭୋଗଲାଳସା ପୂର୍ଣ୍ଣ କରିବାକୁ ମନ ପାଗଳ ହୋଇଉଠେ । ସେହି ଛିଦ୍ର ମଧ ଦେଇ କାୟାର ସ୍ଥିତଧୀ ଶକ୍ତିର ବୀର୍ଯ୍ୟକ୍ଷରିତ ହୋଇଯାଏ । ସେଥିପାଇଁ ଶରୀର-ଘଟ କ୍ଷୟପ୍ରାପ୍ତ ହୋଇଥାଏ । ମାତ୍ର ଚିତ୍ତ ସଂଯମ, ଦୃଢ ମନୋବଳ ନେଇ କାୟାର ସୁରକ୍ଷା କରି ପାରିଲେ ଜୀବ ସେହି କାୟା ମାଧ୍ୟମରେ ପରଂବ୍ରହ୍ମ ଜଗନ୍ନାଥଙ୍କର ମାୟାବାରିଧିକୁ ପରିହୋଇଯାଏ । ପଞ୍ଚସଖା ଶରୀରତତ୍ତ୍ୱବାଦି ସାଧକମାନେ ଏହି ଦେହ-ଦେଉଳକୁ ତିନିଭାଗରେ ବିଭକ୍ତ କରିଛନ୍ତି । ନାଭିଠାରୁ ପାଦ ପର୍ଯ୍ୟନ୍ତ ସ୍ଥାନକୁ ସେମାନେ ପାତାଳପୁରୀର ନାମ ଦେଇ ତହିଁରେ ଶକ୍ତିଙ୍କର ଅବସ୍ଥାନ ଦର୍ଶାଇଥିବା ବେଳେ; କଟୀରୁ ହୃଦୟ ପର୍ଯ୍ୟନ୍ତ ଅଂଶକୁ ସେମାନେ ମର୍ତ୍ତ୍ୟ ବା ମଞ୍ଚରୂପେ ପରିକଳ୍ପା କରି ତହିଁରେ ଶିବଙ୍କର ଆସ୍ଥାନ ନିରୂପଣ କରିଛନ୍ତି । ପୁଣି କଣ୍ଠରୁ ଲଲାଟ ପର୍ଯ୍ୟନ୍ତ ଅଂଶକୁ ସ୍ୱର୍ଗରୂପେ ନିରୂପଣ କରି ତହିଁରେ କାଳ ରୂପୀ ଜଗନ୍ନାଥଙ୍କୁ, କୃଷ୍ଣଙ୍କୁ ଅବସ୍ଥାପିତ କରାଇଛନ୍ତି । ପୁଣି ଓଁ, ପ୍ଲାଂ, ଧ୍ଲାଂ, କ୍ଲାଂ, ଶ୍ଲାଂ,ହ୍ଲାଂ ରୂପୀ ବୀଜକ୍ଷରଗୁଡ଼ିକୁ ମେରୁଦଣ୍ଡ ମଧ୍ୟସ୍ଥ ସୁଷୁମ୍ନା ନାଡିର ବିଭିନ୍ନ ଗ୍ରନ୍ଥିରେ ସ୍ଥାପନକରି ସମଗ୍ର ଶରୀରକୁ ଅନାହତ- ନାଦର ଏକ ଅନନ୍ୟ ଅନୁଭୂତି ରସାଣିତ ଭାବ-ବାରିଧିରେ ଶୁଚିସ୍ନାତ କରାଇଛନ୍ତି । ଶରୀରତତ୍ତ୍ୱର ଏ ରହସ୍ୟ ସାଧିବା, ଭେଦିବା, ଅନୁଭବିବା ଏବଂ ଆଲୋଚନାର ଆଲୋକକୁ ଆଣିବା ଏତେ ସହଜ କଥା ନୁହେଁ ।

ଯୋଗାଧ୍ୟାୟୀମାନେ ଏ ଶରୀରରେ ବାସ୍ତରୀଟି ନାଡିଥିବାର ପ୍ରମାଣ ଦେଇଛନ୍ତି । ସେଥିମଧ୍ୟରୁ ତିନୋଟି ନାଡି ଯୋଗସାଧନାରେ ସାଧକ ପ୍ରତ୍ୟକ୍ଷ ଭାବରେ ପ୍ରୟୋଗ କରିଥାଏ । ତାହା ହେଉଛି ଇଅଁଳା,ପିଅଁଳ ଓ ସୁଷୁମ୍ନା । ମେରୁଦଣ୍ଡ ଭିତରେ ରହିଛି ସୁଷୁମ୍ନା ନାଡୀ ଏବଂ ତାହା ବାମ ଓ ଦକ୍ଷିଣ ଭାଗରେ ରହିଛି ଇଅଁଳା ଓ ପିଙ୍ଗଳା ନାଡୀ । ସୁଷୁମ୍ନା ନାଡୀରେ ପାୟୁ ଓ ଗୁହ୍ୟ ଦ୍ୱାରଠାରୁ ମସ୍ତିଷ୍କର କେନ୍ଦ୍ରସ୍ଥଳୀ ସହସ୍ରା ପର୍ଯ୍ୟନ୍ତ ରହିଛି ଛଅଟି ଚକ୍ର । ସେଗୁଡିକ ହେଲା ଗୁହ୍ୟଚକ୍ର, କୁଣ୍ଡଳିନୀ, ନାଭିଚକ୍ର, ହୃଦ-ଚକ୍ର, କଣ୍ଠ-ଚକ୍ର, ସହସ୍ରାଚକ୍ର । ଯୋଗୀ ବା ସାଧକ ପଦ୍ମାସନରେ ଅବସ୍ଥାପନ ପୂର୍ବକ ଶ୍ୱାସବାୟୁକୁ ପ୍ରାଣାୟମ ଦ୍ୱାରା ପ୍ରଥମେ ସୁଷୁମ୍ନା ନାଡିରେ ପ୍ରବେଶ କରାଇ ମୂଳ କୁଣ୍ଡଳିନୀ ଚକ୍ର ଓ ତାପରେ ଲଲାଟ ଚକ୍ରକୁ ଭେଦକରି ମସ୍ତକସ୍ଥିତ ସଂସାର ଚକ୍ରରେ ପ୍ରବେଶ କରାଏ । ଏହି ସମୟରେ ସାଧକର ବୋଧିଦୃଷ୍ଟି ଖୋଲିଯାଏ । ତାର ଆଧାତ୍ମିକ ଆତ୍ମଶୁଦ୍ଧି ଆସିଯାଏ । ଯାହା ଫଳରେ ସେ ପରମ ପୁରୁଷଙ୍କୁ ଜ୍ୟୋତିରୂପରେ ଦର୍ଶନ କରେ । ବୈଷ୍ଣବ ପିଣ୍ଡ ବ୍ରାହ୍ମଣ୍ଡବାଦୀ ଯୋଗୀ ସେଠାରେ ନିତ୍ୟ ରାଧାକୃଷ୍ଣଙ୍କର ରାସଲୀଳା ଉପଲବ୍ଧି କରେ । ମହୀମଣ୍ଡଳ ଗୀତାର ପରମ ବୈଷ୍ଣବ କବି ସାଧୁସନ୍ଥ ଅରକ୍ଷିତ ଦାସଙ୍କ ବ୍ରାହ୍ମଜ୍ଞାନ ଶରୀରଭେଦ ଭଜନରେ ସେହି ତତ୍ତ୍ୱର ତରିକା ସୁନ୍ଦର ଭାବରେ ପ୍ରକଟିତ ହୋଇଛି ।

ତୁ ପରା ବଲ୍ଲଭ ଲଗାଇଛୁ ଭାବ
ଭାବ ଥିଲେ ଅଛି ଲାଭ
ନିତ୍ୟ ବୃନ୍ଦାବନ ନିକୁଞ୍ଜ କାନନେ
ଦିନେ ଭେଟାଭେଟି ହେବରେ ମିତଣୀ
ଦାରୁଣ ଦଇବ...
ଦିନେ ଯୁଗଳଲୀଳା ଭାଙ୍ଗିବରେ..

ଶୂନ୍ୟବାଦୀମାନେ ସାଧନାର ଏହି ଶୀର୍ଷରେ ଉପନୀତ ହେଲେ ନିର୍ବାଣର ଅମୃତୋପମ ଆନନ୍ଦ ଉପଲବ୍ଧି କରିଥାନ୍ତି । ଅଦ୍ୱୈତବାଦୀମାନେ ସେଠାରେ ପରମାତ୍ମାଙ୍କ ସହ ଏକାତ୍ମ ହୋଇ ବ୍ରହ୍ମାନନ୍ଦ ରସାସ୍ୱାଦନ କରିଥାନ୍ତି । ଏହି ତୁରୀୟା ଅବସ୍ଥା ପ୍ରାପ୍ତ ହେଲେ ଯୋଗୀର ଚିତ୍ତ ବିଶ୍ୱତୋମୁଖୀ ହୋଇ ସ୍ନେହ, ପ୍ରେମ, କରୁଣା, ଦୟା, ଇତ୍ୟାଦି ସମାଜରେ ପୂଜିତ, ବନ୍ଦିତ, ଅଭିନନ୍ଦିତ ହୋଇଥାଏ । ପିଣ୍ଡବ୍ରାହ୍ମଣ୍ଡବାଦୀ ସାଧୁସନ୍ଥମାନେ ଲଲାଟ ଉପରିସ୍ଥ ଏହି ସହସ୍ରାଦଳ ପଦ୍ମଚକ୍ରକୁ ଭ୍ରମର ଗୁମ୍ଫା, ତ୍ରିକୂଟସନ୍ଧି, କାଉଁରୀମଣ୍ଡଳ, ଅନାମପାଟଣାହାଟ, ଶ୍ରୀହରି ପଟଣା, ଗୋଲାହାଟ, ଗହଳମାଣ୍ଡିଆ କିଆରୀ ବୋଲି ଅଭିହିତ କରିଛନ୍ତି ।

ଆମର ବିଷୟାସକ୍ତ ମନ ସ୍ଥିର ସ୍ଥିତିପ୍ରଜ୍ଞ ନୁହେଁ । ସବୁବେଳେ ସେ ଚଞ୍ଚଳ ଓ ଚପଳ । କାମନା ବାସନାରେ ସେ ପ୍ରମତ୍ତ ପାଗଳ । ଏଥିପାଇଁ ଅହଙ୍କାର ଓ ଅହେତୁକ ଆଶା ତାକୁ ଅଧୀର କରାଉଛି । ତାର କା' ପ୍ରତି ବିଶ୍ୱାସ ନାହିଁ । ତା ପ୍ରତି ମଧ ଅନ୍ୟ କାହାର ବିଶ୍ୱାସ ନାହିଁ । ସବୁଥିରେ ନାହିଁ ନାହିଁର ସଂସାରର ସେ ସଂସାରୀ । ଆତ୍ମୀୟତା, ଅନାବିଳ ଭାବସତ୍ତା ପବିତ୍ରତା ମଣିଷ ପ୍ରକୃତିରେ ଦିନକୁଦିନ ଅପହ୍ରାସ ଘଟୁଛି । ଆନ୍ତରିକତା ଅପେକ୍ଷା ଅଭିନୟ ତା'ଠାରେ ଅଧିକ । ତେଣୁ ନିର୍ମଳ ଆନନ୍ଦର ସ୍ୱାଦ ସେ ସଂସାରରେ ପାଇବ କାହୁଁ ? ତା ଅନ୍ତର ଭିତରେ ସତ୍ୟ, ଶିବ, ସୁନ୍ଦରର ପରମାତ୍ମା ବିରାଜୁଛନ୍ତି । ଗଙ୍ଗାକୂଳେ ରହି ସେ ନିତି ନଈ ପୋଖରୀରେ ଗାଧୋଉଛି । ନର ଦେହର ହୀନମୂର୍ତ୍ତିକାରେ ନାରାୟଣ ଜୀବନ-ରସର ସ୍ରୋତସ୍ୱିନୀ ପ୍ରବାହିତ ହେଉଛି । ମଣିଷର ଅଜ୍ଞତା, ଅହମିକାଗୁଣ ଯୋଗୁ ସେ ଅନାଦି ପୁରୁଷଙ୍କୁ ଚିହ୍ନି ପାରୁନି । ସାଂସାରିକ ଆନନ୍ଦ, ସୁଖ, ମୋହରେ ବୁଡିଥିବା ମଣିଷ- ସଚ୍ଚିଦାନନ୍ଦଙ୍କୁ ଚିହ୍ନିବାକୁ ଅଚ୍ୟୁତାନନ୍ଦ ଚେତେଇ ଦେଇଛନ୍ତି ।

ଅଚ୍ୟୁତାନନ୍ଦ ତାଙ୍କର ଅନେକ ଭଜନରେ ଜାଗତିକ ବିଷୟବାସନାସିକ୍ତ ମଣିଷକୁ ସାଧନାର ସଙ୍କେତ ଦେଇ ସଚେତନ କରାଇଛନ୍ତି । 'ରେ ପାଗଳ, ବାଇଆମନ ! ତୁ ସର୍ବଦା ଚଞ୍ଚଳ, ଚପଳ ହୋଇ ମୃଗର ନାଭିରେ କସ୍ତୁରୀ ଥାଇ ମୃଗ ଅରଣ୍ୟ ସାରା ବୁଲିଲା ପରି ଭ୍ରମରେ ଭ୍ରମି ମରୁଛୁ । ଏ ପିଣ୍ଡ ଭିତରେ ବ୍ରାହ୍ମାଣ୍ଡ, ଦେହ-ଦେଉଳରେ ଅଦେହି ଅନାଦି ପରଂବହ୍ମ ନିରଞ୍ଜନ ପୁରୁଷ ଅଛନ୍ତି । ଆରେ ବାଇଆମନ! ନିର୍ଜନ, ନିରୋଳାରେ ସୁସ୍ଥ ମନ, ସ୍ଥିତିଧୀ-ହୃଦୟ ନେଇ ଧ୍ୟାନରେ ବସି ଜ୍ଞାନର ପ୍ରଜ୍ଞାନ ଜ୍ୟୋତିବ୍ରହ୍ମଙ୍କୁ ଭେଟିବାକୁ ପ୍ରଚେଷ୍ଟା ଜାରିରଖି। ଧ୍ୟାନସ୍ଥ ହେଲାବେଳେ ପ୍ରଶ୍ୱାସବାୟୁ ଯେତେବେଳେ ହୃଦ ଭିତରକୁ ନେଉଛୁ ଟିକେ କାନଡେରି ଶୁଣୁ! ତା ଭିତରେ "ହଂ" ଧ୍ୱନି ଶୁଭୁଛି, ଯେତେବେଳେ ତୁ ନିଃଶ୍ୱାସ ଛାଡୁଛୁ ତାହା "ସଃ" ଧ୍ୱନି କରୁଛି, ଆପଣାଛାଏଁ ତୋର ଶ୍ୱାସପ୍ରଶ୍ୱାସରେ "ହଂସ" ଧ୍ୱନି ହେଉଛି, ହଂସ ଶବ୍ଦର ଅର୍ଥ ହେଲା- ଅହଂସଃ । ମାନେ ମୁଁ ହେଉଛି ସେହି । ଅର୍ଥାତ୍ ମୁହିଁ ସେହି ପରମାତ୍ମା । ସନ୍ଥ ସାଧୁ ପୁରୁଷ ସେଥିପାଇଁ କହିଛନ୍ତି-

ଯାଉଛି ଆସୁଛି ବାରଣ ନୋହୁଛି
ତାକୁ ମନ ଦିନେ ଚିହ୍ନିଲୁ ନାହିଁ ।

ହଂସ ଶବ୍ଦର ପାରିଭାଷିକ ଅର୍ଥହେଲା ଗତି । ଏହି ଗତି ହେଉଛି ସଦ୍‌ଗତି ବା ଉର୍ଦ୍ଧ୍ୱଗତି । ହଂସ ଶବ୍ଦର ଅନ୍ୟ ଏକ ଅର୍ଥହେଲା ଅନ୍ୱେଷଣ । ପରମ ସତୀ, ତତ୍ତ୍ୱ, ଆନନ୍ଦ, ଜ୍ଞାନକୁ ଖୋଜିବା ହେଲା ସାଧୁ ଓ ସାଧକର ଧର୍ମ ଓ କର୍ମ । ନିଜକୁ ସହଜ, ସରଳ, ସ୍ୱଚ୍ଛ, ନିର୍ମଳ କରି ଗଢି ତୋଳିବା ଓ ଆଧାତ୍ମିକ ମାର୍ଗର ଅନୁବର୍ତ୍ତୀ ସାଜିବାରେ ଜୀବନର ସାର୍ଥକତା, ଗତି, ମୁକ୍ତିର ମାର୍ଗ ଉନ୍ମୋଚିତ ହେବ । ଏ ପବନର ଲୀଳାଖେଳାକୁ ନିୟନ୍ତ୍ରଣ କରି ଜଗତରେ ଜୀବନକୁ ସୁସ୍ଥ, ସୁନ୍ଦର, ଶାନ୍ତ, କାନ୍ତ, କମନୀୟ କରିବାକୁ ସନ୍ଥକବି ଅଚ୍ୟୁତାନନ୍ଦ କହିଛନ୍ତି-

ବାଇମନରେ ! ବସି ହଂସକୁ ଖେଳା
ହଂସ ଉଡ଼ିଗଲେ ବୁଡ଼ିବ ଭେଳା ।

ଏ ଦେହ ମଧ ଏକ ଓଲଟ ବୃକ୍ଷ । ଏ ବୃକ୍ଷ ଉପରେ ପରମ ପାରା ଲୋଟଣୀ ଭାଙ୍ଗି ଉଡୁଛି । ଫଳ, ଫୁଲ କିଛି ଖାଉନି । ଏ ପାରା ଅମରା । ସେ ପୁରୁଷ, ସେ ପୁଣି ସ୍ତ୍ରୀ । ସେ ପୁଣି ପୁରୁଷ ନୁହେଁ କି ସ୍ତ୍ରୀ ମଧ ନୁହେଁ । ଡେଣା ନଥିଲେ ମଧ ଲକ୍ଷେ ଯୋଜନ ତାର ଗତି । ଏ ପାରା ଜୀବନର ଧାରା ଓ ଧରା । ବୃକ୍ଷ ଉପରେ ଏ ବସିଛି, ଖେଳୁଛି, ଉଡୁଛି । ପାରା ଉଡିଗଲେ ବୃକ୍ଷ ଉପୁଡି ପଡିବ । ନିଃଶ୍ୱାସ, ପ୍ରଶ୍ୱାସ, ପ୍ରକର୍ମ, ପ୍ରାଣାୟମ, ଯୋଗୀର ଯୋଗ ସାଧନାର କଥା । ଶରୀର ଭେଦ ଭଜନ ଭିତରେ ଏ ରହସ୍ୟବାଦୀ ଚେତନା ଶୁଣିବାକୁ କୌତୁକପ୍ରଦ ମାତ୍ର ବୁଝିବାକୁ କଷ୍ଟପ୍ରଦ । ହଂସ, ପାରା, ମୂଷା, ଗାଈ ଇତ୍ୟାଦି ଭଜନ ସାହିତ୍ୟରେ ପ୍ରାୟୋଗିକ ଶବ୍ଦସବୁ ପ୍ରତୀକ ଭାବରେ ପ୍ରତୀତ । ଯାହାର ଲୌକିକ ଅର୍ଥ ଧରାପଡୁଥିବା ବେଳେ ଅଲୌକିକ ଅର୍ଥ ଖୋଜିଲେ ଧନ୍ଦି ହେବାକୁ ପଡେ । ଉକ୍ତ ସାଧୁ ରାଧୁ ଦାସ ସେହି ରହସ୍ୟବାଦୀ ଚେତନାକୁ ପ୍ରକାଶିବାକୁ ଯାଇ କହନ୍ତି -

ଓଲଟ ବୃକ୍ଷେ ଖେଳୁଛି ଲୋଟଣୀ ପାରା
ଅଠା କାଠି ପଞ୍ଜୁରୀରେ ନ ପଡେ ଧରା ।
+ + + + + + + +
ପାରା ଯେବେ ଯିବ ଉଡି
ବୃକ୍ଷ ପଡିବ ଉପୁଡି
ଦାସ ରାଧୁ ବୋଲେ
ଭଜ ଦୁଃଖ ପାଶୋରା।

♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଯାଜପୁର-୭୫୪୨୦୪

# ‘ସମ୍ବିଧାନ ବଞ୍ଚାଅ - ଗଣତନ୍ତ୍ର ବଞ୍ଚାଅ’ ସମ୍ପର୍କିତ ଆଲୋଚନା ଚକ୍ର ଅନୁଷ୍ଠିତ




ଭଦ୍ରକ, ୧୪/୧୦ (ନି.ପ୍ର): ସମ୍ବିଧାନ ହେଉଛି ଗଣତନ୍ତ୍ରର ଆତ୍ମା ଏବଂ ଦେଶର ୧୪୦ କୋଟି ଜନତାଙ୍କର ଜୀବନ ହେଉଛି ଗଣତନ୍ତ୍ର। ମାତ୍ର ବର୍ତ୍ତମାନ କେନ୍ଦ୍ରରେ ଅଧିଷ୍ଠିତ ଥିବା ସରକାର ସମ୍ବିଧାନକୁ ହେୟ ମନେ କରି ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରୁଛନ୍ତି। ସମ୍ବିଧାନର ମୌଳିକ ଢାଞ୍ଚାକୁ ପରିବର୍ତ୍ତନ କରି ସମାଜବାଦ୍ ଏବଂ ଧର୍ମନିରପେକ୍ଷ ଶବ୍ଦମାନଙ୍କୁ ଉଚ୍ଛେଦ କରିବା ନାରା ଦେଶ ପାଇଁ ବିପଦକୁ ଡାକି ଆଣିଛି। ସାମ୍ବିଧାନିକ ବ୍ୟବସ୍ଥାରେ ନ୍ୟାୟପାଳିକା, ସି.ବି.ଆଇ, ନିର୍ବାଚନ କମିଶନ ଆଦି ସଂସ୍ଥାର କାର୍ଯ୍ୟାବଳୀ ଉପରେ ହସ୍ତକ୍ଷେପ କରି ଜନଗଣଙ୍କର ଜୀବନ ପ୍ରତି କେନ୍ଦ୍ର ସରକାର ବିପଦ ସୃଷ୍ଟି କରିବା ସଂଗେସଂଗେ ସମ୍ବିଧାନର ମୌଳିକତା ବିରୋଧରେ କାର୍ଯ୍ୟ କରୁଛନ୍ତି ବୋଲି ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ତଥା ଅଲ ଇଣ୍ଡିଆ ଲୟର୍ସ ୟୁନିୟନର ଜାତୀୟ ଉପସଭାପତି ଲକ୍ଷ୍ମୀଧର ପଙ୍ଗାରୀ ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇ କହିଛନ୍ତି। ଆଜି ଭଦ୍ରକଠାରେ ଜିଲ୍ଲା ସଂସ୍କୃତି ଭବନରେ ‘ସମ୍ବିଧାନ ସୁରକ୍ଷା ଅଭିଯାନ’ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ‘ସମ୍ବିଧାନ ବଞ୍ଚାଅ - ଗଣତନ୍ତ୍ର ବଞ୍ଚାଅ’ ଆଲୋଚନା ଚକ୍ରରେ ଆଇନଜୀବୀ ଅଗଣି ଚରଣ ଜେନା ପୌରୋହିତ୍ୟ କରିଥିଲେ। ଅନ୍ୟତମ ଆଲୋଚକ ଭାବେ ବିଶିଷ୍ଟ ସ୍ତମ୍ଭକାର ଅଧାପକ ଗୋପବନ୍ଧୁ, ବରିଷ୍ଠ ଅଧିବକ୍ତା ଗିରିଧାରୀ ନାଥ ଯୋଗ ଦେଇ ସମ୍ବିଧାନର ବୈଶିଷ୍ଟ୍ୟ, ସମ୍ବିଧାନ ପ୍ରଣେତା ବାବାସାହେବ ଆମ୍ବେଦକରଙ୍କ ଗଣତାନ୍ତ୍ରିକ ବିଚାରଧାରା ଏବଂ ସେ ଅଧିକାରରୁ ଜନଗଣଙ୍କୁ ବଞ୍ଚିତ କରି ମନୁବାଦୀ ଶାସନ ପ୍ରତିଷ୍ଠା କରିବାକୁ କେନ୍ଦ୍ର ସରକାର ଯୋଜନା କରି ସମ୍ବିଧାନର ମୌଳିକ ଢାଞ୍ଚାକୁ ପରିବର୍ତ୍ତନ କରିବା ପାଇଁ ଯେଉଁ ଅପଚେଷ୍ଟା କରୁଛନ୍ତି ତାହାକୁ ଦେଶବାସୀ ବିରୋଧ କରିବା ଦରକାର। ଦେଶବାସୀ ସମ୍ବିଧାନ ପ୍ରତି ସଚେତନ ହେବା ଦରକାର ବୋଲି ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଭ୍ୟ ବଳରାମ ମଲିକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିଲେ ଅଧାପକ ଲଲାଟେନ୍ଦୁ ମଲିକ। ଧନ୍ୟବାଦ ଦେଇଥିଲେ ମନୋଜ ଜେନା। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ବିଚିତ୍ରାନନ୍ଦ ଜେନା, ଅକ୍ଷୟ କୁମାର ମଲିକ, ବିନୋଦ ସାହୁ, ବିକାଶ ନାଥ, ବିଶ୍ୱନାଥ ଜେନା, ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ।

# ଓଡିଶା ପୋଲିସ୍ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ




ପାରାଦୀପ, ୧୪/୧୦ (ନି.ପ୍ର): ଓଡିଶା ପୋଲିସ୍ ଏବଂ ଜଗତସିଂହପୁର ଜିଲ୍ଲା ପୋଲିସ୍ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ-୨୦୨୩ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ପାରାଦୀପ ଆଦର୍ଶ ଥାନା ନିକଟରେ ଶନିବାର ଦିନ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପାରାଦୀପ ଡିଏସପି ସନ୍ତୋଷ ଜେନା ଯୋଗ ଦେଇ ଉପସ୍ଥିତ ଜନସାଧାରଣଙ୍କୁ ସାଇବର ଠକେଇ ଠାରୁ ଦୂରତା ଅବଲମ୍ବନ କରିବାକୁ ନିବେଦନ କରିଥିଲେ। ମୋବାଇଲ୍ ଓ ଇଣ୍ଟରନେଟ୍ ବ୍ୟବହାର କରିବା ସମୟରେ ସଂଯମତା ରଖିବାକୁ ଶ୍ରୀ ଜେନା ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପାରାଦୀପ ଆଦର୍ଶ ଥାନା ଅଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ ପରିଚାଳନା କରିଥିଲେ। ଏହି ଅବସରରେ ଏକ ସଚେତନତା ମୂଳକ କ୍ଷୁଦ୍ର ନାଟକ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମରେ ପାରାଦୀପ ଅଂଚଳର ବହୁ ସ୍ୱେଚ୍ଛାସେବୀ ସଙ୍ଗଠନ ସମେତ ଜନସାଧାରଣ ଉପସ୍ଥିତ ଥିଲେ।

# ୧୭ ରୁ ଭଞ୍ଜକଳା ମଣ୍ଡପରେ ସପ୍ତ-ରୂପମ୍ ୭ଦିନ ବ୍ୟାପୀ ନାଟକ ଉତ୍ସବ

ଭୁବନେଶ୍ୱର, ୧୪/୧୦ (ନି.ପ୍ର): ଭୁବନେଶ୍ୱରର ଅଗ୍ରଣୀ ନାଟ୍ୟାନୁଷ୍ଠାନ ନବୀନ ବର୍ଣ୍ଣାଳୀ ଥିଏଟର ପ୍ରଥମଥର ପାଇଁ ନାଟକ ଉତ୍ସବ ‘ସପ୍ତରୂପମ୍’ ଜରିଆରେ ଦର୍ଶକମାନଙ୍କୁ ଭଞ୍ଜକଳା ମଣ୍ଡପଠାରେ ୧୭ ରୁ ୨୩ ଅକ୍ଟୋବର ମଧ୍ୟରେ ୭ଟି ନାଟକ ପ୍ରତ୍ୟହ ସନ୍ଧ୍ୟା ଘ.୭.୩୦ମିନିଟ୍‌ରେ ଭେଟିଦେବାକୁ ଯାଉଛି। ପ୍ରଥମ ସନ୍ଧ୍ୟା ୧୭ ଅକ୍ଟୋବରରେ ନବୀନ ବର୍ଣ୍ଣାଳୀ ଥିଏଟର, ଭୁବନେଶ୍ୱର ନାଟକ ‘ଭିନ୍ନ ଏକ ଗଳ୍ପ’ ପରିବେଷଣ କରିବ। ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ରଚିତ ନାଟକକୁ ନିର୍ଦ୍ଦେଶନା ଦେଇଛନ୍ତି ନବୀନ କୁମାର ପରିଡ଼ା। ଦ୍ୱିତୀୟ ସନ୍ଧ୍ୟା ୧୮ ଅକ୍ଟୋବରରେ ଲାବଣ୍ୟ ଥିଏଟର, ଭୁବନେଶ୍ୱର ପରିବେଷଣ କରିବେ ନାଟକ ‘ଭିନ୍ନ ଏକ ରାଜପୁତ୍ର’, ଡକ୍ଟର ନାରାୟଣ ସାହୁଙ୍କ ଦ୍ୱାରା ରଚିତ ନାଟକକୁ ନିର୍ଦ୍ଦେଶନା ଦେଇଛନ୍ତି ସତ୍ୟଜେନା (ଟୁନୁ)। ତୃତୀୟ ସନ୍ଧ୍ୟା ୧୯, ଅକ୍ଟୋବରରେ ବିଦ୍ୟା କନକ ସୃଜନାନୁଷ୍ଠାନ, ଭୁବନେଶ୍ୱର ଦିଲ୍ଲୀପ ବଳବନ୍ତ ରାୟଙ୍କ ଦ୍ୱାରା ରଚିତ ଜଗଦୀଶ ପ୍ରସାଦ ମହାରଣାଙ୍କ ଦ୍ୱାରା ନିର୍ଦ୍ଦେଶିତ ନାଟକ ‘ଏଇ ବୋଧେ ପ୍ରେମ’ ପରିବେଷଣ କରିବେ। ଚତୁର୍ଥ ସନ୍ଧ୍ୟା ୨୦ ଅକ୍ଟୋବରରେ ଡାଇନାମିକ୍ ପ୍ଲାଟ୍‌ଫର୍ମ, ଭୁବନେଶ୍ୱର ପରିବେଷଣ କରିବେ ନାଟକ ‘ଶୁଣ ସୃଜନେ’, ବିଶ୍ୱଜିତ୍ ଦାସଙ୍କ ଦ୍ୱାରା ରଚିତ ନାଟକକୁ ନିର୍ଦ୍ଦେଶନା ଦେଇଛନ୍ତି ଦେବବ୍ରତ ପଟ୍ଟନାୟକ। ପଞ୍ଚମସନ୍ଧ୍ୟା ଅକ୍ଟୋବର ୨୧ ତାରିଖରେ ସାଇ ବିଦ୍ୟାଧର ଚାରିଟେବୁଲ୍ ଟ୍ରଷ୍ଟ, ଭୁବନେଶ୍ୱର ଦିଲ୍ଲୀପ ବଳବନ୍ତ ରାୟଙ୍କ ଦ୍ୱାରା ରଚିତ ଓ ନିର୍ଦ୍ଦେଶିତ ନାଟକ ‘ଆମ ଘର କଥା’ ପରିବେଷଣ କରିବେ। ଷଷ୍ଠ ସନ୍ଧ୍ୟା ୨୨ ଅକ୍ଟୋବରରେ ନବୀନ କୁମାର ପରିଡ଼ାଙ୍କ ଦ୍ୱାରା ରଚିତ ଓ ଭକ୍ତି ରଂଜନ ଦାସଙ୍କ ଦ୍ୱାରା ନିର୍ଦ୍ଦେଶିତ, ବର୍ଣ୍ଣାଳୀ ଥିଏଟର ଭୁବନେଶ୍ୱର ଦ୍ୱାରା ପରିବେଷିତ ନାଟକ ‘ବାଇ ଚଢେଇର ଡେଣା’ ପରିବେଷଣ କରାଯିବ।

## ଯାତ୍ରୀଙ୍କୁ ମାଡ ମାରି ୧୦ ଟୋଲ କର୍ମଚାରୀ ଗିରଫ

ହରିଦ୍ୱାର, ୧୪/୧୦ (ନି.ପ୍ର): ବହାଦରାବାଦ ନିକଟରେ ଟୋଲ ପ୍ଲାଜାରେ ନିୟୋଜିତ ଟୋଲ କର୍ମଚାରୀ ଯାତ୍ରୀଙ୍କୁ ମାରପିଟ ଓ ଗାଳିଗୁଲଜ କରିବା ଘଟଣାରେ ପୋଲିସ ୧୦ଜଣଙ୍କୁ ଗିରଫ କରିଛି। ସେହିପରି ପୀଡିତଙ୍କ ଠାରୁ ଟୋଲ କର୍ମଚାରୀମାନେ ଛଡାଇ ନେଇଥିବା ମୋବାଇଲକୁ ଜବତ କରିଛି ପୋଲିସ। ଉତ୍ତରପ୍ରଦେଶ ମେରଠ ପରତାପୁର ନିବାସୀ ଜଶୱନ୍ତ ସିଂଙ୍କୁ ଟୋଲ କର୍ମଚାରୀମାନେ ମାରପିଟ କରିଥିବା ନେଇ ସେ ଥାନାରେ ମାମଲା ରୁଜୁ କରିଥିଲେ। ଅକ୍ଟୋବର ୧୨ ତାରିଖରେ ସେ ହରିଦ୍ୱାରରୁ ମେରଠ ଯାଉଥିବା ସମୟରେ ଶାନ୍ତଶାହରେ ଥିବା ଟୋଲ ପ୍ଲାଜା କର୍ମଚାରୀ ତାଙ୍କୁ ୨ଶହ ଟଙ୍କା ମାଗିଥିଲେ। ଏହାପରେ ସେ ଟୋଲ ଟ୍ୟାକ୍ସ ଦେଇ ରସିଦ ନେଇଥିଲେ। ଏବଂ କିଛି ଦୂର ଯିବା ପରେ ଏହି ରସିଦ ନକଲି ଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ଟୋଲ କର୍ମଚାରୀଙ୍କୁ କହିବା ପରେ ସେଠାରେ ଥିବା ୧୦ରୁ ୧୨ଜଣ ଲୋକ ତାଙ୍କୁ ଆକ୍ରମଣ କରିଥିଲେ। ଗାଡି ଭଙ୍ଗାରୁଜା କରିବା ସହ ତାଙ୍କ ମୋବାଇଲ୍ ଛଡାଇ ନେଇଥିଲେ। ତାଙ୍କ ପତ୍ନୀ ଓ ଝିଅକୁ ମଧ୍ୟ ମାରିଥିଲେ। ଅଭିଯୋଗ ପରେ ପୋଲିସ ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ୧୦ଜଣଙ୍କୁ ଗିରଫ କରିଛି।

# ଦେବକୁଣ୍ଡ ଏକ ଦୃଷ୍ଟିକୋଣ ଅନୁଷ୍ଠାନର ସାମ୍ବାଦିକ ସମ୍ମିଳନୀ: ଦେବକୁଣ୍ଡ ଶକ୍ତିପୀଠର ବିକାଶ ଦାବି



ବାରିପଦା, ୧୪/୧୦ (ନି.ପ୍ର): ମୟୂରଭଞ୍ଜର ଅଧିଷ୍ଠାତ୍ରୀ ଦେବୀ ମାଆ ଆମ୍ବିକାଙ୍କ ମୂଳ ଶକ୍ତିପୀଠ ଦେବକୁଣ୍ଡ ବା ପଞ୍ଚ ସାଗର ତୀର୍ଥର ବିକାଶ ପାଇଁ ଆଜି ବାରିପଦା ରୋଟାରୀ କ୍ଲବ ଠାରେ ଦେବକୁଣ୍ଡ ଏକ ଦୃଷ୍ଟିକୋଣ ଅନୁଷ୍ଠାନ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଦାବୀ କରାଯାଇଛି। ଦେବକୁଣ୍ଡ ଓଡିଶାର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଭାବରେ ମଧ୍ୟ ବେଶ ଜଣାଶୁଣା ହୋଇଥିବାରୁ ଗତ କିଛିବର୍ଷ ଧରି ଲଗାତର ଭାବରେ ରାଜ୍ୟ ସରକାର ଦେବକୁଣ୍ଡର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ଲାଗି ଏକାଧିକ ଯୋଜନା କରି ଆସୁଛନ୍ତି। ଯାହା ଫଳରେ ଆଜି ଦେବକୁଣ୍ଡ ଏକ ନୂତନ ରୂପ ପାଇଛି। ଗତ ୧୦ବର୍ଷ ରେ ପର୍ଯ୍ୟଟନ ସ୍ଥଳୀ ଭାବରେ ଦେବକୁଣ୍ଡରେ ଅନେକ ଉନ୍ନତୀ ହୋଇଥିଲେ ମଧ୍ୟ ଶକ୍ତିପୀଠ ର ସେଭଳି ଉନ୍ନତି ହୋଇ ନପାରିବାରୁ ଭକ୍ତ ଏବ ଶ୍ରଦ୍ଧାଳୁ ମାନେ ବହୁ ସମସ୍ୟାରେ ପଡୁଛନ୍ତି। ଏହାକୁ କେବଳ ଏକ ପର୍ଯ୍ୟଟନ ସ୍ଥଳୀ ଭାବରେ ବିକାଶ କରିବାକୁ ସରକାର ଯୋଜନା କରିଥିବା ବେଳେ, ଏହି ପୌରାଣିକ କିମ୍ବଦନ୍ତୀ ଜଡିତ ଶକ୍ତି ପୀଠ ଏବଂ ପାଞ୍ଚ ଟି କୁଣ୍ଡର ଉନ୍ନତି କରଣ ହେଲେ ଯାଇ ଏହି ପୀଠର ବାସ୍ତବ ଉନ୍ନତିକରଣ ହୋଇପାରିବ ବୋଲି ଅନୁଷ୍ଠାନର ଆବାହକ ଉତ୍ତମ କୁମାର ବେହେରା, ଦଳିତ ଆଦିବାସୀ ମହା ସଙ୍ଘର ସଭାପତି ରାକେଶ ସିଂ ପ୍ରମୁଖ କହିଛନ୍ତି।

# ଶାନ୍ତିକାନନରେ ଅକ୍ଷୟ ମହାନ୍ତିଙ୍କ ଜନ୍ମୋତ୍ସବ ପାଳନ



ବାଲେଶ୍ୱର, ୧୪/୧୦ (ନି.ପ୍ର): ଚିରସବୁଜ ସଙ୍ଗୀତଜ୍ଞ ଅକ୍ଷୟ ମହାନ୍ତି ସଙ୍ଗୀତର ଯେଉଁ ଅକ୍ଷୟ ଧାରା ସୃଷ୍ଟି କରିଯାଇଛନ୍ତି ତାହା କାଳକାଳକୁ ସ୍ମରଣୀୟ ହୋଇ ରହିବ ବୋଲି ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଶାନ୍ତିକାନନରେ ଆୟୋଜିତ ଅକ୍ଷୟ ମହାନ୍ତିଙ୍କ ଜନ୍ମୋତ୍ସବ ପାଳନ ଅବସରରେ ବକ୍ତାମାନେ ମତ ପ୍ରକାଶ କରିଥିଲେ। ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଙ୍ଗୀତ ସନ୍ଧ୍ୟାରେ ସ୍ୱନାମଧନ୍ୟ ଗୀତିକାର ପୂର୍ଣ୍ଣେନ୍ଦୁ ଦାସ ମହାପାତ୍ର ଅତିଥି ଭାବେ ଯୋଗ ଦେଇ ଅକ୍ଷୟ ମହାନ୍ତିଙ୍କ ସହ ଜଡ଼ିତ ସ୍ମୃତିଚାରଣ କରିଥିଲେ। ପରିଷଦର ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ପ୍ରାକ୍‌କଥା ରଖିଥିବାବେଳେ ସଂପାଦକ ଦୀପକ ବୋଷ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ଅକ୍ଷୟ ସଙ୍ଗୀତ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ସହ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପରିଷଦର କୋଷାଧ୍ୟକ୍ଷ ତପନ ରାୟଙ୍କ ସଂଯୋଜନାରେ ଅନୁଷ୍ଠିତ ଅକ୍ଷୟ ସଙ୍ଗୀତ କାର୍ଯ୍ୟକ୍ରମରେ ସତ୍ୟରଂଜନ ମହାନ୍ତି, ଦେବାଶିଷ ମହାନ୍ତି, ସତ୍ୟାନନ୍ଦ ଦାସ, କଲ୍ୟାଣୀ ନନ୍ଦ, ଆକାଶ ପଣ୍ଡା, ଶ୍ୱେତାଲିସା ଶୁଭଦର୍ଶିନୀ, ମହିମା ଶତପଥୀ, ସ୍ମୃତିସ୍ୱରୂପା ମିଶ୍ର, ଶ୍ରେୟା ସର୍ବାଣୀ ଦାସ ପ୍ରମୁଖ ଅକ୍ଷୟ ସଙ୍ଗୀତ ପରିବେଷଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

### ପ୍ରଚାର ଖର୍ଚ୍ଚ ଉପରେ ...

୮୪୦୦, ଅଟୋ ୧୨୬୦, ଭିଡିଓ ଭ୍ୟାନ୍ ୫୨୫୦, ଡ୍ରାଇଭର ଦିନକ ଭଡ଼ା ୬୩୦, ଚା’ ୫ ଟଙ୍କା, କଫି ୧୩, ସମୋସା ୧୨ ଆଦି ସବୁ ଜିନିଷର ରେଟ୍ ଚାର୍ଟ ନିର୍ଦ୍ଧାରିତ କରିଛନ୍ତି ନିର୍ବଚନ ଆୟୋଗ। ସମସ୍ତ ପ୍ରାର୍ଥୀ ଓ ରାଜନୈତିକ ଦଳ ନିର୍ବାଚନ ଆୟୋଗଙ୍କୁ ପ୍ରଚାରରେ ଖର୍ଚ୍ଚ ହୋଇଥିବା ଟଙ୍କାର ପୂରା ବିବରଣୀ ଦେବାକୁ ବାଧ୍ୟତାମୂଳକ କରାଯାଇଛି।

### ଆଠଗଡ଼ରେ ବିଜେପିର....

ବିଜେପି ତାର ସ୍ଥିତିକୁ ସୁଦୃଢ କରିବା ପାଇଁ ବିଜେଡିର ଗଡ଼ ଭାବେ ପରିଚିତ ଆଠଗଡରେ ଏକ ବିଶାଳ ସମାବେଶର ଆୟୋଜନ କରିଥିଲା। ଏହି ସମାବେଶରେ ଶାସକ ଦଳ ଏବଂ ସ୍ଥାନୀୟ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ସିଧାସଳଖ ଟାର୍ଗେଟ୍ କରିଥିଲେ ଧର୍ମେନ୍ଦ୍ର। ଏହା ସହିତ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଏବଂ ଏହାର ସଫଳ ରୂପାୟନ ଦିଗରେ ଆଲୋକପାତ କରିଥିଲେ। ବିଶେଷ କରି ଆଠଗଡ ସମବାୟ ଦୁର୍ନୀତି ଓ ଚାଷ ସମସ୍ୟା, ବେରୋଜଗାରୀକୁ ନେଇ ଶାସକ ଦଳକୁ ଘେରିଥିଲେ ଧର୍ମେନ୍ଦ୍ର। ଏହି ସମାବେଶରେ ଜିଲ୍ଲା ସଭାପତି ପ୍ରକାଶ ବେହେରା, ଅଭୟ ବାରିକ, ବିଧାୟକ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର, ସ୍ମୃତିରେଖା ପଟ୍ଟନାୟକ, ରଶ୍ମିରେଖା ଦାସ ପ୍ରମୁଖ ଉପସ୍ଥିତ ରହି ଶାସକ ଦଳ ଏବଂ ସ୍ଥାନୀୟ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ସିଧାସଳଖ ଟାର୍ଗେଟ କରିଥିଲେ।

### ଖୋଲିଲା ଶିମିଳିପାଳ...

କେବଳ ଅନ୍‌ଲାଇନ୍‌ରେ ବୁକିଂ କରିପାରିବେ। ତେବେ ସାଥୀରେ ପ୍ଲାଷ୍ଟିକ, ମାଦକ ଦ୍ରବ୍ୟ, ଦାହନଶୀଳ ଦ୍ରବ୍ୟ ନେଇପାରିବେ ନାହିଁ। ସନ୍ଧ୍ୟା ୫ଟାରେ ଶିମିଳିପାଳ ଛାଡ଼ିବାକୁ ପଡ଼ିବ। ସାଙ୍ଗରେ ନେବାକୁ ପଡିବ ଗାଇଡ। ଶିମିଳିପାଳ ବୁଲି ହାତୀ, ହରିଣ, ସମ୍ବର, ମୟୂର ଓ ଅନେକ ପଶୁ ପକ୍ଷୀଙ୍କୁ ଦେଖିପାରିବେ ପର୍ଯ୍ୟଟକ। ଏହାଛଡ଼ା ପ୍ରକୃତି କୋଳରେ କୁଳୁକୁଳୁ ନାଦ କରି ବୋହି ଯାଉଥିବା ବରେହିପାଣି, ଜୋରୋଣ୍ଡା ପରି ମନଲୋଭା ଝରଣାର ପ୍ରାକୃତିକ ପରିବେଶର ମଜା ଉଠାଇବା ପର୍ଯ୍ୟଟକ। ଦିନରେ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ଗେଟ୍‌ରେ ଟଙ୍କା ଦାଖଲ କଲେ ବରେହିପାଣି ପାଖରେ ରନ୍ଧା ଖାଦ୍ୟ ମିଳିବ। ଶିମିଳିପାଳରେ ବଣ ଭୋଜି ପାଇଁ ଅନୁମତି ନାହିଁ। ଶିମିଳିପାଳ ବ୍ୟତୀତ ଆଜି ଦେବକୁଣ୍ଡକୁ ମଧ୍ୟ ବହୁ ପର୍ଯ୍ୟଟକଙ୍କ ଯିବା ପାଇଁ ଅନୁମତି ମିଳିଛି। ଦିନ ଓ ରାତି ପର୍ଯ୍ୟଟକମାନେ ଗେଟ୍ ପାସ ପାଇଁ ଅନଲାଇନ୍‌ରେ ଆବେଦନ କରି ପାରିବେ। ସେଥିପାଇଁ ପରିଚୟପତ୍ର ଦାଖଲ କରିବାକୁ ପଡ଼ିବ। ମିଳିଥିବା ସୂଚନା ଅନୁସାରେ ଗତବର୍ଷ ୮୦୦୦ ଗାଡ଼ିରେ ୪୨ ହଜାର ପର୍ଯ୍ୟଟକ ଶିମିଳିପାଳ ଅଭୟାରଣ୍ୟ ପରିଭ୍ରମଣ କରିଥିଲେ। ସେଥିରୁ ୩ କୋଟି ୫୦ ଲକ୍ଷ ଟଙ୍କାର ରାଜସ୍ୱ ଆଦାୟ ହୋଇଥିଲା। ୪୨ ହଜାର ପର୍ଯ୍ୟଟକଙ୍କ ଭିତରୁ ୨୮ ହଜାର ଅନ୍ୟ ରାଜ୍ୟର ହୋଇଥିବା ବେଳେ ୪୪ ଜଣ ବିଦେଶୀ ପର୍ଯ୍ୟଟକ ରହିଥିଲେ।

### ପାକିସ୍ତାନ ବିରୋଧରେ...

ଇନଫର୍ମ ମହମ୍ମଦ ରିଜୱାନଙ୍କ ୱିକେଟ ରହିଥିଲା। ୧୯୨ ରନର ଟାର୍ଗେଟ ପାଇଥିବା ଭାରତ ପାଇଁ ରୋହିତ ଶର୍ମା ଓ ଶୁବମନ ଗିଲ ଇନିଂସ ଆରମ୍ଭ କରିଥିଲେ। ପ୍ରଥମ ଓଭରରୁ ହିଁ ଦୁଇ ବ୍ୟାଟର ଚୌକା ମାରି ନିଜ ନିଜର ଖାତା ଖୋଲିଥିଲେ। ଦ୍ୱିତୀୟ ଓଭରରେ ହାସନ ଅଲୀଙ୍କୁ ଗିଲ୍ ୩ଟି ଚୌକା ମାରି ନିଜର ବିସ୍ଫୋରକ ରୂପ ଦେଖାଇଥିଲେ। ହେଲେ ତୃତୀୟ ଓଭରରେ ସେ ୧୬ ରନ କରି ଶାହୀନ ଶାହ ଆଫ୍ରିଦିଙ୍କ ବଲରେ ଆଉଟ ହୋଇ ଯାଇଥିଲେ। ଭାରତ ୨୩ ରନରେ ପ୍ରଥମ ୱିକେଟ ହରାଇଥିଲା। ୱିକେଟ ଯାଇଥିଲେ ମଧ୍ୟ ରୋହିତଙ୍କ ବ୍ୟାଟରୁ ଛକା ବର୍ଷା ଦେଖିବାକୁ ମିଳିଥିଲା। ତାଙ୍କ ବ୍ୟାଟ୍‌ରୁ ବାହାରିଥିଲା ଗୋଟିଏ ପରେ ଗୋଟିଏ ଛକା। ସେ ପୂରା ମ୍ୟାଚ୍‌ରେ ପ୍ରଥମ ଛକା ମାରିବାର ରେକର୍ଡ ମଧ୍ୟ କରିଥିଲେ। ଶାହୀନ ଶାହ ଆଫ୍ରିଦି ପକାଇଥିବା ବାଉନ୍ସରକୁ ରୋହିତ ବାଉଣ୍ଡରୀ ବାହାରକୁ ପକାଇ ନିଜର ବିସ୍ଫୋରକ ରୂପ ଦେଖାଇଥିଲେ। ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳା ଯାଉଥିବା ଭାରତ-ପାକିସ୍ତାନ ମ୍ୟାଚ୍‌ରେ ଏହା ପ୍ରଥମ ଛକା ଥିଲା। କାରଣ ପ୍ରଥମେ ବ୍ୟାଟିଂ କରୁଥିବା ପାକିସ୍ତାନ ୪୨ ଓଭର ବ୍ୟାଟିଂ କରିଥିଲେ ମଧ୍ୟ ଗୋଟିଏ ହେଲେ ଛକା ମାରିବାକୁ ସକ୍ଷମ ହୋଇ ନଥିଲା। ପୂରା ଦଳ ୧୯୧ ରନ କରି ଅଲଆଉଟ ହୋଇ ଯାଇଥିଲା। ଦ୍ୱିତୀୟ ୱିକେଟ ପାଇଁ ରୋହିତ ଓ ବିରାଟ କୋହଲି ଦ୍ରୁତଗତିରେ ରନ ସଂଗ୍ରହ କରିବା ଆରମ୍ଭ କରିଥିଲେ। ବିଶେଷ କରି ରୋହିତଙ୍କ ବ୍ୟାଟରୁ ବଡ଼ ଶଟ ଦେଖିବାକୁ ମିଳିଥିଲା। ସେ ଆଫ୍ରିଦିଙ୍କୁ ମ୍ୟାଚ୍?ର ପ୍ରଥମ ଛକା ମାରିଥିବା ବେଳେ ମହମ୍ମଦ ନୱାଜଙ୍କୁ ଦ୍ୱିତୀୟ ଛକା ମାରିଥିଲେ। ଏହାପରେ ହାରିଶ ରୌଫଙ୍କ ଗୋଟିଏ ଓଭ?ରେ ରୋହିତ ୨ଟି ଛକା ମାରି କାହିଁକି ତାଙ୍କୁ ହିଟ ମ୍ୟାନ କୁହାଯାଏ, ତା’ର ପ୍ରମାଣ ଦେଇଥିଲେ। ଏଥିସହ ୩୬ ବଲରେ ନିଜର ଅର୍ଦ୍ଧଶତକ ହାସଲ ବି କରିଥିଲେ। ଗୋଟିଏ ପଟେ ରୋହିତ ବଡ଼ ଶଟ ମାରୁଥିବା ବେଳେ ବିରାଟ କିନ୍ତୁ ୧୮ ବଲରେ ୧୬ ରନ କରି ହାସନ ଅଲୀଙ୍କ ବଲରେ ପ୍ୟାଭିଲିୟନ ଫେରିଥିଲେ। ରୋହିତଙ୍କୁ ଏହି ସମୟରେ ସାଥ ଦେବାକୁ ଆସିଥିଲେ ଶ୍ରେୟସ ଆୟର। ଲାଗୁଥିଲା ସେ ଧିମା ଖେଳିବେ। ହେଲେ ସେ ମଧ୍ୟ ରୋହିତ ଶର୍ମାଙ୍କ ଭଳି ବଡ଼ବଡ଼ ଶଟ ମାରିବା ଆରମ୍ଭ କରିଥିଲେ। ରୋହିତ ଆରମ୍ଭରୁ ପେସ୍‌କୁ ଆଟାକ କରୁଥିବା ବେଳେ ମଧ୍ୟକ୍ରମରେ ଦୁଇ ସ୍ପିନର ମହମ୍ମଦ ନୱାଜ ଓ ଶଦାବ ଖାନଙ୍କୁ ଆଟାକ କରିଥିଲେ। ରୋହିତ ଶତକ ଆଡ଼କୁ ଯାଉଥିବା ବେଳେ ଆଫ୍ରିଦି ନିଜର ଦ୍ୱିତୀୟ ସ୍ପେଲରେ ତାଙ୍କୁ ଆଉଟ କରି ଦେଇଥିଲେ। କିନ୍ତୁ ସେତେବେଳକୁ ଭାରତ ହାତ ମୁଠାକୁ ମ୍ୟାଚ୍? ଚାଲି ଆସିଥିଲା। ରୋହିତ ୬୩ ବଲରେ ୮୬ ରନର ଇନିଂସ ଖେଳିଛନ୍ତି। ଏଥିରେ ସେ ୬ଟି ଛକା ଓ ୬ଟି ଚୌକାର ମାରିଛନ୍ତି। ରୋହିତ ଆଉଟ ହେଲା ବେଳକୁ ଭାରତକୁ ଜିତିବା ପାଇଁ ୨୮.୨ ଓଭରରେ ମାତ୍ର ୩୬ ରନର ଆବଶ୍ୟକ ଥିଲା। ଏହି ସମୟରେ ଆୟର ୩୬ ରନରେ ବ୍ୟାଟିଂ କରୁଥିଲେ। ତାଙ୍କୁ କେଏଲ ରାହୁଲ ସାଥ ଦେଇଥିଲେ। ଉଭୟ ବେଶ ସତର୍କତାର ସହ ଦଳୀୟ ସ୍କୋରକୁ ଆଗକୁ ନେଇଥିଲେ। ରାହୁଲ ୨ରୁ ୩ ଓଭର ବେଶ ରକ୍ଷଣଶୀଳ ଭାବେ ଖେଳିଥିଲେ। କିନ୍ତୁ ୩୦ତମ ଓଭର ବୋଲିଂ କରୁଥିବା ହାସନ ଅଲୀଙ୍କୁ ଚୌକା ମାରି ବିଜୟ ବ୍ୟବଧାନକୁ ୬କୁ ଖସାଇ ଆଣିଥିଲେ। ଅନ୍ୟପଟେ ଶ୍ରେୟସ ଆୟର ୪୮ ରନ କରି ଅପରାଜିତ ରହିଥିଲେ। ତେଣୁ ରାହୁଲ ଆଦୌ ବଡ଼ ଶଟ ଖେଳି ନଥିଲେ। ସେ ଚାହୁଁଥିଲେ ଯେ ଆୟର ଅର୍ଦ୍ଧଶତକ ପୂରଣ କରନ୍ତୁ। ଆୟର ୩୧ ତମ ଓଭର ବୋଲିଂ କରୁଥିବା ନୱାଜଙ୍କ ପ୍ରଥମ ବଲରେ ୧ ରନ ନେଇ ରାହୁଲଙ୍କୁ ଷ୍ଟ୍ରାଇକ ଦେଇଥିଲେ। ରାହୁଲ ପରବର୍ତ୍ତୀ ବଲରେ ୧ ରନ ନେଇଥିଲେ। ଶ୍ରେୟସ ତୃତୀୟ ବଲରେ ଚୌକା ମାରିବା ସହ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ। ଏଥିସହ ଭାରତକୁ ମୋଦି ଷ୍ଟାଡିୟମରେ ବିଜୟ ଭେଟି ଦେଇଥିଲେ। ଆୟର ଶେଷ ଯାଏ ୬୨ ବଲରେ ୫୩ ଓ ରାହୁଲ ୨୯ ବଲରେ ୧୯ ରନ କରି ଅପରାଜିତ ରହିଥିଲେ।

# ଜୁଡିସିଆଲ ହବ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆନ୍ଦୋଳନକୁ ଜୋରଦାର ଜିଲ୍ଲା ସବୁ ଅଞ୍ଚଳରେ କରାଯିବାର ହେଲା ନିଷ୍ପତ୍ତି




ବାଲେଶ୍ୱର, ୧୪/୧୦ (ନି.ପ୍ର): ବାଲେଶ୍ୱର ସହର ମଧ୍ୟରେ ପ୍ରସ୍ତାବିତ ଜୁଡିସିଆଲ ହବ୍ ନୂତନ ଭାବେ ନିର୍ମାଣ ହେବା ଦାବୀରେ ଆଜି ଅପରାହ୍ନରେ ସ୍ଥାନୀୟ ଷ୍ଟେସନ୍ କ୍ଲବ୍ ସଭାଗୃହରେ ଜୁଡିସିଆଲ ହବ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କମିଟିର ସଭାପତି ଗୌରୀ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ କମିଟିର ଉପସଭାପତି ମହମ୍ମଦ୍ ଇସ୍‌ଲାମ୍ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଅନ୍ୟତମ ଉପସଭାପତି ଜିତେନ୍ଦ୍ର ଉପାଧ୍ୟାୟ ମଞ୍ଚ ସଞ୍ଚାଳନ କରିଥିଲେ ଯୁଗ୍ମ ସଂପାଦକ ପ୍ରଭାତ କୁମାର ଅତିଥିମାନଙ୍କୁ ମଞ୍ଚାସୀନ ହେବାକୁ ନିମନ୍ତ୍ରଣ କରିଥିଲେ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପାଖାପାଖି କଚେରୀହତାରେ ସହର ମଧ୍ୟରେ ଜିଲ୍ଲା ଜୁଡିସିଆଲ ହବ୍ ନିର୍ମାଣ ହେଲେ ଏଥିରେ ଜନସାଧାରଣ ଗମନାଗମନ ଦୃଷ୍ଟିରୁ ସୁବିଧା ପାଇବା ସହ କୋର୍ଟରେ ସାକ୍ଷୀମାନେ ସୁରକ୍ଷିତ ଭାବେ କୋର୍ଟରେ ପହଞ୍ଚି ତାଙ୍କର ବୟାନ ଦେଇପାରିବେ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସହ ବିଭିନ୍ନ ରେଭିନ୍ୟୁ କୋର୍ଟ ପାଖରେ ନୂତନଭାବେ ଜିଲ୍ଲାଜଜଙ୍କ ଅତ୍ୟୁଚ୍ଚ ଅଟ୍ଟାଳିକା ନିର୍ମାଣ ହେଲେ ଗରୀବ ଜନସାଧାରଣ, ମହକିଲ, ଓକିଲ, ଟାଇପିଷ୍ଟ, ଭେଣ୍ଡର ଉପକୃତ ହେବେ। ଏହି ଦିଗରେ କମିଟି ବିଧିବଦ୍ଧ ଭାବରେ ବହୁବିଧ କାର୍ଯ୍ୟକ୍ରମ ଗ୍ରହଣ କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଥିଲେ, ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ମାନସଚନ୍ଦ୍ର ରଥ, ଉପଦେଷ୍ଟା ପୁରୋଷଉମ ବିଶ୍ୱାଳ, ଶରତ ଚନ୍ଦ୍ର ମହାପାତ୍ର, ନବକିଶୋର ପଣ୍ଡା, ରବିନ୍ ଚନ୍ଦ୍ର ଜେନା, ବରଦା ପ୍ରସନ୍ନ ପଟ୍ଟନାୟକ, ବିପ୍ଳବ ମହାନ୍ତି, ନିରଞ୍ଜନ ପରିଡ଼ା, ଦିଲ୍ଲୀପ କୁମାର ନାୟକ, ସୂର୍ଯ୍ୟକାନ୍ତ କର, କବି କାଳୀପଦ ପଣ୍ଡା, ପ୍ରତିମା ପଣ୍ଡା, ସରସ୍ୱତୀ ପଣ୍ଡା, ସମାଜସେବୀ ବିକ୍ରମ ପଣ୍ଡା, ଉତ୍ପଳ ମହାନ୍ତି, ତୁଷାରକାନ୍ତି ମହାପାତ୍ର, ହୃଦାନନ୍ଦ ବାରିକ, ରାଧାବଲ୍ଲଭ ଦାସ, ହୃଦାନନ୍ଦ ବାରିକ, ନାରାୟଣ ଚନ୍ଦ୍ର ସାହୁ, ସତ୍ୟେନ୍ଦ୍ର ଉମାଶଙ୍କର ରାଉତ, ପରମାନନ୍ଦ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ଭଗବାନ ଚନ୍ଦ୍ର ସାହୁ, ରାମେଶ୍ୱର ଦାସ, ସାକିଲା ବାନୋ, ସଂଯୁକ୍ତା ବେହେରା, ସର୍ମିଲା ଅକତାରୀ, ତୁଷାରକାନ୍ତ ନାୟକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ଜନଶୁଣାଣୀ କରି ଉପଯୁକ୍ତ ସ୍ଥାନରେ ହବ୍ ନିର୍ମାଣ ପାଇଁ ଦାବୀ କରିଥିଲେ। ଶେଷରେ କୋଷାଧ୍ୟକ୍ଷ ସୁବାସ ଚନ୍ଦ୍ର ମାସନ୍ତ ଧନ୍ୟବାଦ ଦେଇଥିଲେ।

ରବିବାର, ଅକ୍ଟୋବର ୧୫, ୨୦୨୩

ଧ୍ୱନି ପ୍ରତିଧ୍ୱନି

# ୨୨ ନଂ ୱାର୍ଡରେ ଘରେ ଘରେ କଂଗ୍ରେସ ଓ ଘରେ ଘରେ ହାତ କାର୍ଯ୍ୟକ୍ରମ

ଭଦ୍ରକ, ୧୪/୧୦ (ନି.ପ୍ର): ଭଦ୍ରକ ପୌରାଞ୍ଚଳ ଅନ୍ତର୍ଗତ ୨୨ ନଂ ୱାର୍ଡରେ ଭଦ୍ରକ ଜିଲ୍ଲା କଂଗ୍ରେସ କମିଟିର ମୁଖ୍ୟ ମୁଖପାତ୍ର ଶୁଭେନ୍ଦୁ ରାୟମହାପାତ୍ରଙ୍କ ନେତୃତ୍ୱରେ 'ଘରେ ଘରେ କଂଗ୍ରେସ, ଘରେ ଘରେ ହାତ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୨୨ ନଂ ୱାର୍ଡର ଛଡ଼ାକ ମହଲା, ପଠାଣସାହି, ସୁଲତାନ ନଗର ଓ ମୀରସାହି ଅଞ୍ଚଳର କଂଗ୍ରେସ କର୍ମୀମାନଙ୍କୁ ନେଇ ସମସ୍ତ ଅଞ୍ଚଳ ଏହି ପଟୁଆର ବୁଲି ଘରକୁ ଘର ଯାଇ ୨୪ବର୍ଷର ବିଜେଡ଼ି ସରକାର ଓ କେନ୍ଦ୍ରର ବିଜେପି ସରକାରଙ୍କର ବିଫଳତା ଓ ସାଧାରଣ ଜନତାଙ୍କ ସମସ୍ୟାଙ୍କ ସମ୍ବଳିତ ଏକ ପ୍ରଚାରପତ୍ର ବଣ୍ଟା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭଦ୍ରକ ଯୁବ କଂଗ୍ରେସ ବିଧାନସଭା ସଭାପତି ଇଲିୟାସ୍ ଅଲୀ ଖାନ୍, ନଗର ସଭାପତି ସୁଶାନ୍ତ ଦାସ, ୨୨ ନଂ ୱାର୍ଡର ପାରିଷଦ ଯମୁନା ସୋରେନ୍, କଂଗ୍ରେସ ନେତା ସେକ୍ କଲାମ୍, ସେକ୍ ସଲିମ୍, ନଜରୁଲ୍ ହୋଦା, ରିଆଜ୍ ଖାନ୍, ଅବଦୁଲ ରହିବ ଖାନ୍, ଅୟିନୁଲ ଖାନ୍, ବରିଷ୍ଠ କଂଗ୍ରେସ ନେତା ସେକ୍ ନାସିରୁଦ୍ଦିନ, ସେକ୍ ବୁଧୁ, ସେକ୍ ଇସ୍‌ରାକ୍, ଶାହାରୁଖ୍ ଖାନ୍, ସେନ୍ ଚନ୍ଦା, ସେକ୍ ବାବୁଲା, ସେହବାଜ୍ ଖାନ୍, ନିୟାଜ୍ ମୀର୍ଜା, ସେକ୍ ମୁସ୍ତକିମ୍ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।




# ଇଫକୋ ପରିସରରେ ଫ୍ଲେଭର ଫିଏଷ୍ଟା



ପାରାଦୀପ, ୧୪/୧୦ (ନି.ପ୍ର): ପାରାଦୀପସ୍ଥିତ ଇଫକୋ ଡିଏଭି ସ୍କୁଲ ପରିସରରେ ଜାତୀୟ ପୋସନ ମାସ ଅବସରରେ ଫ୍ଲେଭର ଫିଏଷ୍ଟା ଅନୁଷ୍ଠିତ ହୋଇଯାଇଛି। ଇଫକୋର ଜ୍ୟୋତି ଲେଡିଜ୍ କ୍ଲବ୍‌ର ସଭାନେତ୍ରୀ ମମତା ପଟେଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ଇଫକୋ ପାରାଦୀପ ୟୁନିଟ୍ ମୁଖ୍ୟ କେ.ଜେ.ପଟେଲ୍‌ଙ୍କ ସମେତ ବରିଷ୍ଠ ପ୍ରବନ୍ଧକ ପି.ଏସ.ନିଲାମ୍ବରନ୍, ମାନବ ସମ୍ବଳ ମୁଖ୍ୟ ପ୍ରବନ୍ଧକ ବି.କେ.ପରିଡା, ପ୍ରଣତି ନାୟକ, ପ୍ରଶାସନିକ ଅଧିକାରୀ ତଥା ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା, ପିପିଏଲ ଡିଏଭି ସ୍କୁଲ ଅଧକ୍ଷ ସଂଜୀବ କୁମାର ସାହୁ, ଇଫକୋ ଡିଏଭି ସ୍କୁଲ ଅଧକ୍ଷ ବଳରାମ ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଇଫକୋ ଡିଏଭି ସ୍କୁଲ ଛାତ୍ରଛାତ୍ରୀ ଅଭିଭାବକମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସ୍କୁଲର ଛାତ୍ରଛାତ୍ରୀ ଏବଂ ସେମାନଙ୍କ ମାଆମାନେ ସୁନ୍ଦର ଓ ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରିଥିଲେ। ଯାହାକୁ ସମସ୍ତେ ଉଚ୍ଚ ପ୍ରଶଂସା କରିଥିଲେ

# ୱାର୍ଡ ନଂ ୨୦ ଓ ୯ରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା

ବାରିପଦା, ୧୪/୧୦ (ନି.ପ୍ର): ରାଜ୍ୟ ସରକାରଙ୍କ ପକ୍ଷରୁ ସାଧାରଣ ଜନତାଙ୍କ ସୁବିଧା ନିମନ୍ତେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନହିତକର କାର୍ଯ୍ୟ ଗୁଡିକୁ ବାରିଦା ସହର ବାସୀଙ୍କ ନିକଟରେ ପହଞ୍ଚାଇବା ପାଇଁ ବିଜୁ ଜନତା ଦଳ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଏ ପର୍ଯ୍ୟନ୍ତ ବାରିପଦା ପୌରାଞ୍ଚଳର ୨୦ ଗୋଟି ୱାର୍ଡରେ ଅନୁଷ୍ଠିତ ହୋଇଥିବା ବେଳେ, ଆଜି ବାରିପଦାର ୱାର୍ଡ ନଂ ୨୦ ଓ ୯ ନମ୍ବର ୱାର୍ଡରେ ପଦଯାତ୍ରା ଶୁନଗଡିଆ ଅଞ୍ଚଳରୁ ବାହାରି ମଧୁବନଠାରେ ସମାପ୍ତ ହୋଇଥିଲା। ଏଥିରେ ଶହ ଶହ ସଂଖ୍ୟାରେ ଯୁବ, ଛାତ୍ର ଓ ମହିଳାମାନେ ଯୋଗ ଦେଇଥିଲେ। ସ୍ଥାନୀୟ କୃଷ୍ଣଚନ୍ଦ୍ର ଗୋଲେଇ ନିକଟରେ ଉପ-ନଗରପାଳ ସୀମା ଦାସ ଏବଂ କାଉନସିଲର କୁମାର ମୁଖୀଙ୍କ ପୌରହିତ୍ୟରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିବା ବେଳେ, ରଜ୍ୟ ରାଜସ୍ୱ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସୁଦାମ ମାରାଣ୍ଡି, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଜିଲ୍ଲା ପରିଷଦ ଅଧକ୍ଷ ଭାରତୀ ହାଁସଦା, ରାଜ୍ୟ ଅନୁସୂଚିତ ଜାତି, ଜନଜାତି ଓ ସଂଖ୍ୟାଲଘୁ ବିଭାଗର ଉପଦେଷ୍ଟା ସରୋଜିନୀ ହେମ୍ବ୍ରମ, ପୂର୍ବତନ ଉପ-ବାଚସ୍ପତି ସାନନ୍ଦ ମାରାଣ୍ଡି, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ଦେବାଶିଷ ମାରାଣ୍ଡି, ମିଶନ ଶକ୍ତି ଜିଲ୍ଲା ସଭାନେତ୍ରୀ ବିଷ୍ଣୁପ୍ରିୟା ଦାସ, ଜିଲ୍ଲା ଯୋଜନା ବୋର୍ଡର ସଭ୍ୟ ଜିତେନ୍ଦ୍ର ମହାନ୍ତି ପ୍ରମୁଖ ଉଦବୋଧନ ଦେଇ ବିକାଶ ଧାରାରେ ବାରିପଦା ସହର ତଥା ମୟୁରଭଞ୍ଜ ଜିଲ୍ଲା ଯୋଡି ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜୁ ଜନତା ଦଳ ମହିଳା ସଭାନେତ୍ରୀ ଦିପ୍ତୀଲତା ମିଶ୍ର, ଛାତ୍ର ସଭାପତି ସୁନୀଲ ନାୟକ, ବାରିପଦା ପୌରପରିଷଦର ସମସ୍ତ ବିଜେଡି କାଉନସିଲରଗ, ବାରିପଦା ନଗର ସଂଯୋଜକ ନୀରୋଜ ସାହୁ, ପୂର୍ବତନ କାଉନସିଲରଗଣ, ମହିଳା, ଯୁବ ଛାତ୍ର ବିଜେଡିର ସମସ୍ତ ଆଗଧାଡିର କାର୍ଯ୍ୟକର୍ତ୍ତା ମାନଙ୍କ ସହିତ ପ୍ରାୟ ୨ ହଜାରରୁ ଅଧିକ ଶୁଭେଚ୍ଛୁ ଯୋଗ ଦେଇଥିଲେ।



# ଭାରତୀୟ କ୍ରିକେଟ୍ ଦଳକୁ ଅଭିନନ୍ଦନ ଜଣାଇଲେ ନବୀନ

ଭୁବନେଶ୍ୱର, ୧୪/୧୦ (ନି.ପ୍ର): ଆଇସିସି କ୍ରିକେଟ୍ ବିଶ୍ୱକପ୍ ରେ ପାକିସ୍ତାନ ବିପକ୍ଷରେ ଭାରତର ସହଜ ବିଜୟ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭାରତୀୟ ପୁରୁଷ କ୍ରିକେଟ୍ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ସୋସିଆଲ ସାଇଟ୍ ଏକ୍ସ ରେ ମୁଖ୍ୟମନ୍ତ୍ରୀ ପୋଷ୍ଟ କରିଛନ୍ତି ଯେ ପାକିସ୍ତାନ ବିପକ୍ଷରେ ଏକ ପ୍ରଭାବଶାଳୀ ବିଜୟ ପଞ୍ଜିକରଣ କରିଥିବାରୁ ଭାରତୀୟ ପୁରୁଷ କ୍ରିକେଟ୍ ଦଳକୁ ଅଭିନନ୍ଦନ। ଭାରତୀୟ ଦଳ ଚାଲିଥିବା ଆଇସିସି କ୍ରିକେଟ୍ ୱାର୍ଲ୍ଡକପ୍ ୨୩ ରେ ନିଜର ଉଲ୍ଲେଖନୀୟ ପ୍ରଦର୍ଶନ ଜାରି ରଖି ଦେଶ ପାଇଁ ଗୌରବ ଆଣନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାସହ ଭବିଷ୍ୟତ ମ୍ୟାଚ୍ ଗୁଡିକ ପାଇଁ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ।

# ଗୁଡ଼ିଖାଲ ଶିବମୁନି ଯୋଗାଶ୍ରମରେ ଶିବମୁନି ଜୀଙ୍କ ୧୪୦ ତମ ଜନ୍ମଜୟନ୍ତୀ ପାଳନ

ଗୁଡ଼ିଖାଳ , ୧୪/୧୦ (ନି.ପ୍ର): ଗୁଡ଼ିଖାଲ ଶିବମୁନି ଯୋଗାଶ୍ରମରେ, ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜ, ଓଡିଶା ପ୍ରାନ୍ତର, ପୂର୍ବତନ ପ୍ରାନ୍ତୀୟ ଅଧକ୍ଷ, ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଶଶଧର ମୁନିଜୀ ଙ୍କ କରକମଳରେ ସତ୍ୟ ପତାକା ଉତ୍ତୋଳନ କରାଯାଇ,ଆଦି ମୁନୀଶ୍ୱର ଯୋଗେଶ୍ୱର ସଦ୍ ଗୁରୁଦେବ ଶିବମୁନି ଜୀଙ୍କ ୧୪୦ ତମ ଜନ୍ମଜୟନ୍ତୀ ପାଳନ ର ଶୁଭାରମ୍ଭ କରାଯାଇଥିଲା। ସଭାପତି ଆସନ ଅଳଙ୍କୃତ କରିଥିଲେ,ମୁନି ସମାଜର କ୍ୱୋଡି, ଜିଲ୍ଲା ସମ୍ପାଦକ, ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ, ଆତ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ମୁନି ଜୀ ମହୋଦୟ। ମଞ୍ଚାସୀନ ଥିଲେ, ଆଶ୍ରମର ସମ୍ପାଦକ ଆତ୍ମଜ୍ଞାନୀ ମୁନିରାଜ ଗୋପାଳକୃଷ୍ଣ ମହାପାତ୍ର, ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଲେଖକଶ୍ରୀ ଶଶଧର ମୁନି,ବରିଷ୍ଠ ଆତ୍ମଜ୍ଞାନୀ ଭାଗବତାଚାର୍ଯ୍ୟ ଦାମୋଦର ମୁନି, ଯୋଗୀ ଅନନ୍ତ ଦେ,ଯୋଗୀ ପ୍ରଫୁଲ୍ଲ ମୁନି, ଯୋଗୀ ପରମାନନ୍ଦ ମୁନି, ଯୋଗୀ ଚିତ୍ତରଞ୍ଜନ ମୁନି,ଯୋଗୀ ବଳରାମ ମୁନି, ଯୋଗୀ ଲମ୍ବୋଦର ମୁନି,ଯୋଗୀ ଭିକାରି ଚରଣ ମୁନି,ଯୋଗୀ ଅରୁଣ ମୁନି,ଯୋଗୀ କୃପାସିନ୍ଧୁ ମୁନି, ଯୋଗଶିକ୍ଷୟତ୍ରୀ ଶାନ୍ତିଲତା ବେହେରା, କମଳକାମିନୀ ଦେ,ସୁବାସିନୀ ମହାନ୍ତି ପ୍ରମୁଖ। ଉପସ୍ଥିତ ଥିଲେ, ମୁନି ରାଜ ପିତାମ୍ବର ସାହୁ ମାର୍କୋଣା,ଯୋଗୀ ଗଦାଧର ମୁନି,ଯୋଗୀ ଧରଣୀଧର ମୁନି, ଯୋଗଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା,ମୁନିରାଜ ଅମୂଲ୍ୟ ମୁନି,ମୁନିରାଜ ଚନ୍ଦ୍ରମୋହନ ମୁନି,କୃର୍ତ୍ତୀବାସ ମୁନି, ରବୀନ୍ଦ୍ର ମୁନି, ଯୋଗଶିକ୍ଷୟତ୍ରୀ ବନ୍ଦିତା, ମୁନିରାଜ୍ଞୀ କନକଲତା ମହାପାତ୍ର,ମୁନିମତୀ କବିତାରାଣୀ ମହାପାତ୍ର ଓ ମୁନିମତୀ ସୁକାନ୍ତି ବାରିକ ଇତ୍ୟାଦି ବହୁ ଶିବମୁନି ଜୀଙ୍କ ପରିବାରର ସଦସ୍ୟ ସଦସ୍ୟା ବୃନ୍ଦ।ସର୍ବ ପ୍ରଥମେ ସମୂହ ପ୍ରଣବ ଶୁଭ ଭାବନା ବେଦ ପାଠ, ଶାନ୍ତି ପାଠ କରାଯାଇ ଥିଲା। ଆଶ୍ରମର ସମ୍ପାଦକ ଆତ୍ମଜ୍ଞାନୀ ମୁନିରାଜ ଗୋପାଳକୃଷ୍ଣ ମହାପାତ୍ର ଉପସ୍ଥିତ ସମସ୍ତଙ୍କୁ ଅଭିନନ୍ଦନ ଜଣାଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ତାପରେ ମୁନି ସମାଜର ସଦସ୍ୟ ସଦସ୍ୟା ହୋଇ ,ଜୀବନରେ କ'ଣ କ'ଣ ସବୁ ଉପକାର ପାଇଛନ୍ତି, ନିଜର ଅନୁଭୂତି ପ୍ରକାଶ କରିବା ନିମନ୍ତେ ସମସ୍ତଙ୍କୁ ସୁଯୋଗ ଦିଆଯାଇଥିଲା। ବହୁ ସଂଖ୍ୟାରେ ,ନିଜର ଅନୁଭୂତି ଅନୁସାରେ ପ୍ରକାଶ କରିଛନ୍ତି। ଶିବମୁନି ଜୀଙ୍କର ଅଭିଳାସ ଥିଲା,ଯେ ସମଗ୍ର ମାନବ ଜାତି ସତ୍ୟକୁ ଜାଣନ୍ତୁ।ତାଙ୍କର ଅନୁଗାମୀମାନେ ସତ୍ୟର ପ୍ରଚାର ପ୍ରସାର କରନ୍ତୁ। ନିଜକୁ ଜାଣନ୍ତୁ। ଶେଷରେ ଯୋଗୀ ଅରୁଣ ମୁନି ସମସ୍ତଙ୍କୁ, ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସହ ଭୋଜନରେ ଆପ୍ୟାୟିତ କରିଥିଲେ।



# ସୁପ୍ତ ଅର୍ନ୍ତନିହିତ ପ୍ରତିଭାର ବିକାଶ ପାଇଁ ବିଜ୍ଞାନ ମେଳା ଅପରିହାର୍ଯ୍ୟ

ବଡ଼ସାହି , ୧୪/୧୦ (ନି.ପ୍ର): ପବିତ୍ର ମହାଳୟା ଅବସରରେ ଉତ୍କଳ ଶିକ୍ଷା ପରିଷଦ ମାର୍ଗଦର୍ଶନରେ ବାଣୀପୀଠ ଦ୍ୱାରା ପରିଚାଳିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୨୩ତମ ବିଜ୍ଞାନ ମେଳା ଓ ଓଡ଼ିଆ ଲେଖକ ପରିଷଦ, ଆମ ସୁନାଚାନ୍ଦ ଜାତୀୟ ଶିଶୁ ସାହିତ୍ୟ ସଂସ୍ଥାନ ଓ ରାଷ୍ଟ୍ରଭାଷା ସାହିତ୍ୟ ସଂସ୍କୃତି ଆକାଦମୀଙ୍କ ମିଳିତ ଆନୁକୂଲ୍ୟରେ ଶାରଦୀୟ କବିତା ଆସର ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତିତ୍ୱ କରିଥିଲେ ମାଆ ନିଶାମଣି ରାଉତ। ମୁଖ୍ୟଅତିଥି ଭାବେ ଆଶୁକବି ବାସୁଦେବ ନାପିତ ଯୋଗଦାନ କରି ଶାରଦୀୟ କବିତା ସଂସାରର ସବୁ ବର୍ଗର ଜନସାଧାରଣଙ୍କୁ ବିମହିତ କରିଥାଏ ଏବଂ ସାହିତ୍ୟ ଓ ବିଜ୍ଞାନର ସଂପର୍କ ଖୁବ ନିବିଡ଼ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ କବି ନିରୋଦ ସୁନ୍ଦର ଜେନା ଓ ସମ୍ମାନୀତ ଅତିଥି ଭାବେ କବି ରତିକାନ୍ତ ବେହେରା, ପ୍ରଦୀପ କୁମାର ଜେନା, ବ୍ରହ୍ମାନନ୍ଦ ବେହେରା, ପର୍ଶୁରାମ ସାହୁ ଓ ଲୋକନାଥ ମହାନ୍ତ ଯୋଗଦାନ କରି କବିର କବିତା ଯୁଗେ ଯୁଗେ ମହାନ ବୋଲି ଅଭିହିତ କରିଥିଲେ। କବିତା ସଂଯୋଜନା କବି ଶିବଶଙ୍କର ଭୂୟାଁ କରିଥିବାବେଳେ କବି କାର୍ତ୍ତିକ ସେଠୀ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଦିବା ୧୦ ଘଟିକାରୁ ଆରମ୍ଭ ହୋଇଥିଲା। ଏଥିରେ ବଡ଼ସାହି ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଗୁରୁଜୀ ବେଣୁଧର ବେହେରା, ମନୋଜ ମହାନ୍ତ, ଶର୍ମିଷ୍ଠା ମହାନ୍ତ, ପ୍ରତାପପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଗୁରୁମା ଦିପ୍ତିରେଖା ମହାକୁଡ଼, ବର୍ଷା ବିନ୍ଧାଣୀ, ସାନବେଲାକୁଟି ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଗୁରୁଜୀ ଭବେନ୍ଦ୍ର ପାତ୍ର, ସୁଜାତା କର ଓ ବିବେକାନନ୍ଦ ଇଂରାଜୀ ମାଧମ ବିଦ୍ୟାଳୟର ଗୁରୁମା ସନାକ୍ଷି ଦଣ୍ଡପାଟ, ମଧୁସ୍ମିତା ବାରିକ ପରିଚାଳନା କରିଥିଲେ। ବିଜ୍ଞାନ ପର୍ଯ୍ୟବେକ୍ଷକ ଭାବେ ବିଜ୍ଞାନ ଶିକ୍ଷକ ଦେବରାଜ ନାୟକ ଓ ରଣଜିତ ମହାନ୍ତି ଯୋଗଦାନ କରିଥିଲେ। ଚାରୋଟି ବର୍ଗରେ ୧୫୫ଟି ପ୍ରକଳ୍ପ ପଦର୍ଶିତ ହୋଇଥିଲା। ଆପରାହ୍ନରେ ଅନୁଷ୍ଠାନର ସହ ସଂପାଦକ ସମ୍ବିତ କୁମାର ରାଉତଙ୍କ ଅଧକ୍ଷତାରେ ଉଦଯାପନୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ମାନ୍ୟବର ବଡ଼ସାହି ବିଧାୟକ ସନାତନ ବିଜୁଳି ଯୋଗଦାନ କରି ପିଲାମାନଙ୍କ ଭିତରେ ଥିବା ସୁପ୍ତ ଅର୍ନ୍ତନିହିତ ପ୍ରତିଭାର ବିକାଶ ପାଇଁ ବିଜ୍ଞାନ ମେଳା ଅପରିହାର୍ଯ୍ୟ ବୋଲି ମତ ବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ଡକ୍ଟର ସରୋଜ କୁମାର ନାୟକ, ସ୍ୱତନ୍ତ୍ର ଅତିଥିଭାବେ ଉତ୍କଳ ଶିକ୍ଷା ପରିଷଦର ସାଧାରଣ ସଂପାଦକ ଯୋଗେନ୍ଦ୍ର ଦାଶ, ସମ୍ମାନିତ ଅତିଥି ଭାବେ ଭୂତପୂର୍ବ ଜିଲ୍ଲା ବିଜ୍ଞାନ ପରିଦର୍ଶକ ତଥା ପ୍ରଧାନ ଶିକ୍ଷକ ଅମିତାଭ ମିଶ୍ର ଓ ସମ୍ମାନିତ ବକ୍ତା ଭାବେ ଦୀପକ କୁମାର ଦାସ, ଜାହ୍ନବୀ ଦଣ୍ଡପାଟ ଓ ସଂଯୁକ୍ତା ଦାସ ଯୋଗଦାନ କରି ବିଜ୍ଞାନର ଅଭୂତପୂର୍ବ ସଫଳତାର ଜୟ ଜୟ ଗାନ କରିଥିଲେ। ଅତିଥିମାନଙ୍କ ଦ୍ୱାରା ମାସିକ ଶିଶୁ କିଶୋର ପତ୍ରିକା ଆମ ସୁନାଚାନ୍ଦର ପୂଜା ସଂଖ୍ୟା ଉନ୍ମୋଚିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠାନର ଅଧକ୍ଷ ଡକ୍ଟର କୁମାର ବାବୁଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବାବେଳେ କାର୍ଯ୍ୟକ୍ରମର ଅଭିମୁଖ୍ୟ ସଂପର୍କରେ ପ୍ରଧାନ ଆଚାର୍ଯ୍ୟା ସୂର୍ଯ୍ୟକାନ୍ତି ପୁହାଣ ସୂଚନା ପ୍ରଦାନ କରିଥିଲେ। ଅତୁଲ୍ୟ ସୁନ୍ଦର ଭଞ୍ଜବାବୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶାନ୍ତିପ୍ରବୀର ରାଉତ ଅନ୍ୟବାଦ ଅର୍ପଣ କରିଥିଲେ।




# କମିସନରେଟ୍ ପୋଲିସ କବଜାରେ ନିଶାଦିଆ ଲୁଟେରା ଗ୍ୟାଙ୍ଗ

ଭୁବନେଶ୍ୱର, ୧୪/୧୦ (ନି.ପ୍ର): ପୂଜା ପୂର୍ବରୁ ନିଶାଦିଆ ଲୁଟେରା ଗ୍ୟାଙ୍ଗକୁ ଧରିଛି କମିସନରେଟ୍ ପୋଲିସ। ମାଷ୍ଟର ମାଇଣ୍ଡ ଲେଡିଡନ୍ ମୁସ୍କାନ ସମେତ ୪ଜଣଙ୍କୁ ଗିରଫ କରିଛି ପୋଲିସ। ମୁସ୍କାନ ଓରଫ ସରିଫା ଖାତୁନ ଚଲାଉଥିଲା ଲଣ୍ଡା ଗ୍ୟାଙ୍ଗ। ସେହିପରି ଅନ୍ୟ ତିନିଜଣ ହେଲେ ଗଞ୍ଜାମର କୁଖ୍ୟାତ ଲୁଟେରା ଲଣ୍ଡା ଓରଫ ଅଶୋକ ବେହେରା ଓ ନୟାଗଡର ସାନ ଲଣ୍ଡା ଓରଫ ପୂର୍ଣ୍ଣ ଚନ୍ଦ୍ର ସେଠି ଏବଂ ନୟାଗଡ଼ର ସୁଶାନ୍ତ ସେଠି। ଏହି ଗ୍ୟାଙ୍ଗ ଟ୍ରେନରେ ଆସୁଥିବା ଆର୍ମି ଯବାନ ଓ ରାଜ୍ୟ ବାହାରକୁ ଆସୁଥିବା ଓଡ଼ିଆଙ୍କୁ ଟାର୍ଗେଟ କରୁଥିଲେ। ମୁସ୍କାନ ଯାତ୍ରୀଙ୍କୁ ନିଜର ସୁନ୍ଦରତାରେ ଆକର୍ଷିତ କରି ଅଟୋରେ କିଛି ଦୂର ନେବା ପରେ ଚା ପିଇବା ଆଳରେ ସେଥିରେ ନିଶା ବଟିକା ମିଶାଇ ଅଚେତ କରାଇ ଲୁଟପାଟ କରିଥାଏ। ଏହାପରେ ଯାତ୍ରୀଙ୍କୁ ଷ୍ଟେସନ ନିକଟ କୌଣସି ଗଳିରେ ଫୋପାଡି ଦେଇ ଚାଲିଯାଇଥାନ୍ତି।

# ଭାରତୀୟ ଜନତା ଯୁବ ମୋର୍ଚ୍ଚା ପକ୍ଷରୁ ବାଇକ୍ ଶୋଭାଯାତ୍ରା

ବାସୁଦେବପୁର, ୧୪/୧୦ (ନି.ପ୍ର): ବାସୁଦେବପୁରର ଭାରତୀୟ ଜନତା ଯୁବ ମୋର୍ଚ୍ଚା ପକ୍ଷରୁ ବାଇକ ରାଲି ଅନୁଷ୍ଠିତ ହୋଇଯାଇଛି। ଏହି ବ୍ଲକ ର ପଦ୍ମପୁର ଠାରୁ ପ୍ରଥମେ ଭାରତୀୟ ଜନତା ଯୁବ ମୋର୍ଚ୍ଚା ର ରାଲି ଆରମ୍ଭ ହୋଇଥିଲା ରକ୍ତତୀର୍ଥ ଇରମ ପର୍ଯ୍ୟନ୍ତ। ଏହି ଶୋଭାଯାତ୍ରା ରେ ରାଜ୍ୟ ସମ୍ପାଦକ ମାନସ ସାହୁ, ସଭାପତି ଅଭିଲାଷ ପଣ୍ଡା ଏବଂ ସଂଯୋଜକ ତପନ ନାୟକ ଯୋଗ ଦେଇଥିଲେ। ରକ୍ତତୀର୍ଥ ଇରମ ରେ ଶହୀଦ ସମାଧି ପୀଠ ରେ ସମସ୍ତ ନେତୃ ମଣ୍ଡଳୀ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ଭାରତୀୟ ଜନତା ପାର୍ଟି ର ବରିଷ୍ଠ ନେତା ଅଭିମନ୍ୟୁ ସେଠି, ଦୀନବନ୍ଧୁ ପତି, ଅଶୋକ ସାହୁ, ମନୋଜ ନାୟକ, ଜିଲ୍ଲା ଉପସଭାପତି ଉଦୟ ନାରାୟଣ ମଲ୍ଲିକ, ସୁବାସ ପ୍ରଧାନ, ଭରତ ମିଶ୍ର,ରାଜେନ୍ଦ୍ର ବାରିକ, ତାଜୁ ଖାଁ, ରାଜଘରପୋଖରୀ ସରପଞ୍ଚ ଅରୁଣ ମହାନ୍ତି, ଦୀପକ ଆର୍ଯ୍ୟ, ସଚିନ ଆର୍ଯ୍ୟ,ଗୌର କୃଷ୍ଣ ମହାକୁଡ଼ ଓ ନାରୀ ନେତ୍ରୀ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ଭାରତ ବର୍ଷ ର ପ୍ରିୟ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ର ନିର୍ମଳ ଶାସନ, ଦକ୍ଷତା, ବିକାଶ, ସଫଳ ଯୋଜନା, ଦେଶ ସୁରକ୍ଷା, ଦେଶ ପ୍ରେମ, ରାଷ୍ଟ୍ରୀୟ ଚିନ୍ତାଧାରା କୁ ବିଜେପି ର ନେତା ମାନେ ଆଲୋଚନା କରିଥିଲେ।



# ବଣସୀମା ଆଞ୍ଚଳିକ ବିକାଶ ପରିଷଦର ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ

ନୀଳଗିରି, ୧୪/୧୦ (ନି.ପ୍ର): ଶନିବାର ନୀଳଗିରି ବ୍ଲକ ତେଲିପାଳ ପଞ୍ଚାୟତ ତଳଭଗାବନ୍ଧ ନିତାଇଗୌର ଆଶ୍ରମ ପରିସରରେ ବଣସୀମା ଆଞ୍ଚଳିକ ବିକାଶ ପରିଷଦର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି।ବଣସୀମାର ସର୍ବାଙ୍ଗୀନ ବିକାଶ ତଥା ଆଗାମୀ ଦିନରେ ପରିଷଦ ଆନୁକୂଲ୍ୟରେ ଗଡଜାତ ମିଶ୍ରଣ ଉତ୍ସବ ପାଳନ କରାଯିବା ସମ୍ପର୍କରେ ସଭାପତି ସୁରେଶ ଶଙ୍ଖୁଆ ସୂଚନା ଦେବାସହ ବୈଠକର କାର୍ଯ୍ୟ ପରିଚାଳନା କରିଥିଲେ। ବଣସୀମା ନୀଳଗିରିର ଏକ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ବଣସୀମାର ବିକାଶ ନହେଲେ ନୀଳଗିରିର ବିକାଶର ସ୍ୱପ୍ନ ଅଧୁରା ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ବଣସୀମା ମାଟିର ବଣପାହାଡଘେରା ଅଞ୍ଚଳ ସହ ଏହି ମାଟିର ମଣିଷମାନଙ୍କର ପୂର୍ବଜ ମାନଙ୍କର ଗଡଜାତ ମିଶ୍ରଣରେ ରାଜାଶାସନ ହଟାଇବାରେ ଭୁମିକାକୁ ମନେପକାଇ ଏକ ସାକାରାତ୍ମକ ଆଲୋଚନା କରି ଗଡଜାତ ମିଶ୍ରଣ ଉତ୍ସବ ପାଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଉକ୍ତ ବୈଠକରେ ଅମରେନ୍ଦ୍ର ନାୟକ, ମାନସ ରଞ୍ଜନ ମିଶ୍ର, ପ୍ରଭାକର ବୁଗୁଡାଇ,ସୁଶାନ୍ତ ସେଠୀ, ମାନବେନ୍ଦ୍ର ନାୟକ, କୈଳାସ ଚନ୍ଦ୍ର ମିଶ୍ର, ଉର୍ମିଳା ଜେନା, ଅର୍ଣପୂର୍ଣା ସାହୁ, ପ୍ରମେୟ ମହାନ୍ତି , ଚନ୍ଦନ କୁମାର ରାଉତ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ସଞ୍ଜିପ କୁମାର ସ ଧନ୍ୟବାଦ ଅର୍ପଣ କରିଥିଲେ।



# ଖୋର୍ଦ୍ଧା ବେଗୁନିଆ ପୋଲିସ ବିପୁଳ ପରିମାଣରେ ବାଣ ଓ ବାଣ ତିଆରି ସାମଗ୍ରୀ ଜବତ

ଖୋର୍ଦ୍ଧା, ୧୪/୧୦ (ନି.ପ୍ର): ବିଶେଷ ସୂତ୍ରରୁ ଖବର ପାଇ ଖୋର୍ଦ୍ଧା ଏସପି ସିଦ୍ଧାର୍ଥ କାଟେରିଆ, ଆଇ .ଏ .ଏସ. ନିର୍ଦ୍ଦେଶ ଓ ଏସ ଡି ପି ଓ, - ଓ.ପି.ଏ.ଏସ .,ଶ୍ରୀ ଯୁକ୍ତ ଦିଲୀପ କୁମାରୀ ଦାସ ତତ୍ତ୍ୱାବଧାନରେ ବେବୁନିଆ ପୋଲିସ ଷ୍ଟାଫ ଥାନା ଭାରପ୍ରାପ୍ତ ଅଧିକାରୀ ବିଶ୍ୱନାଥ ରାଉତରାୟ, ଦୁଇ ଏସ .ଆଇ. ଉମାକାନ୍ତ ବେହେରା, ଜେ, ପୂଜାରୀ ଓ ଥାନା ସମସ୍ତ ପୋଲିସ ଷ୍ଟାଫ ମେଳ ହୋଇ, ସ୍ଥାନୀୟ କଣ୍ଟା ବାଡ଼,ଗ୍ରାମ, ଜଣେ ଚୋରା ବାଣ ବେପାରୀ ନାମ ବିଶ୍ୱନାଥ ମହାପାତ୍ର ପିତା ସ୍ୱର୍ଗତ ଅଧିକାରୀ ମହାପାତ୍ର ଓ ପ୍ରସନ୍ନକୁମାର୍ ମହାପାତ୍ର, ଗୋଡାଉନ ରୁ ଦୁଇ ମିନି ଟ୍ରକ ଭର୍ତି ବାଣ ୨୫ କେଜି ବାରୁଦ ଆଦି ଜବତ ହୋଇଛି। ଏହାର ଆନୁମାଳିକ ମୂଲ୍ୟ ୧୩ ଲକ୍ଷ। ପରେ ହେବ। ଖୋର୍ଦ୍ଧା ବେଗୁନିଆ ଥାନା କେସ ନ,୩୬୪ , ତାରିଖ ୧୪.୧୦,୦୨୩ ଆଇ ପିସି ଦୁଇ ଆସାମୀକୁ ଆଣି ପୋଲିସ ବେଗୁନିଆ ଥାନା ରେ ଅଟକ ରଖିଛି।

# ଲାଓସ୍‌ରେ ଅଟକ ଥିବା ୩୫ ଓଡ଼ିଆ ଶ୍ରମିକ ଖୁବ୍‌ଶୀଘ୍ର ଫେରିବେ : ଶ୍ରମ ମନ୍ତ୍ରୀ

ଭୁବନେଶ୍ୱର , ୧୪/୧୦ (ନି.ପ୍ର): ଦକ୍ଷିଣ ପୂର୍ବ ଏସିଆର ଲାଓସ୍ ରେ ଅଟକ ଥିବା ୩୫ ଓଡ଼ିଆ ଶ୍ରମିକଙ୍କୁ ଖୁବ୍ ଶୀଘ୍ର ଫେରାଇ ଅଣାଯିବ। ଶ୍ରମ ମନ୍ତ୍ରୀ ଶାରଦା ନାୟକ ଶ୍ରମିକଙ୍କ ଉଦ୍ଧାର ନେଇ ଏହା କହିଛନ୍ତି। ସେ କହିଛନ୍ତି ୪ଟି ଜିଲ୍ଲାର ୩୫ ଶ୍ରମିକଙ୍କୁ ଫରାଇ ଆଣିବାକୁ ବ୍ୟବସ୍ଥା ହେଉଛି। ପ୍ରତିଟି ଜୀବନ ମୂଲ୍ୟବାନ, ଓଡ଼ିଆ ଶ୍ରମିକ ଖୁବ ଶୀଘ୍ର ଫେରିବେ। ସୂଚନାଯୋଗ୍ୟ ଯେ ଲାଓସରେ ବନ୍ଦୀ ଥିବା ୩୫ ଓଡିଆ କର୍ମଚାରୀଙ୍କ ପ୍ରତ୍ୟାବର୍ତନ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତକାଲି ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo